(ପୃଷ୍ଠା-୮+୮)

# ଧରିତ୍ରୀ
DHARITRI

ଭୁବନେଶ୍ୱର, ସୋମବାର, ନଭେମ୍ବର ୨୨/୨୦୨୧ (୮+୮=୧୬ ପୃଷ୍ଠା) | Bhubaneswar, Monday, November 22/2021 | ★★★★★★

୪୭ଶ ଭାଗ ୩୫୬ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-



**କରୁଣାରତ୍ନେଙ୍କ ଅପରାଜିତ ଶତକ**

ୱେଷ୍ଟଇଣ୍ଡିଜ ବିପକ୍ଷ ପ୍ରଥମ ଟେଷ୍ଟ ମ୍ୟାଚ୍‌ରେ ଶ୍ରୀଲଙ୍କା ଅଧିନାୟକ ଦିମୁଥ କରୁଣାରତ୍ନେ ଶତକ ହାସଲ କରି ଅପରାଜିତ ରହିଛନ୍ତି।

୦୮

୦୭

**ଚତୁର୍ଥ ବିବାହ କରିବେ ଜେନିଫର**

ହଲିଉଡ ଅଭିନେତ୍ରୀ ତଥା ଗାୟିକା ଜେନିଫର ଲୋପେଜ ୪ର୍ଥ ବିବାହ କରିବାକୁ ଯାଉଛନ୍ତି। ହଲିଉଡ ଅଭିନେତା ବେନ ଆଫ୍ଲେକଙ୍କ ହାତ ଧରିବେ ବୋଲି ଗୁଜବ ହେଉଛି।



# ଏମ୍‌ଏସ୍‌ପି ଗ୍ୟାରେଣ୍ଟି ଜିଦ୍‌ରେ ଚାଷୀ

**ନୂଆଦିଲ୍ଲୀ,୨୧।୧୧**

କେନ୍ଦ୍ରର ୩ ବିବାଦୀୟ କୃଷି ଆଇନ ପ୍ରତ୍ୟାହାର ସହ ଉତ୍ପାଦିତ ସାମଗ୍ରୀର ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି) ପ୍ରଦାନ ପାଇଁ ସରକାର ଗ୍ୟାରେଣ୍ଟି ଦିଅନ୍ତୁ ବୋଲି ରବିବାର କୃଷକ ସଙ୍ଗଠନଗୁଡ଼ିକ ପକ୍ଷରୁ ଦାବି କରାଯାଇଛି। ଚାଷୀମାନେ ନିଜ ଦାବିରେ ଅଡ଼ିବସିଥିବାବେଳେ କୃଷି ଆଇନ ପ୍ରତ୍ୟାହାର ସମ୍ପର୍କିତ ବିଲ୍‌କୁ ବୁଧବାର କେନ୍ଦ୍ର କ୍ୟାବିନେଟ ମଞ୍ଜୁରୀ ଦେଇପାରେ। କ୍ୟାବିନେଟ ଅନୁମୋଦନ ପରେ ୨୯ରେ ଆରମ୍ଭ ହେବାକୁ ଥିବା ପାର୍ଲାମେଣ୍ଟର ଶୀତ ଅଧିବେଶନରେ ଉପସ୍ଥାପନ କରାଯିବ ବୋଲି ସରକାରୀ ସୂତ୍ରରୁ ଜଣାପଡ଼ିଛି।

ଉତ୍ତର ପ୍ରଦେଶ, ଉତ୍ତରାଖଣ୍ଡ, ପଞ୍ଜାବ, ଗୋଆ ଓ ମଣିପୁରରେ ଆସନ୍ତା ବର୍ଷ ଫେବୃୟାରୀ-ମାର୍ଚ୍ଚ ଆଡ଼କୁ ବିଧାନସଭା ଭୋଟ ହେବ। ନିର୍ବାଚନରେ ପରାଜୟ ଭୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆନ୍ଦୋଳନରତ ଚାଷୀଙ୍କ ଦାବି ଆଗରେ ମୁଣ୍ଡ ନୁଆଁଇ ୩ କୃଷି ଆଇନ ପ୍ରତ୍ୟାହାର କରାଯିବ ବୋଲି ଶୁକ୍ରବାର ଟିଭିରେ ଘୋଷଣା କରିଥିଲେ। ହେଲେ ମୋଦିଙ୍କ ଘୋଷଣାକୁ ଆନ୍ଦୋଳନରତ କୃଷକମାନେ ବିଶ୍ୱାସକୁ ନେଇପାରୁନାହାନ୍ତି। ପାର୍ଲାମେଣ୍ଟରେ ୩ କୃଷି ଆଇନ ଆନୁଷ୍ଠାନିକ ଭାବେ ରଦ୍ଦ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନରୁ ଓହରିବେ ନାହିଁ ବୋଲି ଦିଲ୍ଲୀର ସିଂଘୁ, ଟିକ୍ରି ଓ ଗାଜିପୁର ସୀମାରେ ଅଡ଼ିବସିଥିବା ସଂଯୁକ୍ତ କିଷାନ ମୋର୍ଚ୍ଚା (ଏସ୍‌କେଏମ୍) ପକ୍ଷରୁ ସ୍ପଷ୍ଟ କରାଯାଇଛି। ଏଥିସହ ଉତ୍ପାଦିତ ସାମଗ୍ରୀର ସର୍ବନିମ୍ନ ସହାୟକ ମୂଲ୍ୟ ସୁନିଶ୍ଚିତ କରିବା ଲାଗି ପାର୍ଲାମେଣ୍ଟରେ ନୂଆ ଆଇନ ଆଣିବାକୁ କୃଷକ ନେତାମାନେ ଦାବି କରିଛନ୍ତି। ଏଭଳି ସ୍ଥିତିରେ ପ୍ରଧାନମନ୍ତ୍ରୀଙ୍କ ଘୋଷିତ କୃଷି ଆଇନ ଉଚ୍ଛେଦ ପ୍ରସ୍ତାବକୁ କେବଳ କଥାରେ ନୁହେଁ, ବରଂ ସାମ୍ବିଧାନିକ ବିଧିବ୍ୟବସ୍ଥା ମଧ୍ୟରେ ☞ପୃଷ୍ଠା-୪



ଦିଲ୍ଲୀର ସିଂଘୁ ସୀମାରେ ଏସ୍‌କେଏମ୍ ବୈଠକରେ ସାମିଲ ଚାଷୀ।

## କୃଷି ଆଇନ ପ୍ରତ୍ୟାହାର

- ୨୪ରେ ମିଳିପାରେ କ୍ୟାବିନେଟ ମଞ୍ଜୁରୀ
- ଆଜି ଲକ୍ଷ୍ନୌରେ ମହାପଞ୍ଚାୟତ
- ୨୭ରେ ଭବିଷ୍ୟତ କାର୍ଯ୍ୟପନ୍ଥା ସ୍ଥିର କରିବ ଏସ୍‌କେଏମ୍

## ମୋଦିଙ୍କ ଆଗରେ ୬ ଦାବି

**୧.** ୩ ବିବାଦୀୟ କୃଷି ଆଇନ ପ୍ରତ୍ୟାହାର ସହ ଏମ୍‌ଏସ୍‌ପି ସୁନିଶ୍ଚିତ କରିବା ପାଇଁ ପାର୍ଲାମେଣ୍ଟରେ ଆଇନ ଆଣନ୍ତୁ।

**୨.** କୃଷକମାନଙ୍କ ବିରୋଧରେ ଦାଏର କରାଯାଇଥିବା ସମସ୍ତ ମାମଲା ପ୍ରତ୍ୟାହାର କରନ୍ତୁ। ଏନ୍‌ସିଆର୍ ଏବଂ ସଂଲଗ୍ନ ଅଞ୍ଚଳରେ ବାୟୁ ଗୁଣବତ୍ତା ପରିଚାଳନା କମିଶନ ଆଇନ, ୨୦୨୧ରେ କୃଷକଙ୍କ ବିରୋଧରେ ଥିବା ଦଣ୍ଡବିଧାନକୁ ହଟାଯାଉ।

**୩.** ଆନ୍ଦୋଳନ ବେଳେ ପ୍ରାଣ ହରାଇଥିବା ଚାଷୀଙ୍କ ଉଦ୍ଦେଶ୍ୟରେ ସିଂଘୁ ସୀମାରେ ଏକ ସ୍ମାରକ ନିର୍ମାଣ କରାଯାଉ।

**୪.** ପ୍ରାୟ ୭୦୦ ମୃତ ଚାଷୀଙ୍କ ପରିବାରକୁ କ୍ଷତିପୂରଣ ସହ ଅନ୍ୟ ସୁବିଧା ପ୍ରଦାନ କରାଯାଉ।

**୫.** ବିଦ୍ୟୁତ୍ ସଂଶୋଧନ ବିଲ୍, ୨୦୨୦-୨୧ର ଚିଠା ପ୍ରତ୍ୟାହାର କରାଯାଉ।

**୬.** ଲଖିମପୁର ଖେରି ହିଂସାରେ ସମ୍ପୃକ୍ତ ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ ଅଜୟ ମିଶ୍ରାଙ୍କୁ ତୁରନ୍ତ ବହିଷ୍କାର ସହ ଗିରଫ କରାଯାଉ। ଏଥିସହ ସଂଯୁକ୍ତ କିଷାନ ମୋର୍ଚ୍ଚା ସହ କୃଷକଙ୍କ ସମସ୍ୟା ନେଇ କେନ୍ଦ୍ର ସରକାର ତୁରନ୍ତ ଆଲୋଚନା କରନ୍ତୁ ବୋଲି ରବିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନିକଟକୁ କୃଷକ ସଙ୍ଗଠନ ପକ୍ଷରୁ ପଠାଯାଇଥିବା ଖୋଲାଚିଠିରେ ଦାବି କରାଯାଇଛି।

# ଭାରତ ୩-୦ରେ ସିରିଜ ବିଜୟୀ



ମ୍ୟାନ୍ ଅଫ୍ ଦି ସିରିଜ ରୋହିତ ଶର୍ମା ।

**କୋଲକାତା, ୨୧।୧୧**

ସ୍ଥାନୀୟ ଇଡେନ ଗାର୍ଡେନ୍ସ ଗ୍ରାଉଣ୍ଡରେ ରବିବାର ଉଡ଼ିଛି ଭାରତର ବିଜୟ ଧ୍ୱଜା। ଦର୍ଶକଭରା ଷ୍ଟାଡିୟମରେ ଏଠାରେ ଅନୁଷ୍ଠିତ ତୃତୀୟ ଟି୨୦ କ୍ରିକେଟ ମ୍ୟାଚରେ ଭାରତ ୭୩ ରନରେ ନ୍ୟୁଜିଲାଣ୍ଡକୁ ପରାସ୍ତ କରିଛି। ଏଥିସହ ୩ ମ୍ୟାଚ ବିଶିଷ୍ଟ ସିରିଜକୁ କ୍ଲିନ୍ ସୁଇପ୍ କରିଛି ଟିମ୍ ଇଣ୍ଡିଆ। ରାହୁଲ ଦ୍ରାବିଡ କୋଚ୍ ଓ ରୋହିତ ଶର୍ମା ଅଧିନାୟକ ଦାୟିତ୍ୱ ନେବାପରେ ଭାରତର ଏହା ପ୍ରଥମ ସିରିଜ ବିଜୟ। ଭାରତ ୭ ଉଇକେଟ ହରାଇ ୧୮୪ ରନ କରିଥିବାବେଳେ ନ୍ୟୁଜିଲାଣ୍ଡ ୧୭.୨ ଓଭରରେ ୧୧୧ ରନରେ ଅଲଆଉଟ ହୋଇ ଯାଇଥିଲା।

(ବିସ୍ତୃତ ରିପୋର୍ଟ: ଖେଳ ପୃଷ୍ଠା)

# ଗେହଲଟ୍‌ଙ୍କ ନୂଆ ଟିମ୍

## ରାଜସ୍ଥାନ ରାଜନୀତି

- ଶପଥ ନେଲେ ୧୫ ମନ୍ତ୍ରୀ
- ପାଇଲଟ ଶିବିରର ୫ ସାମିଲ

**ଜୟପୁର, ୨୧।୧୧**

ରାଜସ୍ଥାନ ମନ୍ତ୍ରିମଣ୍ଡଳର ବହୁ ପ୍ରତୀକ୍ଷିତ ସମ୍ପ୍ରସାରଣ ହୋଇଛି। ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟଙ୍କ କ୍ୟାବିନେଟ୍‌ର ଏହି ପୁନର୍ଗଠନ ପାଇଁ ଶନିବାର ସମସ୍ତ ମନ୍ତ୍ରୀ ଇସ୍ତଫା ଦେଇଥିଲେ। ଜୟପୁର ରାଜଭବନରେ ରବିବାର ଅପରାହ୍ନରେ ରାଜ୍ୟପାଳ କଲରାଜ ମିଶ୍ର ୧୫ ମନ୍ତ୍ରୀଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇଛନ୍ତି। ସେମାନଙ୍କ ମଧ୍ୟରେ ୧୧ଜଣ କ୍ୟାବିନେଟ୍ ଏବଂ ୪ଜଣ ରାଷ୍ଟ୍ର ମନ୍ତ୍ରୀ ପାହ୍ୟା ପାଇଛନ୍ତି। ଗେହଲଟଙ୍କ ନୂଆ ଟିମ୍‌ରେ ପୂର୍ବତନ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ** | ଅବିଶ୍ୱସନୀୟ ଅମଲାତନ୍ତ୍ରୀ







## ଆଜି କ'ଣ କେଉଁଠି

ଭୁବନେଶ୍ୱର

- ଉତ୍କଳ ସମ୍ମିଳନୀ ପକ୍ଷରୁ ଶହୀଦ ଲକ୍ଷ୍ମଣ ନାୟକଙ୍କ ଜୟନ୍ତୀ ଅବସରରେ ମାଲ୍ୟାର୍ପଣ କାର୍ଯ୍ୟକ୍ରମ, କଳିଙ୍ଗ ଡାକ୍ତରଖାନା ଛକ, ସକାଳ ୯ଟା।
- ଡ. ଶାନ୍ତନୁ ମହାପାତ୍ରଙ୍କ ଜୟନ୍ତୀ ଉତ୍ସବ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା।

## ସଂକ୍ଷେପରେ

### 'ଘରର ବଡ଼ ଲୋକଙ୍କ ଉପଦେଶ ମାନ'

**ଭୁବନେଶ୍ୱର,୨୧।୧୧ (ବ୍ୟୁରୋ):** ଓଡିଶା ଅବସରପ୍ରାପ୍ତ ପୋଲିସ ପଦାଧିକାରୀ କଲ୍ୟାଣ ସମିତି ପକ୍ଷରୁ ୭ମ ବାଟାଲିୟନ ହାଇସ୍କୁଲ ପରିସରରେ 'ଜେଜେଙ୍କ ଯତ୍ନ' ଉପରେ ହୋଇଥିବା ପ୍ରତିଯୋଗିତାର ପୁରସ୍କାର ବିତରଣ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମିତି ସଭାପତି ସୂର୍ଯ୍ୟମଣି ତ୍ରିପାଠୀ ସଭାପତିତ୍ୱ କରିଥିଲେ। ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରାଧାପକ ଗୋପାଳ କୃଷ୍ଣ ନନ୍ଦ ଯୋଗଦେଇ ଘରର ବଡ ଲୋକଙ୍କ ଉପଦେଶ ମାନିବାକୁ ପିଲାମାନଙ୍କୁ ପରାମର୍ଶ ଦେଇଥିଲେ। ମୁଖ୍ୟ ଅତିଥି ବିଜୟ କୁମାର ସାହୁ, ସମ୍ମାନିତ ଅତିଥି ଭାବେ ପ୍ରଧାନ ଶିକ୍ଷକ ବୈଦ୍ୟନାଥ ନାୟକ ଛାତ୍ରୀଛାତ୍ରମାନେ ଶୃଙ୍ଖଳିତ ଜୀବନ ଅତିବାହିତ କରିବା ସହ ବରିଷ୍ଠ ନାଗରିକଙ୍କ ସେବା କରିବାକୁ କହିଥିଲେ। ସମିତିର ମୁଖ୍ୟ ପରାମର୍ଶଦାତା ଅବସରପ୍ରାପ୍ତ ବରିଷ୍ଠ ପୋଲିସ ଅଧିକାରୀ ଶରତ ଚନ୍ଦ୍ର ମିଶ୍ରଙ୍କ ଦ୍ୱାରା ଲିଖିତ ଆତ୍ମ ଜୀବନୀ 'ଅପରାହ୍ନର ମୁହଁ-ପୋଲିସ ଚାକିରିରେ ୩୬ ବର୍ଷ' ପୁସ୍ତକକୁ କୃତି ଛାତ୍ରୀଛାତ୍ରଙ୍କୁ ପୁରସ୍କାର ସ୍ୱରୂପ ପ୍ରଦାନ କରାଯାଇଥିଲା। ସମିତିର ସମ୍ପାଦକ ନୀଳମୋହନ ତ୍ରିପାଠୀ ଧନ୍ୟବାଦ ଦେଇଥିଲେ। ସମିତି ସଭ୍ୟ ସୁବେଶ ସାମଲ, କେଶବ ଚନ୍ଦ୍ର ମହାପାତ୍ର, ନିହାର ଦାଶ, ଶରତ କୁମାର ସାହୁ, ସୁରେଶ ମହାପାତ୍ର ବିମଳ କୁମାର ମହାନ୍ତି, ଗୁରୁ ଚରଣ ମହାନ୍ତି, ବାମନ ଚରଣ ପଣ୍ଡା, ବିଷ୍ଣୁ ମିଶ୍ର ଯୋଗ ଦେଇଥିଲେ।

### 'ବାପା ଚିର ନମସ୍ୟ ଓ ଚିର ସ୍ମରଣୀୟ'

**ଭୁବନେଶ୍ୱର,୨୧।୧୧(ବ୍ୟୁରୋ):** ଗୋଧୂଳି ସାହିତ୍ୟ ସଂସଦ ଆନୁକୂଲ୍ୟରେ ଏବଂ ବିଦ୍ୟାଧର ବାରିକ ସ୍ମୃତି ସଂସଦ ସହଯୋଗରେ ବିଶିଷ୍ଟ ସାହିତ୍ୟିକ ବିଦ୍ୟାଧର ବାରିକଙ୍କ ୭୭ତମ ଜନ୍ମ ଜୟନ୍ତୀ ସ୍ଥାନୀୟ ଜାତୀୟ ଅଭିଲେଖାଗାରଠାରେ ରବିବାର ପାଳିତ ହୋଇଯାଇଛି। ତାଙ୍କ ସ୍ମୃତି ଉଦ୍ଦେଶ୍ୟରେ ଏକ କବିତା ଆସର ଓ ଆଲୋଚନା ସଭା ଅନୁଷ୍ଠିତ ହୋଇଛି। 'ପ୍ରତିଟି ବାପା ଚିର ନମସ୍ୟ ଓ ଚିର ସ୍ମରଣୀୟ' ତାଙ୍କ ଅବଦାନକୁ ସ୍ମରଣ କରି କବିତା ପାଠ କରାଯାଇଥିଲା। ଡ. ସତ୍ୟନାରାୟଣ ମିଶ୍ର, ଡ. ଆରତୀ କର, ଗୀତିକାର ଅଲେଖ ପଢ଼ିହାରୀ ପ୍ରମୁଖ ବାପାଙ୍କ ଅବଦାନ ସମ୍ପର୍କିତ ଅଲୋଚନା କରିଥିଲେ। କବି ଡ. ସୁଚେତା ରାଉତ ସଭାପତିତ୍ୱ, କାନନବାଳା ପଟ୍ଟନାୟକ ଓ ବୀଣାପାଣି ଚୌଧୁରୀ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ସଂସଦ ସମ୍ପାଦିକା ବିମଳା ସିଂହ ସ୍ୱାଗତ ଭାଷଣ ଓ ସ୍ୱର୍ଗତ ବିଦ୍ୟାଧରଙ୍କ ପୁତ୍ର ମନୋଜ ବାରିକ ଧନ୍ୟବାଦ ଦେଇଥିଲେ।

### ଚମ୍ପାବତୀ ପାଇକରାୟଙ୍କ ସ୍ମୃତିସଭା

**ଭୁବନେଶ୍ୱର, ୨୧।୧୧(ବ୍ୟୁରୋ):** ସ୍ୱାଧୀନତା ସଂଗ୍ରାମୀ ତଥା ପୂର୍ବତନ ବିଧାୟକ ଗଙ୍ଗାଧର ପାଇକରାୟଙ୍କ ସହଧର୍ମିଣୀ ଚମ୍ପାବତୀ ପାଇକରାୟଙ୍କ ୨୨ତମ ସ୍ମୃତିସଭା ୟୁନିଟ୍-୩ସ୍ଥିତ ଗଙ୍ଗାଧର ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଅତିମାନେ ସ୍ମୃତିଚାରଣ କରିବା ସହ ଚମ୍ପାବତୀ ଭାଗଚାଷୀ ଆନ୍ଦୋଳନରେ ସକ୍ରିୟ ଭୂମିକା ନିର୍ବାହ କରିବା ସହ ମହିଳାମାନଙ୍କୁ ସଙ୍ଗଠିତ କରୁଥିଲେ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ପ୍ରଫୁଲ୍ଲ ତ୍ରିପାଠୀ, ଅଶୋକ ସାହୁ, ପ୍ରତାପ ସାମନ୍ତ, ସମାଜସେବୀ ଶ୍ରୀକାନ୍ତ ମିଶ୍ର, ଚିନ୍ତାମଣୀ ବାରିକ, ପ୍ରଶାନ୍ତ ମଲ୍ଲ ପ୍ରମୁଖ ଉପସ୍ଥିତ ଥିଲେ। ଡ. ଶରତ ପାଇକରାୟ ଧନ୍ୟବାଦ ଦେଇଥିଲେ।

# ୧୦ କୋଟିର ମଟନ୍ ବିକ୍ରି

## ରବିବାର ଆମିଷ ବଜାରରେ ଛାଡ଼ଖାଇ ଭିଡ଼



**ଭୁବନେଶ୍ୱର, ୨୧।୧୧ (ବ୍ୟୁରୋ)**

ଧର୍ମମାସ କାର୍ତ୍ତିକ ଶେଷ ହୋଇଥିବାବେଳେ ଶନିବାର ଛାଡଖାଇ ପଡିଥିଲା। ଅଧିକାଂଶ ଲୋକ ଶନିବାରରେ ଆମିଷ ଖାଉ ନ ଥିବାରୁ ରବିବାର ଦିନ ରାଜଧାନବାସୀ ଛାଡ଼ଖାଇ ପାଳନ କରିଛନ୍ତି। ଲୋକେ ଆମିଷ ଦୋକାନରେ ଭିଡ଼ ଲଗାଇ କିଣାକିଣି କରୁଥିବା ଦେଖିବାକୁ ମିଳିଥିଲା। ରାଜଧାନୀର ବିଭିନ୍ନ ଆମିଷ ବଜାରରେ ଲୋକଙ୍କ ଚାହିଦାକୁ ଦୃଷ୍ଟିରେ ରଖି ବ୍ୟବସାୟୀମାନେ ମଟନ୍, ଚିକେନ୍, ମାଛ, ଅଣ୍ଡା, ଚିଙ୍ଗୁଡ଼ି, କଙ୍କଡ଼ା ଆଦି ମହଜୁଦ୍ ରଖିଥିଲେ। ସକାଳ ପ୍ରାୟ ୭ଟା ପୂର୍ବରୁ ହିଁ ଆମିଷ ବ୍ୟବସାୟୀମାନେ ଦୋକାନ ଖୋଲିଥିଲେ। ଦର ଅଧିକ ଥିଲେ ମଧ୍ୟ ଆମିଷ ପ୍ରେମୀଙ୍କ ପାଇଁ ତାହା କୌଣସି ପ୍ରଭାବ ପକାଇ ନ ଥିଲା। ପ୍ରାୟ ୧୦ କୋଟି ଟଙ୍କାର କେବଳ ମଟନ ବିକ୍ରି ହୋଇଥିବା ମଟନ୍ ବ୍ୟବସାୟୀ ସଂଘ ସମ୍ପାଦକ ଏସ୍.କେ ସଜ୍ଜନ କହିଛନ୍ତି। ତେବେ ବେପାର ହେଲା, ମାତ୍ର ମାଲ୍ ବହୁତ ବଳିଲା। ଛାଡଖାଇ ଓ ରବିବାରରେ ଯେଉଁଭଳି ବିକ୍ରି ହେବ ବୋଲି ଆଶା କରାଯାଉଥିଲା ତାହା ହେଲା ନାହିଁ ବୋଲି ସେ କହିଛନ୍ତି। ରାଜଧାନୀର ପ୍ରମୁଖ ଆମିଷ ବଜାର ୪ ନଂ ମାର୍କେଟ, ନୟାପଲ୍ଲୀ, ବଡ଼ଗଡ଼ ମାଛ ମାର୍କେଟ, ବ୍ରହ୍ମେଶ୍ୱର, ଆଇଗିଣିଆ ଆମିଷ ବଜାର, ଗାନ୍ଧୀ ମାର୍କେଟ୍, ଜୟଦେବ ବିହାର, ଆଜାଦ୍ ମାର୍ଗସ୍ଥିତ ମାଛ ବଜାର ଆଦି ସ୍ଥାନରେ ଅଧିକ ବେପାର ହୋଇଥିଲା। ଆନ୍ଧ୍ର, ବାଲୁଗାଁ, ପାରାଦ୍ୱୀପ, ଧାମରାରୁ ଆସିଥିବା ମାଛ, କଙ୍କଡ଼ା ଓ ଚିଙ୍ଗୁଡ଼ିର ଦାମ ଅନ୍ୟଦିନ ତୁଳନାରେ ସାମାନ୍ୟ ଅଧିକ ରହିଥିଲା। ମଟନ କିଲୋ ପିଛା ୭୫୦ରୁ ୮୦୦ଟଙ୍କା ରହିଥିବାବେଳେ ଏହା ପଛକୁ ଇଲିସି ଓ ଗ୍ରୀନ ସ୍କାମ୍ପି ମାଛ ଦାମ୍ ୬୦୦ ଟଙ୍କା, ଶେଉଳ ମାଛ ୫୦୦ ଟଙ୍କା, ପାମ୍ପଲେଟ୍ ମାଛ ୨୮୦ରୁ ୩୦୦ ଟଙ୍କା, ଦେଶୀକୁକୁଡ଼ା ୫୦୦ଟଙ୍କା ଓ ବନରାଜର ଦାମ ୨୨୦ରୁ ୨୫୦ ଟଙ୍କା, ଭାକୁର ୧୫୦ରୁ ୧୬୦, ରୋହି ୧୩୦ରୁ ୧୪୦, ମିରିକାଳି ୧୫୦ରୁ ୧୬୦, ଚୁନା ମାଛ ୧୫୦, ଚିଙ୍ଗୁଡି ୪ଶହରୁ ୮ଶହ, ଛୋଟ କଙ୍କଡା ୬ଶହରୁ ୮ଶହ ଓ ବଡ କଙ୍କଡା ୧୨ଶହରୁ ୨୫ଶହ ଟଙ୍କା ରହିଥିଲା। ଏପରିକି ଅଣ୍ଡା ଗୋଟିକ ପ୍ରତି କେତେକ ଦୋକାନରେ ୮ ଟଙ୍କାରେ ବିକ୍ରି ହୋଇଥିଲା। ଦାମକୁ ଖାତିର ନ କରି ଗ୍ରାହକ ମନପସନ୍ଦର ଆମିଷ କିଣି ନେଇଥିଲେ।



ଭୁବନେଶ୍ୱର ପାତ୍ରପଡ଼ାରେ ରହୁଥିବା ୧୬ବର୍ଷୀୟ ସୁମିତ କୁମାର ଦାଶ ଅଦରକାରୀ ସାମଗ୍ରୀକୁ ବ୍ୟବହାର କରି ଅଯୋଧ୍ୟା ରାମ ମନ୍ଦିର ଆକୃତିର କଳାକୃତି ନିର୍ମାଣ କରିଛନ୍ତି।

## ଅଦରକାରୀ ସାମଗ୍ରୀରେ ସୁନ୍ଦର କଳାକୃତି

**ଭୁବନେଶ୍ୱର,୨୧।୧୧ (ବ୍ୟୁରୋ)**

ଯେଉଁସବୁ ଜିନିଷ ଅନ୍ୟମାନଙ୍କ ପାଇଁ ଅଦରକାରୀ ମନେହୁଏ, ସେଇଥିରୁ ହିଁ ତାଙ୍କ ହାତର ଯାଦୁରୁ ସୃଷ୍ଟି ହୁଏ ସୁନ୍ଦର କଳାକୃତି। ଆଜିକାଲିର ପିଲା ମୋବାଇଲରେ ଅଯଥା ସମୟ ନଷ୍ଟ କରୁଥିବାବେଳେ ସେ କିନ୍ତୁ ଅଦରକାରୀ ଜିନିଷରୁ କିଛି ନୂଆ କରିବାକୁ ଦିନ ରାତି ଭାବି ବସନ୍ତି। କ'ଣ କରିବ ଭାବୁ ଭାବୁ ତିଆରି କରିପକାନ୍ତି କାହିଁ କେତେ ରଙ୍ଗୀନ, ଚିତ୍ତାକର୍ଷକ, ମନେଲୋଭା କଳାକୃତି। ଏଭଳି ଜଣେ ପ୍ରତିଭା ହେଉଛନ୍ତି ଭୁବନେଶ୍ୱରର ୧୬ବର୍ଷୀୟ ସୁମିତ୍ କୁମାର ଦାଶ। ବାପା ସରୋଜ କୁମାର ଦାଶ ଓ ମା' ସଙ୍ଗୀତାଙ୍କ ସହ ସୁମିତ୍ ପାତ୍ରପଡ଼ାରେ ରହୁଛନ୍ତି। ପିଲାବେଳୁ ତାଙ୍କର ଚିତ୍ରକଳା ସହ ଏଭଳି ପ୍ରତିଭା ବିଷୟରେ ଜଣାପଡିଥିଲା। ଘରର ବିଭିନ୍ନ ଅଦରକାରୀ ଓ ନଷ୍ଟ ହେଉଥିବା ଜିନିଷରେ ଖେଳୁଖେଳୁ କିଛିଗୋଟେ ତିଆରି କରିପକାନ୍ତି। ପଡୋଶୀ ଘରର ଜଣେ ଭାଇଙ୍କ ସହଯୋଗରେ ଅଧିକ କିଛି ଶିଖିବା ଆରମ୍ଭ କରିଥିଲେ। ମା' ସଙ୍ଗୀତା ତାଙ୍କୁ ଏ ଦିଗରେ ପ୍ରୋତ୍ସାହିତ କରିଥିଲେ। ପୁରୁଣା କାଗଜ, ଖବରକାଗଜ, ଅବ୍ୟବହୃତ ବୋତଲ, ବିଭିନ୍ନ ପ୍ଲାଷ୍ଟିକ ଡବାକୁ ନେଇ ସେ ବିଭିନ୍ନ ଘରୋପକରଣ ତିଆରି କରିଛନ୍ତି। ଏଥିସହ ଅଯୋଦ୍‌ଦୟା ରାମ ମନ୍ଦିର, ପୁରୀ ଶ୍ରୀ ଜଗନ୍ନାଥ ମନ୍ଦିର, କୋଣାର୍କର ସୂର୍ଯ୍ୟ ମନ୍ଦିର, ତାଜମହଲ ସହ ପଶୁ, ପକ୍ଷୀ ଓ ସୌଖୀନ ଜିନିଷ ତିଆରି କରିଛନ୍ତି। ସେ ଏହାକୁ ବିକ୍ରି ନ କରି ସାଙ୍ଗ ସାଥିଙ୍କୁ ଦେଇ ଉତ୍ସାହିତ କରିବା ସହ ନିଜେ ଖୁସି ହୁଅନ୍ତି। ଏଥିସହ ପଡ଼ୋଶୀମାନେ ଗିଫ୍ଟ ଓ ଘର ସଜାଇବାକୁ ତାଙ୍କଠାରୁ ଏସବୁ କଳାକୃତି ନେଇଥାନ୍ତି। ଏହାହିଁ ତାଙ୍କୁ ଆହୁରି ପ୍ରରଣା ଦେଇଥାଏ। ଏସବୁ ତିଆରି ସମୟରେ ଥର୍ମୋକୁଲ୍ ବା ସୋଲ ବ୍ୟବହାରକୁ ସେ ସମ୍ପୂର୍ଣ୍ଣ ବାରଣ କରିଥାନ୍ତି। ସେ କୁହନ୍ତି, ସୋଲ ହଜରେ ମାଟିରେ ମିଶି ନ ଥାଏ। ନଷ୍ଟ ହୋଇପାରୁଥିବା ଅଦରକାରୀ ଜିନିଷକୁ ବ୍ୟବହାର କରିଥାନ୍ତି। ଲୋକମାନେ ଦେଖି ପ୍ରଶଂସା କରିବା ହିଁ ଖୁସି ଦେଇଥାଏ ବୋଲି ସେ କହିଛନ୍ତି।

## ମହତାବ ଥିଲେ ଆଧୁନିକ ଓଡ଼ିଶାର ନିର୍ମାତା : ମୁଖ୍ୟମନ୍ତ୍ରୀ




**ଭୁବନେଶ୍ୱର,୨୧।୧୧ (ବ୍ୟୁରୋ)**

ଉତ୍କଳ କେଶରୀ ଡ. ହରେକୃଷ୍ଣ ମହତାବ ଅର୍ଦ୍ଧଶତାବ୍ଦୀ ଧରି ଓଡ଼ିଶାର ରାଜନୈତିକ, ଅର୍ଥନୈତିକ, ସାଂସ୍କୃତିକ ଓ ସାମାଜିକ ବିକାଶରେ ନିଜକୁ ସମର୍ପିତ କରିଥିଲେ। ଆଧୁନିକ ଓଡ଼ିଶାର ନିର୍ମାଣ ସହ ଓଡ଼ିଆ ଭାଷା, ସାହିତ୍ୟର ସୁରକ୍ଷା ଏବଂ ସାମ୍ବାଦିକତା କ୍ଷେତ୍ରରେ ତାଙ୍କ ଅବଦାନ ସର୍ବଦା ସ୍ମରଣୀୟ ଥିଲା। ବୃହତ୍ତର ଓଡ଼ିଶା ଗଠନରେ ଓତଃପ୍ରୋତ ଭାବେ ଜଡ଼ିତ ଥିବା ଡ. ମହତାବଙ୍କ ୧୨୨ତମ ରାଜ୍ୟସ୍ତରୀୟ ଜୟନ୍ତୀ ପାଳନ ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତାଙ୍କ ଭିଡିଓ ବାର୍ତ୍ତାରେ ଏହା କହିଛନ୍ତି। ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଭବନରେ ଉଭୟ ମଞ୍ଚ ଓ ଭର୍ଚୁଆଲରେ ଜୟନ୍ତୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଯୋଗଦେଇ ଭଣ୍ଡାରିପୋଖରୀ ବିଧାୟକ ପ୍ରଫୁଲ୍ଲ ସାମଲ କହିଲେ, ମହତାବ ଜଣେ ବ୍ୟକ୍ତି ନଥିଲେ ସେ ଥିଲେ ଓଡ଼ିଶାର ଏକ ବହୁମୁଖୀ ସ୍ୱୟଂସଂପୂର୍ଣ୍ଣ ଅନୁଷ୍ଠାନ। ସମ୍ମାନିତ ଅତିଥି ଭାବେ ଯୋଗଦେଇ ଉତ୍କଳ ପ୍ରସଙ୍ଗ ଓ ଓଡ଼ିଶା ରିଭ୍ୟୁର ସମ୍ପାଦକ ଡ. ଲେନିନ ମହାନ୍ତି କହିଥିଲେ. ଡ.ମହତାବଙ୍କ ଜୀବନ ଦେଶ ଓ ଜାତି ପାଇଁ ଏକ ସମର୍ପିତ ଥିଲା। ସେ ଥିଲେ ଓଡ଼ିଶାର ନବଯୁଗର ପ୍ରବର୍ତ୍ତକ, ବହୁ ଦେଶପ୍ରେମୀ ଓ ସମାଜସେବୀଙ୍କ ପ୍ରେରଣାର ଉତ୍ସ। ଐତିହାସିକ ତଥା ଶିକ୍ଷାବିତ୍ ନିହାର ରଞ୍ଜନ ପଟ୍ଟନାୟକ ମୁଖ୍ୟବକ୍ତା ଭାବେ ଯୋଗଦେଇ ବିଶିଷ୍ଟ ସାଧୀନ ଭାରତର ଏକତା ଓ ସଂହତି ପ୍ରତିଷ୍ଠା ଦିଗରେ ହରେକୃଷ୍ଣ ମହତାବଙ୍କ ପ୍ରଚେଷ୍ଟା ଅନନ୍ୟ ବୋଲି କହିଥିଲେ। ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ ଇନ୍ଦ୍ରମଣି ତ୍ରିପାଠୀ ସ୍ୱାଗତ ଭାଷଣରେ କହିଲେ, ମହତାବଙ୍କ ପରି ଜଣେ ଯୁଗପୁରୁଷଙ୍କ ଆଦର୍ଶବୋଧର ସ୍ମୃତିଚାରଣ କରି ଓଡ଼ିଆ ଜାତି ଅଧିକ ମହିମାମଣ୍ଡିତ ହୋଇଛି। କାର୍ଯ୍ୟକ୍ରମକୁ ସହକାରୀ ନିର୍ଦ୍ଦେଶକ (କ୍ଷେତ୍ର) ସୁଚେତା ପ୍ରିୟଦର୍ଶିନୀ ପରିଚାଳନା କରିଥିଲେ।

## ୬୦ ୟୁନିଟ୍ ରକ୍ତ ସଂଗ୍ରହ

**ଭୁବନେଶ୍ୱର,୨୧।୧୧**

ପୋଲିସ କମିଶନରେଟ୍ ରେଡ୍‌କ୍ରସ୍ ସହାୟତାରେ ବାବା ଆଖଣ୍ଡଳମଣୀ ଯୁବକ ସଂଘ ପକ୍ଷରୁ ଭିଏସ୍‌ଏସ୍ ନଗରର ଦୁର୍ଗାପୂଜା ମଣ୍ଡପରେ ରବିବାର ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ୬୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ପୋଲିସ କମିଶନର ତଥା ରେଡ୍‌କ୍ରସ୍ ଆଞ୍ଚଳିକ ଶାଖା ଅଧକ୍ଷ ସୌମେନ୍ଦ୍ର ପ୍ରିୟଦର୍ଶୀ ଶିବିରକୁ ଉଦ୍‌ଘାଟନ କରିଥିଲେ। ଭିଏସ୍‌ଏସ୍‌ନଗର ଉନ୍ନୟନ ପରିଷଦର ସାଧାରଣ ସମ୍ପାଦକ ଦଲୀପ ଦାଶଶର୍ମା, ଯୁବକ ସଂଘ ସାଧାରଣ ସମ୍ପାଦକ ସଞ୍ଜୟ କୁମାର ସ୍ୱାଇଁ ଓ ରେଡ୍‌କ୍ରସ୍‌ର ଆଜୀବନ ସଦସ୍ୟ ସୌମ୍ୟ ରଞ୍ଜନ ମହାନ୍ତି ଶିବିରକୁ ପରିଚାଳନା କରିଥିଲେ। ଏହି ଅବସରରେ ଯୁବକ ସଂଘ ପକ୍ଷରୁ ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ, ପୋଲିସ କମିଶନରେଟ୍ ରେଡକ୍ରସ୍ ଯୁଗ୍ମ ସଚିବ ଏସିପି ଲଳିତେନ୍ଦୁ ମହାନ୍ତି, ରକ୍ତ ଭଣ୍ଡାର ନିର୍ଦ୍ଦେଶକ ଡ.ଦେବାଶିଷ ମିଶ୍ର, ଦୁର୍ଗାପୂଜା ସମିତି ସଭାପତି ଆର୍ତ୍ତତ୍ରାଣ ଦଳାଇ, ସାଧାରଣ ସମ୍ପାଦକ ଶିତଳ ଚନ୍ଦ୍ର ମହାନ୍ତି, ଯୁଗ୍ମ ସମ୍ପାଦକ ମହେଶ୍ୱର ବିଶ୍ୱାଳ, ହାଟ କମିଟିର ସଭାପତି ଲକ୍ଷ୍ମଣ ସାହୁ, ସମ୍ପାଦକ ମନୋରଞ୍ଜନ ସାହୁ, ସମାଜସେବୀ ଗଗନ ବିହାରୀ ଓ ପ୍ରସନ୍ନ ରଥ ପ୍ରମୁଖଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା। ସଂଘ ସଭାପତି ବରୁଣ ସାହୁ, କାର୍ଯ୍ୟନିର୍ବାହୀ ସମିତି ସଦସ୍ୟ ପ୍ରମୁଖ ସହଯୋଗ କରିଥିଲେ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ରଶ୍ମି ରଞ୍ଜନ



@ ଆଲୋକ



@ ନିଲୁ



@ ଦେବସ୍ମିତା



@ ସୁଶାନ୍ତ



@ ଅସିଥ

## ବସ୍ତିକୁ ଯାଇ ଗଛ ଲଗାଇଲା ପୋଲିସ

**ଭୁବନେଶ୍ୱର,୨୧।୧୧(ବ୍ୟୁରୋ)**

ନୟାପଲ୍ଲୀ ଥାନା ଅଞ୍ଚଳରେ ପରିବେଶ ସୁରକ୍ଷା ପାଇଁ କମିଶନରେଟ ପୋଲିସ ବୃକ୍ଷରୋପଣ କରିଛି। ପୋଲିସ ମିତ୍ର ଓ ବସ୍ତି ମିତ୍ରଙ୍କ ସହଯୋଗରେ ୫୦ ଊର୍ଦ୍ଧ୍ୱ ନିମ୍ବ ଚାରା ନୀଳକଣ୍ଠ ନଗର ଓ ବାଜପାୟୀ ନଗର ବସ୍ତିରେ ଲଗାଯାଇଛି। ଜୋନ୍-୫ ଏସିପି ସଞ୍ଜିବ ସତପଥୀ, ନୟାପଲ୍ଲୀ ଥାନା ଅଧିକାରୀ ଶରତ କୁମାର ସାହୁ ପ୍ରମୁଖ ସହଯୋଗ କରିଥିଲେ।



ରାଜ୍ୟସ୍ତରୀୟ ପ୍ରତିଯୋଗିତା ପାଇଁ ରବିବାର ପୁରୀସ୍ଥିତ ସଦାଶିବ ସଂସ୍କୃତ ମହାବିଦ୍ୟାଳୟ ପରିସରରେ ପୁରୀ ଜିଲା କବାଡ଼ି ସିନିୟର ପୁରୁଷ ଓ ମହିଳା ଖେଳାଳି ଚୟନ ଶିବିରରେ ଯୋଗ ଦେଇଥିବା ଖେଳାଳିମାନେ।



ଶ୍ରୀମନ୍ଦିର ନିକଟରେ ମହାଯଜ୍ଞ ପାଇଁ ରବିବାର ଶ୍ରୀନଅରରେ ଗଜପତି ମହାରାଜାଙ୍କ ଦ୍ୱାରା ଗୁଆଟେକା ନୀତି ସମ୍ପନ୍ନ କରାଯାଉଛି।



ପୁରୀ ବିଜେଡି ପକ୍ଷରୁ ପୂର୍ବତନ ବିଧାୟକ ମହେଶ୍ୱର ମହାନ୍ତିଙ୍କ ବାସଭବନରେ ରବିବାର ଆୟୋଜିତ ମିଶ୍ରଣ ପର୍ବ।

**ଲୋକ ବିକାଶ ଫାଉଣ୍ଡେଶନର ଚତୁର୍ଥ ବାର୍ଷିକ ଉତ୍ସବ**

ଭୁବନେଶ୍ୱର, (ବ୍ୟୁରୋ): ଲୋକ ବିକାଶ ଫାଉଣ୍ଡେଶନ ପକ୍ଷରୁ ଚତୁର୍ଥ ବାର୍ଷିକ ଉତ୍ସବ ପାଳନ ଅବସରରେ ୟୁନିଟ୍-୯ସ୍ଥିତ ଲୋହିଆ ଏକାଡେମୀ ସଭା କକ୍ଷରେ 'ଗଣତାନ୍ତ୍ରିକ ରାଷ୍ଟ୍ର ଓ ସମାଜସେବୀ' ଶୀର୍ଷକ ରାଜ୍ୟସ୍ତରୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟକ ଭାବେ ପୂର୍ବତନ ଜିଲା ଜଜ୍ ଉମାଚରଣ ମିଶ୍ର, ମୁଖ୍ୟ ଅତିଥି ଭାବେ ବିଧାୟକ ଅରବିନ୍ଦ ଢାଲି, ମୁଖ୍ୟ ବକ୍ତା ଭାବେ ମନୋରଞ୍ଜନ ମହାପାତ୍ର, ସତ୍ୟନାରାୟଣ ପ୍ରଧାନ , ଜ୍ୟୋତ୍ସ୍ନା ଦାସ, ସଭାପତି କଳିଙ୍ଗ ରତ୍ନ ବ୍ରହ୍ମାନନ୍ଦ ମହାନ୍ତି ଯୋଗ ଦେଇଥିଲେ। ବିଭିନ୍ନ ବର୍ଗର ସମାଜସେବୀଙ୍କୁ ଲୋକସେବକ ସମ୍ମାନରେ ସମ୍ମାନିତ କରାଯାଇଥିଲା।

## ସଂକ୍ଷେପରେ

### ଆନ୍ଦୋଳନ ଅପେକ୍ଷା ଆଲୋଚନାକୁ ଗୁରୁତ୍ୱ ଦେଲେ ଦୀର୍ଘସୂତ୍ରୀ ପନ୍ଥା ବାହାରିପାରିବ

**ଭୁବନେଶ୍ୱର, ୨୧।୧୧ (ବ୍ୟୁରୋ):** ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଏବଂ ସାମାଜିକ ଅନୁଷ୍ଠାନ ଅନନ୍ୟା ପକ୍ଷରୁ ଓୟୁଏଟିର ସ୍ୱାମୀନାଥନ୍ ସଭାଗୃହରେ 'ସମନ୍ୱିତ କୃଷି ପଦ୍ଧତି ଓ ନିରନ୍ତର ଜୀବିକା ବିକାଶ ମାଧମରେ ଚାଷୀଙ୍କ ଦ୍ୱିଗୁଣିତ ଆୟ' ଶୀର୍ଷକ ଷଷ୍ଠ ଜାତୀୟ ସମ୍ମାନ ରବିବାର ଅନୁଷ୍ଠିତ ହୋଇଥିଲା। କେନ୍ଦ୍ର ସରକାରଙ୍କ ମତ୍ସ୍ୟ, ପଶୁ ସମ୍ପଦ ଓ ଦୁଗ୍ଧ ଉତ୍ପାଦନ ବିକାଶ ମନ୍ତ୍ରୀ ପୁରୁଷୋତ୍ତମ ରୂପାଲା କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି କହିଲେ, କୃଷି ଓ କୃଷକଙ୍କର ସାମ୍ପ୍ରତିକ ସମସ୍ୟା ଓ ଏହାର ସମାଧାନର ସୂତ୍ର ପାଇଁ ସମାଜର ସବୁ ବର୍ଗର ଲୋକଙ୍କ ସହଭାଗିତା ଆବଶ୍ୟକ। ସମାଧାନ ପାଇଁ ଆନ୍ଦୋଳନ ଅପେକ୍ଷା ଆଲୋଚନାକୁ ଅଧିକ ଗୁରୁତ୍ୱ ଦିଆଗଲେ ଦୀର୍ଘସୂତ୍ରୀ ପନ୍ଥା ବାହାରିପାରିବ ବୋଲି ସେ ମତ ଦେଇଥିଲେ। ଅନନ୍ୟାର କାର୍ଯ୍ୟ ନିର୍ବାହୀ ସମ୍ପାଦକ ସୁକାନ୍ତ କୁମାର ପାଣିଗ୍ରାହୀ ବିଗତ ଏକ ଦଶନ୍ଧି ଧରି କୃଷି ଓ କୃଷକଙ୍କ ସମସ୍ୟାକୁ ସରକାରଙ୍କ ନିକଟରେ ପହଞ୍ଚାଇବା ଓ ଏହାର ସମାଧାନ ପାଇଁ କରାଯାଇଥିବା ଉଦ୍ୟମ ସମ୍ପର୍କରେ କହିଥିଲେ। ଓୟୁଏଟି କୁଳପତି ଡ. ପବନ କୁମାର ଅଗ୍ରୱାଲ ସ୍ୱାଗତ ଭାଷଣ ଦେଇ ଦେଶରେ କୃଷି ଓ କୃଷକମାନଙ୍କ ଆୟ ବୃଦ୍ଧିରେ ଓୟୁଏଟିର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିବା କହିଥିଲେ। ଏହି ଅବସରରେ ସମନ୍ୱିତ କୃଷି ପଦ୍ଧତି ମାଧମରେ ଗ୍ରାମୀଣ ଯୁବକ, ମହିଳା ଓ ଚାଷୀମାନଙ୍କୁ ଆର୍ଥିକ ସ୍ୱାବଲମ୍ବୀ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିବା ରାଜ୍ୟର ୬ଜଣ ବ୍ୟକ୍ତିବିଶେଷ, ଅନୁଷ୍ଠାନ ଓ ଚାଷୀ ସଂଗଠନଗୁଡିକର ପ୍ରତିନିଧିଙ୍କୁ ସମ୍ମାନିତ କରାଯାଇଥିଲା। ସଂଗଠନ ଉପଦେଷ୍ଟା ପ୍ରଦୀପ କୁମାର ସାହୁ ଧନ୍ୟବାଦ ଦେଇଥିଲେ।

### କାର୍ ଧକ୍କାରେ ବୃଦ୍ଧା ମୃତ

**ସାକ୍ଷୀଗୋପାଳ,୨୧।୧୧(ସ୍ୱ.ପ୍ର.):** ସତ୍ୟବାଦୀ ଥାନା ଅନ୍ତର୍ଗତ ବୀର ଗୋବିନ୍ଦପୁର ଦାଣ୍ଡସାହି ଗ୍ରାମ ନିକଟରେ ରବିବାର ସକାଳେ କାର୍ ଧକ୍କାରେ ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଛି। ମୃତା ହେଲେ ଉକ୍ତ ଗ୍ରାମର ସୁକୁମାରୀ ବେହେରା(୬୪)। ସୂଚନା ମୁତାବକ, ପୁରୀରୁ ଭୁବନେଶ୍ୱର ଅଭିମୁଖେ ଯାଉଥିବା ଏକ କାର୍(ଓଡି ୧୯ପି ୭୧୭୨) ସୁକୁମାରୀଙ୍କୁ ରାଜପଥରେ ଧକ୍କା ଦେଇଥିଲା। ଫଳରେ ସେ ରାସ୍ତା ଉପରେ ଛିଟିକି ପଡ଼ି ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ସାକ୍ଷୀଗୋପାଳ ଡାକ୍ତରଖାନା ଓ ପରେ ଏସ୍‌ସିବିରେ ଭର୍ତ୍ତି କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ସନ୍ଧ୍ୟାରେ ତାଙ୍କର ମୃତ୍ୟୁ ଘଟିଛି।

### କୂଅରେ ପଡ଼ି ନାବାଳକ ମୃତ

**ଜଟଣୀ,୨୧।୧୧(ଡି.ଏନ୍.ଏ.):** ଜଟଣୀ ପୌରାଞ୍ଚଳ ଗଜପତି ନଗରରେ ରବିବାର ଏକ ଦୁଃଖଦ ଘଟଣା ଘଟିଛି। ଗୁଡ଼ି ଉଡ଼ାଉଥିବା ବେଳେ ଅସବାଧାନତାରୁ ଛାତରୁ ଖସିପଡ଼ି କୂଅରେ ପଡ଼ି ଜଣେ ନାବାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଆର୍ ଲକ୍ଷ୍ମୀନାରାୟଣ ରାଓଙ୍କ ୧୪ବର୍ଷର ପୁଅ ଆର ଇସ୍ୱର ରାଓ। ସୂଚନା ମୁତାବକ, ଇସ୍ୱର ସାଙ୍ଗମାନଙ୍କ ସହ ଗୁଡି ଉଡ଼ାଉ ଥିଲେ। ଅସାବଧାନତାରୁ ଛାତରୁ ଇସ୍ୱରଙ୍କ ଗୋଡ଼ ଖସିଯିବାରୁ ତଳେ ଥିବା କୂଅରେ ପଡ଼ିଯାଇଥିଲେ। ଖବରପାଇ ଅଗ୍ନିଶମ କର୍ମଚାରୀ ଇସ୍ୱରଙ୍କୁ ଉଦ୍ଧାର କରି ଜଟଣୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ। ଖବରପାଇ ଜଟଣୀ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏ ସମ୍ପର୍କରେ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୫୩/୨୧)ରୁଜୁକରି ତଦନ୍ତ ଚଳାଇଛି।

# ସ୍ଥିତି ହରାଉଛି 'ହାବସ୍‌ପୁରୀ' ହସ୍ତତନ୍ତ

## ଜିଆଇ ମାନ୍ୟତା ପରେ ବି ଅବହେଳା







**ଭୁବନେଶ୍ୱର, ୨୧।୧୧**
**ବନ୍ଦନା ସେଠୀ**

ଓଡ଼ିଶାର କଳା, ସଂସ୍କୃତି ଓ ପରମ୍ପରା ସହିତ ସମୃଦ୍ଧ ହସ୍ତତନ୍ତ ବିଶ୍ୱ ବଜାରରେ ରାଜ୍ୟର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ସମ୍ବଲପୁରୀ, ମାଣିଆବନ୍ଧ ହସ୍ତତନ୍ତ ସ୍ୱତନ୍ତ୍ର ବ୍ରାଣ୍ଡରେ ପରିଣତ ହୋଇଥିବାବେଳେ ୨୦୧୨ରେ ଜିଆଇ ମାନ୍ୟତା ପାଇଥିବା କଳାହାଣ୍ଡିର ପ୍ରସିଦ୍ଧ ହସ୍ତତନ୍ତ 'ହାବସ୍‌ପୁରୀ' ମଧ୍ୟ ଆଉଏକ ସୁଯୋଗ ସୃଷ୍ଟି କରିବାର ସମ୍ଭାବନା ଦେଖାଇଛି। ଏହାର ସ୍ୱତନ୍ତ୍ର ଡିଜାଇନ୍ ବେଶ୍ ଆକର୍ଷଣୀୟ ରହିଥିବାବେଳେ ମାନ ମଧ୍ୟ ସବୁଠୁ ଭିନ୍ନ ରହିଛି। ବୁଣାକାରଙ୍କ ହାତର ନିଖୁଣତା ଏଥିରେ ବାରି ହୋଇପଡୁଛି। ମାଛ, ଫୁଲ, କୁମ୍ଭ, କଇଁଛ ଆଦି ଚିତ୍ରକୁ ଅତି ସୂକ୍ଷ୍ମ ଭାବେ ଶାଢ଼ିରେ ବୁଣା ଯାଇଥାଏ। ଏଥିରେ ଉଭୟ କଟନ ଓ ପାଟ ଶାଢ଼ି ପ୍ରସ୍ତୁତ ହୋଇଥାଏ। କଟନ୍ ଶାଢ଼ିର ଦାମ୍ ୪ହଜାରରୁ ଆରମ୍ଭ ହେଉଥିବାବେଳେ ପାଟଗୁଡିକ ୮ରୁ ୧୦ ହଜାରରୁ ଆରମ୍ଭ ହେଉଛି। ବର୍ତ୍ତମାନ ବିଶ୍ୱ ଦରବାରରେ ଓଡ଼ିଶା ବାନ୍ଧକଳାର ଚାହିଦା ଅଧିକ ରହୁଛି। ତେଣୁ ଏହି କାରିଗରଙ୍କୁ ପ୍ରଶିକ୍ଷଣ ଓ ଉପଯୁକ୍ତ ବଜାର ମିଳିପାରିଲେ ହାବସ୍‌ପୁରୀ ଶାଢ଼ି ମଧ୍ୟ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ପାରିବ। ହେଲେ ପ୍ରଚାର, ପ୍ରସାର, ବଜାର ତଥା ପ୍ରୋତ୍ସାହନ ନ ଥିବାରୁ ଧୀରେ ଧୀରେ 'ହାବସ୍‌ପୁରୀ' ନିଜର ସ୍ଥିତି ହରାଇବାକୁ ବସିଛି। ୨୦୧୬-୧୭ ଆର୍ଥିକ ବର୍ଷରେ ହାବସପୁରୀ ଶାଢ଼ି ଓ କପଡ଼ା ଉତ୍ପାଦନର ଉତ୍ପାଦନ ମୂଲ୍ୟ ୨୮.୫୫ଲକ୍ଷ ଟଙ୍କା ଥିବାବେଳେ ୨୦୧୮-୧୯ ବେଳକୁ ଏହା ୧୮.୮୯ ଲକ୍ଷ ଟଙ୍କାକୁ ଖସି ଆସିଥିଲା। ଏବେ ଯେଉଁ ଅନୁପାତରେ ବିକ୍ରି ହେବା କଥା ତାହା ହେଉ ନ ଥିବାରୁ ବୁଣାକାରଙ୍କ ମନ ମଧ୍ୟ ଭାଙ୍ଗିଯାଉଛି। ଗୋଟେ ପଟେ ବୁଣାକାରମାନେ ସରକାରଙ୍କୁ ଦୋଷାରୋପ କରୁଥିବାବେଳେ ଅନ୍ୟପଟେ ଏଥିପାଇଁ ବୁଣାକାରମାନେ ନିଜେ ଦାୟୀ ବୋଲି ହସ୍ତତନ୍ତ ବିଭାଗ ପକ୍ଷରୁ କୁହାଯାଉଛି।

### ବଞ୍ଚାଇ ରଖିବାକୁ ପ୍ରଚେଷ୍ଟା

କଳାହାଣ୍ଡି ଜିଲାର ହାବସ୍‌ପୁରୀ ଗ୍ରାମରେ କନ୍ଧ ସମ୍ପ୍ରଦାୟର ବୁଣାକାରଙ୍କ ଦ୍ୱାରା ପ୍ରଥମକରି ଏହି ଶାଢ଼ି ବୁଣାଯାଇଥିଲା। ଗାଁର ନାମ ଅନୁଯାୟୀ ଶାଢ଼ିର ନାମକରଣ ହାବସପୁରୀ ହୋଇଥିଲା। ତେବେ ଏବେ ସେହି ଗାଁରେ ଆଉ ଏହି ଶାଢ଼ି ବୁଣା ହେଉନାହିଁ। ସମୟ ବଦଳିବା ସହିତ ବୁଣାକାରଙ୍କ ମନରେ ଆଉ ଏଥିପ୍ରତି ଆଗ୍ରହ ନାହିଁ। ଏହାକୁ ଜୀବିକା କରିବା ଅପେକ୍ଷା ଚାଷ, ନିର୍ମାଣ କାର୍ଯ୍ୟ, କ୍ଷୁଦ୍ର ବ୍ୟବସାୟ ଓ ଦାଦନ ଖଟିବାକୁ ବାହାରକୁ ଯିବାକୁ ଯୁବପିଢ଼ି ଅଧିକ ପସନ୍ଦ କରୁଛନ୍ତି। ଜିଲାର ଚିଚେଇଗୁଡା ଓ ଅନ୍ୟ ତେତେକ ଗ୍ରାମରେ କେତେଜଣ ବୁଣାକାର ଏବେ ଏହି ହସ୍ତତନ୍ତକୁ ବଞ୍ଚାଇ ରଖିବାକୁ ପ୍ରଚେଷ୍ଟା କରୁଛନ୍ତି। ସେମାନଙ୍କ ପରେ ଏହି କଳା ସମ୍ପୂର୍ଣ୍ଣ ବୁଡ଼ିଯିବ ବୋଲି ଆଶଙ୍କା କରାଯାଉଛି।

### ସରକାରୀ ପ୍ରୋତ୍ସାହନ ମିଳୁନି



ରାଜ୍ୟ ତଥା ବାହାରେ ହାବସପୁରୀ ଶାଢ଼ିର ଚାହିଦା ରହିଛି। ବଜାର, ସରକାରୀ ପ୍ରୋତ୍ସାହନ ନ ଥିବାରୁ ଉଚିତ ପ୍ରାପ୍ୟ ମିଳିପାରୁନି। ଯୁବପିଢ଼ିମଧ ଏଥିପ୍ରତି ମନ ବଳାଉ ନାହାନ୍ତି। ଗାଁରେ ପ୍ରାୟ ୬ରୁ ୭ଟି ପରିବାର ଏବେ ଶାଢ଼ି ବୁଣୁଛନ୍ତି। ଗୋଟିଏ ଶାଢ଼ି ବୁଣିବାକୁ ପ୍ରାୟ ୪ରୁ ୫ଦିନ ଲାଗୁଛି। ସରକାରୀ ସ୍ତରରେ ବିକ୍ରିବଟା ପାଇଁ ବ୍ୟବସ୍ଥା ନ ଥିବାରୁ ନିଜ ଚେଷ୍ଟାରେ ମୁଁ ଶାଢ଼ି ବିକ୍ରି କରୁଛି।

-ଜଳନ୍ଧର ମେହେର, ବୁଣାକାର

### ପ୍ରଶିକ୍ଷଣ ପାଇଁ କଳାହାଣ୍ଡିରେ ୱାର୍କଶପ୍ କରିବି



କଳାହାଣ୍ଡିର ଏହା ବହୁ ପୁରାତନ କଳା। ସମ୍ବଲପୁରୀ ବସ୍ତ୍ରକୁ ଯେପରି ମଡର୍ନ ଲୁକ୍ ଦେଇ ବିଭିନ୍ନ ଫ୍ୟାଶନ ଶୋ'ରେ ପ୍ରଦର୍ଶନ କରାଯାଉଛି, ହାବସପୁରୀକୁ ମଧ ସେପରି ବିଶ୍ୱ ବଜାରରେ ବ୍ରାଣ୍ଡିଂ କରାଯାଇପାରିବ। ଏହାଦ୍ୱାରା ଓଡ଼ିଶାର ଗୌରବରେ ଆଉ ଏକ ଫର୍ଦ୍ଦ ଯୋଡ଼ିହେବ। ଏ ନେଇ ପ୍ରଶିକ୍ଷିତ ବୁଣାକାରଙ୍କୁ ଡାକି ନୂତନ ବୁଣାକାରଙ୍କୁ ପ୍ରଶିକ୍ଷଣ ଦେବାପାଇଁ ଯୋଜନା କରିଛି। ଖୁବ୍‌ଶୀଘ୍ର ୨/୩ଟି ସଂସ୍ଥା ସହିତ ମିଶି ସରକାରଙ୍କ ନିକଟରେ ଏ ନେଇ ପ୍ରସ୍ତାବ ରଖିବି। କଳାହାଣ୍ଡିରେ ଏକ ୱାର୍କଶପ୍ ମଧ କରିବାକୁ ଚେଷ୍ଟା କରୁଛି। ହାବସ୍‌ପୁରୀକୁ କିପରି ଅନ୍ତର୍ଜାତୀୟସ୍ତରରେପହଞ୍ଚାଯାଇପାରିବଓଏହାରସ୍ୱତନ୍ତ୍ରତାବଢ଼ିବସେଥିପାଇଁକାମକରିବି।

**-ସୁଜିତ୍ ମେହେର, ଫ୍ୟାଶନ ଡିଜାଇନର**

### ବୟନିକା ଶାଢ଼ୀ ଖୋଜୁଛି, ମାର୍କେଟରେ ନାହିଁ



ହାବସ୍‌ପୁରୀର ମାର୍କେଟିଂ ଭଲ ଅଛି। ମାତ୍ର ନୂଆ ବୁଣାକାରମାନେ ଏଥିପାଇଁ ଆଗ୍ରହ ଦେଖାଉ ନାହାନ୍ତି। ଯେତିକି ବୁଣା ହେଉଛି ତାହା ବିକ୍ରି ହେଉଛି। ବୟନଶିଳ୍ପ ଏବଂ ହସ୍ତତନ୍ତ ବିଭାଗ ପକ୍ଷରୁ ଚିଚେଇଗୁଡା, ଜୁନାଗଡ, ନେହେରୁନଗର ଆଦି ଅଞ୍ଚଳରେ ବହୁବାର ପ୍ରଶିକ୍ଷଣ ଶିବିର ହୋଇଥିଲେ ମଧ ଲୋକେ ଆସୁ ନାହାନ୍ତି। ଷ୍ଟାଇପେଣ୍ଡ୍ ନେଇ ଘରେ ବସୁଛନ୍ତି। ରାଜ୍ୟ ସରକାରଙ୍କ ସଂସ୍ଥା ବୟନିକା ଏହି ଶାଢ଼ି ନେବାକୁ ଆଗ୍ରହୀ। ମାତ୍ର ମାର୍କେଟରେ ଶାଢ଼ି ନାହିଁ। ସେହିପରି ଅନ୍‌ଲାଇନ ମାଧମରେ ମଧ ଜଣେ ଏହି ଶାଢ଼ି କିଣି ପାରିବ। ତେବେ ଲୋକମାନେ ନିଜର କୌଳିକ ବୃତ୍ତିକୁ ଛାଡି ଦାଦନ ଖଟିବାକୁ ଯାଉଛନ୍ତି। ଲୋକମାନେ କେବଳ ଅଭିଯୋଗ କଲେ ହେବ ନାହିଁ।

**-ଇନ୍ଦ୍ରମଣି କାଣ୍ଡି, ଡେପୁଟି ଡାଇରେକ୍ଟର,**
**ବୟନଶିଳ୍ପ ନିର୍ଦ୍ଦେଶାଳୟ, ଓଡ଼ିଶା**

## ଏକାମ୍ରରେ ବିଭିନ୍ନ ପ୍ରକଳ୍ପର ଶୁଭାରମ୍ଭ

**ପୁରୁଣା ଭୁବନେଶ୍ୱର,୨୧।୧୧(ଡି.ଏନ୍.ଏ.)**

ଏକାମ୍ର ନିର୍ବାଚନ ମଣ୍ଡଳୀରେ ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଉଦ୍‌ଘାଟନ ଏବଂ ଶିଳାନ୍ୟାସ କରିଛନ୍ତି। ସେଥିମଧ୍ୟରୁ ଏକାମ୍ର ମହାବିଦ୍ୟାଳୟରେ ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କ ସୁବିଧା ପାଇଁ ଭିନ୍ନକ୍ଷମ ସାମାଜିକ ସୁରକ୍ଷା ବିଭାଗ ପକ୍ଷରୁ ୨.୫୦ ଲକ୍ଷ ଟଙ୍କାରେ ପାର୍କିଂ, ଟଏଲେଟ, ରେମ୍ପ ଓ ଲିଫ୍ଟର ଉଦ୍‌ଘାଟନ, ବିଜ୍ଞାନ ଭବନ ନିର୍ମାଣ ପାଇଁ ୧.୬୦ ଲକ୍ଷ, ଗଣିତ ଭବନ ନିର୍ମାଣ ପାଇଁ ବିଧାୟକ ଆଞ୍ଚଳିକ ଉନ୍ନୟନ ପାଣ୍ଠିରୁ ୫୬ ଲକ୍ଷ ଟଙ୍କା ପ୍ରକଳ୍ପକୁ ଶିଳାନ୍ୟାସ କରିଥିଲେ। ବିନ୍ଦୁସାଗର ଉତ୍ତରେଶ୍ୱର ଘାଟରେ ଶୁଦ୍ଧି ମଣ୍ଡପ ଉଦ୍‌ଘାଟନ ଏବଂ ଅଙ୍ଗନୱାଡି ଛାତ୍ରୀଛାତ୍ରଙ୍କୁ ପୋଷାକ ବଣ୍ଟନ କରିଥିଲେ। ଶନିବାର ୱାର୍ଡ ନଂ.୬୪ ଡୁମୁଡୁମା ଠାରେ ପ୍ରାୟ ୧.୬୦ ଲକ୍ଷ ଟଙ୍କାରେ ପଞ୍ଚସଖା ନଗର , ନୂଆ ସାହି, ଜଦୁପୁରରେ ଡ୍ରେନ ଏବଂ ଖେଳ ପଡିଆର ଆଲୋକୀକରଣର ଶୁଭାରମ୍ଭ ହୋଇଛି। କାର୍ଯ୍ୟକ୍ରମରେ ଉପଜିଲାପାଳ ଦେବବ୍ରତ ସାହୁ, ଅଧକ୍ଷ ପରୀକ୍ଷିତ ଦାସ, ପୂର୍ବତନ କର୍ପୋରେଟର ରାଜେନ୍ଦ୍ର ସମର୍ଥା, ବୀରଞ୍ଚି ନାରାୟଣ ମହାସୁପକାର, ନୃପେଶ ନାୟକ, ହୃଦୟ ବଲ୍ଲଭ ସାମନ୍ତରାୟ, ମୁଜାହିଦ ହୁସେନ, ଶ୍ରୀଧର ବେହେରା, ବୀରଞ୍ଚି ପତି, ଶ୍ୟାମସୁନ୍ଦର ମହାପାତ୍ର, ଦାଶରଥି ଗରାବଡୁ, ସେଖ ଅମିର ମହମ୍ମଦ, ଶୟଦ ଜକାବୁର ରହମାନ, ଜିତେନ୍ଦ୍ର ନନ୍ଦ, ତପନ ରାଉତ, ସମରେଶ ବେଉରିଆ, ଶିବପ୍ରସାଦ ମହାପାତ୍ର, ପୂର୍ଣ୍ଣେନ୍ଦୁ ପୂଜାପଣ୍ଡା, ରାଜେଶ ପାତ୍ର, ଚନ୍ଦ୍ରଶେଖର ମଲିଆ,ମିକୁ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ସାବରମତି ପୁନଃନିର୍ମାଣକୁ ବିରୋଧ

**ଭୁବନେଶ୍ୱର,୨୧।୧୧ (ବ୍ୟୁରୋ)**

ଗାନ୍ଧିଜୀଙ୍କ ସାବରମତୀ ଆଶ୍ରମକୁ ଦିଆଯିବ ଏକ ନୂଆ ରୂପ। ୭ ତାରକା ପର୍ଯ୍ୟଟନସ୍ଥଳୀରେ ପରିଣତ କରିବାକୁ ୧୨୪୬ କୋଟି ଖର୍ଚ୍ଚ କରିବେ ଭାରତ ଓ ଗୁଜରାଟ ସରକାର। ଏହି ପ୍ରକଳ୍ପକୁ ଗାନ୍ଧିବାଦୀମାନେ, ବିଭିନ୍ନ ରାଜନୈତିକ ଦଳ ଓ ଗାନ୍ଧିଜୀଙ୍କ ବିଚାରଧାରାରେ ବିଶ୍ୱାସ ରଖୁଥିବା ଯୁବ, ଛାତ୍ର, ମହିଳା ସଂଗଠନଗୁଡ଼ିକ ଏହି ପ୍ରକଳ୍ପକୁ ବିରୋଧ କରୁଛନ୍ତି। ଏ ନେଇ ଗତ ୧୭ରୁ ୨୪ ତାରିଖ ଯାଏ ସଭା, ଶୋଭାଯାତ୍ରା ମାଧମରେ ପ୍ରତିବାଦ କରାଯାଉଛି। ଓଡ଼ିଶାରେ ମଧ ତୀବ୍ର ବିରୋଧ ଆରମ୍ଭ ହୋଇଛି। ପ୍ରକଳ୍ପ ବନ୍ଦ ପାଇଁ ଗାନ୍ଧିବାଦୀ ପ୍ରଫେସର ଡ. ଭଗବାନ ପ୍ରକାଶଙ୍କ ନେତୃତ୍ୱରେ ଗୌରାଙ୍ଗ ମହାପାତ୍ର ଓ ରବି ବେହେରା ପ୍ରମୁଖ ଗତ ୩୦ ତାରିଖରେ ରାଜ୍ୟପାଳ, ପ୍ରଧାନମନ୍ତ୍ରୀ ଏବଂ ରାଷ୍ଟ୍ରପତିଙ୍କୁ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ସାବରମତୀ ପୁନଃନିର୍ମାଣ ପ୍ରକଳ୍ପକୁ ବନ୍ଦ କରି ଏହି ଟଙ୍କାରେ ବେକାର ଯୁବକ ଯୁବତୀଙ୍କ ପାଇଁ କର୍ମନିଯୁକ୍ତି ସୃଷ୍ଟି କରାଯାଉ, ଦେଶର ୭୫ବର୍ଷ ସ୍ୱାଧୀନତା ପୂର୍ତ୍ତି ପାଳନ ଅବସରରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରସ୍ତାବିତ 'ଅହିଂସା'କୁ ସମ୍ବିଧାନର ମୁଖବନ୍ଧରେ ସ୍ଥାନିତ କରିବା ପାଇଁ ପାର୍ଲାମେଣ୍ଟରେ ସମ୍ବିଧାନ ସଂଶୋଧନ କରିବା ପାଇଁ ପଦକ୍ଷେପ ଗ୍ରହଣ କରାଯାଉ ଆଦି ଦାବି ରହିଛି। ଆଗାମୀ ୨୯ ତାରିଖରୁ ପାର୍ଲାମେଣ୍ଟ ଅଧିବେଶନ ଥିବାରୁ ରାଜ୍ୟର ସମସ୍ତ ଏମ୍‌ପି ଓ ବିଭିନ୍ନ ରାଜନୈତିକ ଦଳର ନେତୃବୃନ୍ଦ ଏହି ବିଷୟରେ ସ୍ୱର ଉତ୍ତୋଳନ କରିବାକୁ ସେମାନେ ଅନୁରୋଧ କରିଛନ୍ତି।



କଟକ ରାଣୀହାଟସ୍ଥିତ ପୁରାତନ ହିନ୍ଦ୍ ସିନେମା ହଲ ଭଙ୍ଗାଯିବା ପାଇଁ ଘୋଷଣା ହେବା ପରେ ଆସବାବପତ୍ର ଓ ବିଭିନ୍ନ ସାମଗ୍ରୀ କାଢି ନିଆଯାଉଛି।

## ହାଇଦ୍ରାବାଦରେ ଓଡ଼ିଆ ଛାତ୍ରୀଛାତ୍ରଙ୍କ ସହ ବାଚସ୍ପତିଙ୍କ ଆଲୋଚନା

**ଭୁବନେଶ୍ୱର,୨୧।୧୧(ବ୍ୟୁରୋ)**

ଓଡିଶା ବିଧାନସଭା ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର ହାଇଦ୍ରାବାଦସ୍ଥିତ କେ ଲଛମାୟା ଡିମ୍‌ଡ଼ ବିଶ୍ୱବିଦ୍ୟାଳୟର ଡିଜିଟାଲ ରୂପାନ୍ତରୀକରଣ ସେଲର ଉଦ୍‌ଘାଟନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ବିଶ୍ୱବିଦ୍ୟାଳୟରେ ଅଧ୍ୟୟନ କରୁଥିବା ହାଇଦ୍ରାବାଦ ଓ ବିଜୟବାଡା ଶାଖାର ଶତାଧିକ ଓଡିଆ ଛାତ୍ରୀଛାତ୍ରଙ୍କ ସହ ସାକ୍ଷାତ୍ ହୋଇଥିଲା। ବିଶ୍ୱବିଦ୍ୟାଳୟ ପରିସରରେ ଉନ୍ନତମାନର ଶିକ୍ଷା ବ୍ୟବସ୍ଥା, ଶୈକ୍ଷିକ ପରିବେଶ, ବ୍ୟକ୍ତି ବିକାଶର ତାଲିମ ଇତ୍ୟାଦି ସମ୍ପର୍କରେ ସେ ଛାତ୍ରୀଛାତ୍ରଙ୍କ ସହ ଆଲୋଚନା କରିଥିଲେ। ଅଧ୍ୟୟନରତ ଓଡିଆ ଛାତ୍ରୀଛାତ୍ରଙ୍କର ବୈଷୟିକ ଶିକ୍ଷା ଗ୍ରହଣ ପଦ୍ଧତି ଓ ସମ୍ପୂର୍ଣ୍ଣ ଶୈକ୍ଷିକ ପରିବେଶକୁ ବାଚସ୍ପତି ପ୍ରଶଂସା କରିଥିଲେ।

## ଅନ୍ତର୍ଜାତୀୟ ମଞ୍ଚରେ ପ୍ରିୟାଂଶୀଙ୍କ ସମ୍ବଲପୁରୀ ନୃତ୍ୟ

**ଭୁବନେଶ୍ୱର,୨୧।୧୧(ବ୍ୟୁରୋ)**

ଓଡ଼ିଆ ଝିଅ ପ୍ରିୟାଂଶୀ ରାଜ୍ୟ ପାଇଁ ଆଣିଲେ ଗୌରବ। ଅନ୍ତର୍ଜାତୀୟ ସ୍ତରରେ ସମ୍ବଲପୁରୀ ନୃତ୍ୟ ପରିବେଷଣ କରି ବେଶ୍ ପ୍ରଶଂସା ସାଉଣ୍ଟିଛନ୍ତି। ନୂଆଦିଲ୍ଲୀ ଆନ୍ଧ୍ର ଆସୋସିଏଶନ ଲୋଧିରୋଡ଼ସ୍ଥିତ ଗୋଦାବରୀ ଅଡିଟୋରିୟମରେ ନଭେମ୍ବର୧୩ରୁ ଅନ୍ତର୍ଜାତୀୟ ଟ୍ୟାଲେଣ୍ଟ ହଣ୍ଟ କାର୍ଯ୍ୟକ୍ରମ 3iii ଇଣ୍ଟରନ୍ୟାଶନାଲ ଇଣ୍ଡିଆନ ଆଇକନ୍ ଅନୁଷ୍ଠିତ ହୋଇଥିଲା। ବିଭିନ୍ନ ରାଜ୍ୟରୁ ପ୍ରାୟ ୬୪୦୦ପିଲା ଭାଗ ନେଇଥିଲେ। ସେଥିମଧ୍ୟରୁ ୧୫ଜଣ ପିଲା ଫାଇନାଲ ରାଉଣ୍ଡକୁ ମନୋନୀତ ହୋଇଥିଲେ। ଓଡ଼ିଶାର ପ୍ରତିଭା ପ୍ରିୟାଂଶୀ ସେମାନଙ୍କ ମଧ୍ୟରେ ସ୍ଥାନ ପାଇଥିଲେ।



ସେ ଭୁବନେଶ୍ୱର ଏସ୍.ଜେ ଡ୍ୟାନ୍ସ ଏକାଡେମୀରେ ନୃତ୍ୟ ଶିଖୁଥିଲେ। ଓଡ଼ିଶାର ଲୋକନୃତ୍ୟ ସମ୍ବଲପୁରୀକୁ ସେ ଅତି ନିଖୁଣ ଭାବରେ ମଞ୍ଚରେ ପରିବେଷଣ କରି ସମସ୍ତଙ୍କ ମନ ମୋହିଥିଲେ।

## କାର୍ଯ୍ୟ ବନ୍ଦ, ଭୋଟ୍ ବର୍ଜନ କରିବେ କନିଷ୍ଠ ଶିକ୍ଷକ

**ଭୁବନେଶ୍ୱର,୨୧।୧୧ (ବ୍ୟୁରୋ)**

କନିଷ୍ଠ ଶିକ୍ଷକମାନଙ୍କୁ ରାଜ୍ୟ ସରକାର ଅଣଦେଖା କରୁଛନ୍ତି। ୨୦୧୫ରୁ ୫ବର୍ଷ ହେବ ଏମାନଙ୍କ ଦରମା ବଢୁନାହିଁ। ଦାବି ପୂରଣ ପାଇଁ ଦୀର୍ଘଦିନ ହେବ ଆନ୍ଦୋଳନ କରି ଆସୁଥିଲେ ମଧ କିଛି ସୁଫଳ ମିଳୁନାହିଁ। ଆଗକୁ କାର୍ଯ୍ୟ ବନ୍ଦ କରିବା ସହ ଭୋଟ ବର୍ଜନ କରିବେ ବୋଲି କନିଷ୍ଠ ଶିକ୍ଷକ ସଂଘ ଚେତାବନୀ ଦେଇଛି। ଏ ନେଇ ଶିକ୍ଷକ ଭବନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଓଡ଼ିଶା କନିଷ୍ଠ ଶିକ୍ଷକ ସଂଘ ସଭାପତି ଅକ୍ଷୟ କୁମାର ପାଢୀ କହିଛନ୍ତି, କନିଷ୍ଠ ଶିକ୍ଷକମାନଙ୍କୁ ମାସିକ ଦରମା ମାତ୍ର ୬୫୧୨ଟଙ୍କା ମିଳୁଛି। ୨୦୧୮ରୁ ସରକାର ଅନ୍ୟ ଚୁକ୍ତିଭିତ୍ତିକ ଓ ଆଉଟସୋର୍ସିଂ କର୍ମଚାରୀଙ୍କ ଦରମା ୨୫ ପ୍ରତିଶତ ବୃଦ୍ଧି କରିଥିଲେ। ଗତ କ୍ୟାବିନେଟ ବୈଠକରେ ଚୁକ୍ତିଭିତ୍ତିକ କର୍ମଚାରୀଙ୍କ ୫୦ ପ୍ରତିଶତ ଦରମା ବୃଦ୍ଧି କରିବା ସହ ଚୁକ୍ତିଭିତ୍ତିକ ପ୍ରଥାକୁ ଉଚ୍ଛେଦ କରି ଇନିସିଆଲ ଆପଏଣ୍ଟିଂ ଭାବେ ଘୋଷଣା କଲେ ଓ ଆଉଟସୋର୍ସିଂ କର୍ମଚାରୀଙ୍କର ୨୫ ପ୍ରତିଶତ ଦରମା ବୃଦ୍ଧି କଲେ। ହେଲେ କନିଷ୍ଠ ଶିକ୍ଷକଙ୍କ ଦାବି ଶୁଣା ଯାଉନାହିଁ। ଦାବି ଅନୁସାରେ ଓଡ଼ିଶା ବର୍ଗ-ଗ ଅଧୀନ କର୍ମଚାରୀଙ୍କ ପାଇଁ ଅକ୍ଟୋବର ୧୧ କ୍ୟାବିନେଟ ବୈଠକରେ ନିଆଯାଇଥିବା ନିଷ୍ପତ୍ତିର ସମସ୍ତ ସୁବିଧା ସୁଯୋଗ ପ୍ରଦାନ କରିବା ସହିତ ଚୁକ୍ତିନାମା ନିୟମ ୨୦୧୩ରେ ସାମିଲ୍ କରିବା, କନିଷ୍ଠ ଶିକ୍ଷକ, ଶିକ୍ଷୟିତ୍ରୀ ତାଲିମପ୍ରାପ୍ତ (ଅତି କୁଶଳୀ) ହୋଇଥିବାରୁ ସେମାନଙ୍କ ଦରମା ସର୍ବନିମ୍ନ ୧୬ହଜାର ଟଙ୍କା କରିବା ସହ ଏହାକୁ ଗତ ୨୦୧୬ ମସିହାରୁ ଲାଗୁ କରାଯାଉ। ଦାବି ପୂରଣ ପାଇଁ ଗୋଟିଏ ଦିନରେ ଓଡ଼ିଶା କନିଷ୍ଠ ଶିକ୍ଷକ ସଂଘ ତରଫରୁ ଓଡ଼ିଶାର ୩୦ ଜିଲା, ୩୧୪ ବ୍ଲକର କନିଷ୍ଠ ଶିକ୍ଷକ ଶିକ୍ଷୟିତ୍ରୀମାନେ ଗୋଷ୍ଠୀ ଶିକ୍ଷା ଅଧିକାରୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଜିଲା ପ୍ରକଳ୍ପ ସଂଯୋଜକ, ଜିଲା ଶିକ୍ଷା ଅଧିକାରୀ ଓ ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ସର୍ବସମ୍ମତିକ୍ରମେ ଆଗାମୀ ଶୀତ ଅଧିବେଶନ ପୂର୍ବରୁ ରାଜ୍ୟ ସରକାର କନିଷ୍ଠ ଶିକ୍ଷକଙ୍କ ଦାବି ପୂରଣ ନ କଲେ ଆସନ୍ତା ୨୯ ତାରିଖରୁ ବିଧାନସଭା ସମ୍ମୁଖରେ କାର୍ଯ୍ୟବନ୍ଦ ଆନ୍ଦୋଳନ କରାଯିବ। ଏଥିସହ ପଞ୍ଚାୟତ ନିର୍ବାଚନରେ ୧୦ ହଜାର ଶିକ୍ଷକ, ସେମାନଙ୍କ ବନ୍ଧୁ ଓ ପରିବାରବର୍ଗ ଭୋଟ ବର୍ଜନ କରିବାକୁ ନିଷ୍ପତ୍ତି ନିଆଯାଇଥିବା ପାଢ଼ୀ କହିଛନ୍ତି।




ପୁରୀ ନାମ ପରିବର୍ତ୍ତନ ପ୍ରସ୍ତାବକୁ ବିରୋଧ କରି ରବିବାର ପୁରୀ ନାମ ସୁରକ୍ଷା କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ବାହାରି ଥିବା ଶୋଭାଯାତ୍ରା।



ଡ. ହରେକୃଷ୍ଣ ମହତାବଙ୍କ ଜୟନ୍ତୀ ଅବସରରେ ରବିବାର ବିଧାନସଭା ପରିସର ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ ଉପସ୍ଥିତ ଉପବାଚସ୍ପତି ରଜନୀକାନ୍ତ ସିଂ ଓ ଅନ୍ୟମାନେ।



ସାହିତ୍ୟିକ ବିଦ୍ୟାଧର ବାରିକଙ୍କ ସ୍ମୃତି ଉଦ୍ଦେଶ୍ୟରେ ଭୁବନେଶ୍ୱରସ୍ଥିତ ଜାତୀୟ ଅଭିଲେଖାଗାରରେ ରବିବାର ଅନୁଷ୍ଠିତ କବିତା ପାଠୋତ୍ସବ ଓ ଆଲୋଚନାଚକ୍ରରେ ଯୋଗ ଦେଇଥିବା ଅତିଥିମାନେ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ୨୨ ନଭେମ୍ବର ୨୦୨୧



## ସଂକ୍ଷେପରେ

### କୂଅରେ ପଡ଼ି ନାବାଳକଙ୍କ ମୃତ୍ୟୁ

ଜଟଣୀ,୨୧।୧୧(ଡି.ଏନ୍.ଏ.): ଜଟଣୀ ପୌରାଞ୍ଚଳ ଗଜପତି ନଗରରେ ରବିବାର ଏକ ଦୁଃଖଦ ଘଟଣା ଘଟିଛି। ଗୁଡ଼ି ଉଡ଼ାଉଥିବା ବେଳେ ଅସବାଧାନତାରୁ ଛାତରୁ ଖସିପଡ଼ି କୂଅରେ ପଡ଼ି ଜଣେ ନାବାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଆର୍ ଲକ୍ଷ୍ମୀନାରାୟଣ ରାଓଙ୍କ ୧୪ବର୍ଷର ପୁଅ ଆର ଇସ୍ୱର ରାଓ। ସୂଚନା ମୁତାବକ, ଇସ୍ୱର ସାଙ୍ଗମାନଙ୍କ ସହ ଗୁଡି ଉଡ଼ାଉ ଥିଲେ। ଅସାବଧାନତାରୁ ଛାତରୁ ଇସ୍ୱରଙ୍କ ଗୋଡ଼ ଖସିଯିବାରୁ ତଳେ ଥିବା କୂଅରେ ପଡ଼ିଯାଇଥିଲେ। ଖବରପାଇ ଅଗ୍ନିଶମ କର୍ମଚାରୀ ଇସ୍ୱରଙ୍କୁ ଉଦ୍ଧାର କରି ଜଟଣୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ। ଖବରପାଇ ଜଟଣୀ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏ ସମ୍ପର୍କରେ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୫୩/୨୧)ରୁଜୁକରି ତଦନ୍ତ ଚଳାଇଛି।

### ବାଇକ୍ ଚୋରି ଅଭିଯୋଗ

ଖୋର୍ଦ୍ଧା ଅଫିସ,୨୧।୧୧: ଖୋର୍ଦ୍ଧା ସହରରେ ଦିନକୁ ଦିନ ବାଇକ୍ ଚୋରି ବୃଦ୍ଧି ପାଇବାରେ ଲାଗିଛି। ଗତ ୧୯ତାରିଖ ରାତିରେ ଖୋର୍ଦ୍ଧା ଉପକଣ୍ଠ ଉଇଲକିଷନ ନଗର ସ୍ଥିତ ଜୀବନବଲ୍ଲଭ ପ୍ରଧାନଙ୍କ ଘର ବାରଣ୍ଡାରୁ ଏକ ବାଇକ୍ (ଓଡି୦୨ ଏଡବ୍ଲ୍ୟୁ ୦୭୩୮)କୁ କେହି ଦୁର୍ବୃତ୍ତ ଚୋରି କରି ନେଇଯାଇଛନ୍ତି। ଏନେଇ ସେ ଥାନାରେ ଅଭିଯୋଗ କରିଛନ୍ତି। ବାଇକ୍ ଡିକିରେ ଜରୁରୀ କାଗଜପତ୍ର ରହିଥିବା ସେ ଉଲ୍ଲେଖ କରିଛନ୍ତି। ଅଭିଯୋଗକୁ ଭିତ୍ତିକରି ପୋଲିସ ତଦନ୍ତ ଚଳାଇଛି।

### ଭାଗବତ ସପ୍ତାହ ଉଦ୍‌ଯାପିତ

ଖୋର୍ଦ୍ଧା ଅଫିସ,୨୧।୧୧: ଖୋର୍ଦ୍ଧା ବ୍ଲକ୍ ଅନ୍ତର୍ଗତ ଜରିପୁଟ ଗ୍ରାମ ଜାମୁସାହିରେ ସପ୍ତାହ ବ୍ୟାପୀ ଚାଲିଥିବା ଶ୍ରୀମଦ୍ ଭାଗବତ ସପ୍ତାହ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଜାଗୁଲିପାଟଣା ମଠ ମହନ୍ତ କମଳଲୋଚନ ଦାସମହାରାଜ, ପଣ୍ଡିତ ମୀନକେତନ ମିଶ୍ର ଓ ଆଚାର୍ଯ୍ୟ ଅବକାଶ କର ଯୋଗଦେଇ ସମସ୍ତ କାର୍ଯ୍ୟ ରୀତିନୀତି ଅନୁଯାୟୀ ସମାପନ କରିଥିଲେ। ଏହି ଅବସରରେ ପ୍ରବଚକ ଭାଗବତ ପାଠ ଓ ପାରାୟଣ ପ୍ରବଚନ ଦେଉଥିଲେ। ପଣ୍ଡିତ କୃଷ୍ଣଚନ୍ଦ୍ର ଦାସ, ସୂର୍ଯ୍ୟନାରାୟଣ ରଥଶର୍ମା ପ୍ରମୁଖ ଯୋଗଦେଇ ଭାଗବତ ଗ୍ରନ୍ଥ ଜୀବନ ମୂଲ୍ୟବୋଧର ଆଧାର ବୋଲି କହିଥିଲେ। ପ୍ରତ୍ୟେକ ଦିନ ଭାଗବତ ପାଠ ଲାଗି ପରାମର୍ଶ ଦେଉଥିଲେ। ପୂର୍ଣ୍ଣାହୁତି କାର୍ଯ୍ୟକ୍ରମରେ ବହୁ ଶ୍ରଦ୍ଧାଳୁ ଯୋଗଦେଇଥିଲେ। ଜଳନ୍ଧର ରାଉତରାୟ ଓ ସୁଷମା ରାଉତରାୟ କର୍ତ୍ତାଭାବେ ଦାୟିତ୍ୱ ତୁଲାଇଥିଲେ। ରବୀନ୍ଦ୍ରନାଥ ଶ୍ରୀଚନ୍ଦନ, ବାଙ୍କନିଧି ଶ୍ରୀଚନ୍ଦନ, ଦୀନବନ୍ଧୁ ଶ୍ରୀଚନ୍ଦନ, ସଦାନନ୍ଦ ହରିଚନ୍ଦନ, ମାନସ ସାମନ୍ତରାୟ, ହରି ମାର୍ଥା, ବିଚିତ୍ରାନନ୍ଦ ମାର୍ଥା, ଦୁଃଖିଶ୍ୟାମ ସାମନ୍ତରାୟ, ରମେଶ ସାମନ୍ତରାୟ, ରାଜକିଶୋର ହରିଚନ୍ଦନ, ଲକ୍ଷ୍ମଣ ମାର୍ଥା, ଦୁର୍ଯ୍ୟୋଧନ ମାର୍ଥାଙ୍କ ସମେତ ଗ୍ରାମବାସୀ ଉପସ୍ଥିତ ଥିଲେ।

### ବୁଲା କୁକୁରଙ୍କୁ ଧରିଲା ପ୍ରଶାସନ

ଖୋର୍ଦ୍ଧା ଅଫିସ,୨୧।୧୧: ଖୋର୍ଦ୍ଧା ସହରରେ ସାହି ଗଳିକନ୍ଦିରେ ବୁଲାକୁକୁରଙ୍କ ଦୌରାତ୍ମ୍ୟ ବଢ଼ିବାରେ ଲାଗିଛି। ସନ୍ଧ୍ୟା ହେଲେ ବିଭିନ୍ନ ଛକ, ସାହି ଗଳିରେ ମେଳି ବାନ୍ଧି ରହୁଛନ୍ତି। ଫଳରେ ରାସ୍ତାରେ ଯାତାୟାତ ବେଳେ ଲୋକେ ହଇରାଣ ହେଉଛନ୍ତି। ବିଶେଷକରି ନୂଆ ବସ୍‌ଷ୍ଟାଣ୍ଡରେ ରହିଥିବା ମାଂସ ଦୋକାନ ଆଗରେ ରହୁଛନ୍ତି। ଫଳରେ ଅନେକ ସମୟରେ ଛୋଟବଡ ଦୁର୍ଘଟଣା ଘଟୁଛି। ଏନେଇ ଖୋର୍ଦ୍ଧା ପୌର ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ରବିବାର ପ୍ରଶାସନ ପକ୍ଷରୁ ଡଗ୍‌ସ ଟିମ୍ ବିଭିନ୍ନ ସାହି, ଛକ, ନୂଆବସ୍‌ଷ୍ଟାଣ୍ଡ ଆଦି ସ୍ଥାନରୁ ୧୦ରୁ ଊର୍ଦ୍ଧ୍ୱ କୁକୁରଙ୍କୁ ଧରିଛନ୍ତି। ଏମାନଙ୍କ ବନ୍ଧ୍ୟାକରଣ କରାଯିବା ଯୋଜନା ରହିଥିବା ପ୍ରଶାସନ ପକ୍ଷରୁ କୁହାଯାଇଛି।

# ‘ସ୍ୱାଧୀନତା ସଂଗ୍ରାମୀଙ୍କୁ ଉପଯୁକ୍ତ ସମ୍ମାନ ମିଳିନାହିଁ’

ଖୋର୍ଦ୍ଧା ଅଫିସ,୨୧।୧୧

ଭାରତୀୟ ମୁକ୍ତିସଂଗ୍ରାମରେ ସ୍ୱାଧୀନତା ସଂଗ୍ରାମୀମାନଙ୍କ ତ୍ୟାଗ ଅତୁଳନୀୟ। ସ୍ୱାଧୀନତାର ୭୫ବର୍ଷରେ ଦେଶ ଏବେ ଅମୃତ ମହୋତ୍ସବ ପାଳନ କରୁଛି। ମାତ୍ର ସ୍ୱାଧୀନ ଭାରତରେ ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ଉପଯୁକ୍ତ ସମ୍ମାନ ମିଳିନାହିଁ। ଆଜି ବି ବହୁ ସ୍ୱାଧୀନତା ସଂଗ୍ରାମୀଙ୍କ ଇତିହାସ ଅନାଲୋଚିତ ହୋଇରହିଛି। ଏମାନଙ୍କ ଉପରେ ଅଧିକ ଗବେଷଣା ହେବା ଆବଶ୍ୟକ। ଏଥିସହ ଓଡ଼ିଶାର ଐତିହ୍ୟ, ଗୌରବମୟ ଇତିହାସ, ପ୍ରାଚୀନ କୀର୍ତ୍ତିରାଜି, ଶିଳାଲେଖ ଉପରେ ଅନୁସନ୍ଧାନ କରାଯାଇ ଆଗକୁ ଅଣାଯାଇପାରିଲେ, ଓଡ଼ିଆ ଜାତି ସମୃଦ୍ଧ ହେବ। ଆଜାଦି କା ଅମୃତ ମହୋତ୍ସବ ଅବସରରେ ରବିବାର ଭାରତୀୟ ଇତିହାସ ଗବେଷଣା ପରିଷଦ ସହଭାଗିତାରେ ଭାରତୀୟ ଇତିହାସ ସଙ୍କଳନ ସମିତି ଖୋର୍ଦ୍ଧା ଶାଖା ଆନୁକୂଲ୍ୟରେ ସ୍ଥାନୀୟ ଗୀତାଭବନରେ ଆୟୋଜିତ ‘ସ୍ୱାଧୀନତା

## ଆଲୋଚନାଚକ୍ରରେ ମତ ରଖିଲେ ଅତିଥି

■ ଜୟୀ ରାଜଗୁରୁ ହେଉଛନ୍ତି ପ୍ରଥମ ଶହୀଦ
■ ଇତିହାସ ଉପରେ ଅଧିକ ଗବେଷଣା ଆବଶ୍ୟକ



ସଂଗ୍ରାମର ଅନାଲୋଚିତ ପ୍ରସଙ୍ଗ’ ଶୀର୍ଷକ ଆଲୋଚନାଚକ୍ରରେ ବକ୍ତାଭାବେ ଐତିହାସିକ ପ୍ରଫେସର ନାରାୟଣ ରାଓ ଯୋଗଦେଇ ଏହା କହିଛନ୍ତି।

ପ୍ରଫେସର ରାଓ ଆହୁରି କହିଛନ୍ତି, ଇଂରେଜମାନେ ଓଡ଼ିଶା ଅଧିକାର କରିବାର ବର୍ଷେ ପରେ ଖୋର୍ଦ୍ଧା ରାଜ୍ୟ ସହିତ ସେମାନଙ୍କ ମତାନ୍ତର ଯୋଗୁ ୧୮୦୪ରେ ଏକ ସଂଗ୍ରାମ ସଂଘଟିତ ହୋଇଥିଲା। ଏହି ସଂଗ୍ରାମର ମୁଖ୍ୟ ଥିଲେ ଜୟୀ ରାଜଗୁରୁ। ଇଂରେଜ ସୈନ୍ୟମାନେ ଖୋର୍ଦ୍ଧା ଦୁର୍ଗକୁ ଅକ୍ତିଆର କରିନେଇଥିଲେ। ତେବେ ସେମାନଙ୍କ ବିରୋଧରେ ଜୟୀଙ୍କ ନେତୃତ୍ୱାଧୀନ ପାଇକମାନେ ସଶସ୍ତ୍ର ସଂଗ୍ରାମ କରିଥିଲେ। ୧୮୫୭ ସିପାହୀ ବିଦ୍ରୋହୀ ପୂର୍ବରୁ ଓଡ଼ିଶାରେ ମୁକ୍ତି ସଂଗ୍ରାମ ତଥା ପାଇକବିଦ୍ରୋହ ହୋଇଥିଲା। ଖୋର୍ଦ୍ଧା ସମେତ ଓଡ଼ିଶାକୁ ଇଂରେଜ ଶାସନରୁ ମୁକ୍ତ କରିବା ଥିଲା ଏହାର ଆଭିମୁଖ୍ୟ। ତେବେ ଆଜି ପର୍ଯ୍ୟନ୍ତ ତାଙ୍କୁ ପ୍ରଥମ ଶହୀଦ ଭାବେ କେନ୍ଦ୍ର ସ୍ତରରେ ଘୋଷଣା କରାଯାଇନାହିଁ। ଏହି ଆଲୋଚନାଚକ୍ରରେ ସମିତିର ପୂର୍ବ ପ୍ରାନ୍ତ ଅଧକ୍ଷ ବିକ୍ରମ କେଶରୀ ମହାପାତ୍ର ପୌରୋହିତ୍ୟ କରିଥିଲେ। ମୁଖ୍ୟ ଅତିଥିଭାବେ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ବ୍ୟୋମକେଶ ତ୍ରିପାଠୀ, ମୁଖ୍ୟ ବକ୍ତାଭାବେ ପ୍ରଫେସର ପ୍ରସନ୍ନ ଜେନା ଏବଂ ଅତିଥି ଭାବେ ନାଇଜର କୁଳସଚିବ ଡ. ଅଭୟ ନାୟକ ଯୋଗଦେଇ ସ୍ୱାଧୀନତା ସଂଗ୍ରାମର ଅନାଲୋଚିତ ପ୍ରସଙ୍ଗ ଉପରେ ଆଲୋକପାତ କରିଥିଲେ। ଆଲୋଚନା ଚକ୍ରରେ ଖୋର୍ଦ୍ଧା ଓ ନୟାଗଡ଼ର ଇତିହାସ ଗବେଷକମାନେ ୧୮ଟି ପ୍ରସଙ୍ଗ ଉପରେ ସନ୍ଦର୍ଭ ପାଠ କରିଥିଲେ। ପ୍ରାଧ୍ୟାପକ ଗଙ୍ଗାଧର ଦାଶ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଡ. ଧିରେନ୍ଦ୍ର ନନ୍ଦ ଧନ୍ୟବାଦ ଦେଇଥିଲେ। ମିହିର ବିଧାର, ଶିବ ପ୍ରସାଦ ଖୁଣ୍ଟିଆ, ଅର୍ଚ୍ଚନା ମହାପାତ୍ର, ବିଧୁଭୂଷଣ ରାଉତ, ସମ୍ପିତ ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ଭୁବନେଶ୍ୱର ପାତ୍ରପଡ଼ାରେ ରହୁଥିବା ୧୬ବର୍ଷୀୟ ସୁମିତ କୁମାର ଦାଶ ଅଦରକାରୀ ସାମଗ୍ରୀକୁ ବ୍ୟବହାର କରି ଅଯୋଧ୍ୟା ରାମ ମନ୍ଦିର ଆକୃତିର କଳାକୃତି ନିର୍ମାଣ କରିଛନ୍ତି।

# ଅଦରକାରୀ ସାମଗ୍ରୀରେ ସୁନ୍ଦର କଳାକୃତି

ଭୁବନେଶ୍ୱର,୨୧।୧୧ (ବ୍ୟୁରୋ)

ଯେଉଁସବୁ ଜିନିଷ ଅନ୍ୟମାନଙ୍କ ପାଇଁ ଅଦରକାରୀ ମନେହୁଏ, ସେଇଥିରୁ ହିଁ ତାଙ୍କ ହାତର ଯାଦୁରୁ ସୃଷ୍ଟି ହୁଏ ସୁନ୍ଦର କଳାକୃତି। ଆଜିକାଲିର ପିଲା ମୋବାଇଲରେ ଅଯଥା ସମୟ ନଷ୍ଟ କରୁଥିବାବେଳେ ସେ କିନ୍ତୁ ଅଦରକାରୀ ଜିନିଷରୁ କିଛି ନୂଆ କରିବାକୁ ଦିନ ରାତି ଭାବି ବସନ୍ତି। କ’ଣ କରିବ ଭାବୁ ଭାବୁ ତିଆରି କରିପକାନ୍ତି କାହିଁ କେତେ ରଙ୍ଗିନ, ଚିତ୍ତାକର୍ଷକ, ମନୋଲୋଭା କଳାକୃତି। ଏଭଳି ଜଣେ ପ୍ରତିଭା ହେଉଛନ୍ତି ଭୁବନେଶ୍ୱରର ୧୬ବର୍ଷୀୟ ସୁମିତ୍ କୁମାର ଦାଶ। ବାପା ସରୋଜ କୁମାର ଦାଶ ଓ ମା’ ସଙ୍ଗୀତାଙ୍କ ସହ ସୁମିତ୍ ପାତ୍ରପଡ଼ାରେ ରହୁଛନ୍ତି। ପିଲାବେଳୁ ତାଙ୍କର ଚିତ୍ରକଳା ସହ ଏଭଳି ପ୍ରତିଭା ବିଷୟରେ ଜଣାପଡିଥିଲା। ଘରର ବିଭିନ୍ନ ଅଦରକାରୀ ଓ ନଷ୍ଟ ହେଉଥିବା ଜିନିଷରେ ଖେଳୁଖେଳୁ କିଛିଗୋଟେ ତିଆରି କରିପକାନ୍ତି। ପଡୋଶୀ ଘରର ଜଣେ ଭାଇଙ୍କ ସହଯୋଗରେ ଅଧିକ କିଛି ଶିଖିବା ଆରମ୍ଭ କରିଥିଲେ। ମା’ ସଙ୍ଗୀତା ତାଙ୍କୁ ଏ ଦିଗରେ ପ୍ରୋତ୍ସାହିତ କରିଥିଲେ। ପୁରୁଣା କାଗଜ, ଖବରକାଗଜ, ଅବ୍ୟବହୃତ ବୋତଲ, ବିଭିନ୍ନ ପ୍ଲାଷ୍ଟିକ ଡବାକୁ ନେଇ ସେ ବିଭିନ୍ନ ଘରୋପକରଣ ତିଆରି କରିଛନ୍ତି। ଏଥିସହ ଅଯୋଧ୍ୟା ରାମମନ୍ଦିର, ପୁରୀ ଶ୍ରୀଧିଜଗନ୍ନାଥ ମନ୍ଦିର, କୋଣାର୍କର ସୂର୍ଯ୍ୟ ମନ୍ଦିର, ତାଜମହଲ ସହ ପଶୁ, ପକ୍ଷୀ ଓ ସୌଖୀନ ଜିନିଷ ତିଆରି କରିଛନ୍ତି। ସେ ଏହାକୁ ବିକ୍ରି ନ କରି ସାଙ୍ଗ ସାଥିଙ୍କୁ ଦେଇ ଉତ୍ସାହିତ କରିବା ସହ ନିଜେ ଖୁସି ହୁଅନ୍ତି। ଏଥିସହ ପଡ଼ୋଶୀମାନେ ଗିଫ୍ଟ ଓ ଘର ସଜାଇବାକୁ ତାଙ୍କଠାରୁ ଏସବୁ କଳାକୃତି ନେଇଥାନ୍ତି। ଏହାହିଁ ତାଙ୍କୁ ଆହୁରି ପ୍ରେରଣା ଦେଇଥାଏ। ଏସବୁ ତିଆରି ସମୟରେ ଥର୍ମୋକୁଲ୍ ବା ସୋଲ ବ୍ୟବହାରକୁ ସେ ସମ୍ପୂର୍ଣ୍ଣ ବାରଣ କରିଥାନ୍ତି। ସେ କୁହନ୍ତି, ସୋଲ ସହଜରେ ମାଟିରେ ମିଶି ନ ଥାଏ। ନଷ୍ଟ ହୋଇପାରୁଥିବା ଅଦରକାରୀ ଜିନିଷକୁ ବ୍ୟବହାର କରିଥାନ୍ତି। ଲୋକମାନେ ଦେଖି ପ୍ରଶଂସା କରିବା ହିଁ ଖୁସି ଦେଇଥାଏ ବୋଲି ସେ କହିଛନ୍ତି।

# ଅହମ୍ମଦୀୟା କ୍ଲବକୁ ହରାଇ ୭୮୬ କ୍ଲବ ଚାମ୍ପିୟନ

ବେଗୁନିଆ,୨୧।୧୧(ଡି.ଏନ୍.ଏ.)

## କଣ୍ଟାମଲିମ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ

ବେଗୁନିଆ ବ୍ଲକ ଅନ୍ତର୍ଗତ କଣ୍ଟାମଲିମ ଖେଳପଡ଼ିଆରେ ଚାଲିଥିବା ଫୁଟବଲ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ କେରଙ୍ଗର ଅହମ୍ମଦୀୟା କ୍ଲବକୁ ୩-୧ ଗୋଲରେ ପରାସ୍ତ କରି ନୟାଗଡ଼ର ୭୮୬ କ୍ଲବ ବିଜୟୀ ହେବା ସହ ଚାମ୍ପିୟନ ହୋଇଛି। ମ୍ୟାଚର ପ୍ରଥମାର୍ଦ୍ଧରେ ଅହମ୍ମଦୀୟା କ୍ଲବ ପ୍ରଥମେ ଗୋଟିଏ ଗୋଲ ଦେଇଥିବା ବେଳେ ୭୮୬ କ୍ଲବ ମଧ୍ୟ ଗୋଟିଏ ଗୋଲ ଦେଇଥିଲା। ଦ୍ୱିତୀୟାର୍ଦ୍ଧ ଆରମ୍ଭରୁ ୭୮୬ କ୍ଲବ ଗୋଟିଏ ଏବଂ ମ୍ୟାଚ ଶେଷ ବେଳକୁ ଆଉ ଏକ ଗୋଲ ଦେଇଥିଲା। ଅଶୋକ କୁମାର କଅଁର, ସକାବତ ଅଲ୍ଲୀ ଖାନ, ଗିରିଶ ଚନ୍ଦ୍ର ଜାନୀ, ପ୍ରଫୁଲ୍ଲ ବେହେରା ପ୍ରମୁଖ ମ୍ୟାଚ୍ ପରିଚାଳନାରେ ସହଯୋଗ କରିଥିଲେ। ଏହି ଅବସରରେ ଆୟୋଜିତ ପୁରସ୍କାର ବିତରଣୀ ଉତ୍ସବରେ ସ୍ଥାନୀୟ ବିଧାୟକ ରାଜେନ୍ଦ୍ର କୁମାର ସାହୁ, ସରପଞ୍ଚ ସରୋଜିନୀ ଖୁଣ୍ଟିଆ,ଆମ୍ବାର ବ୍ଲକ ଅଧକ୍ଷ ଶ୍ରୀନିବାସ ରାୟ, ପୂର୍ବତନ ଫୁଟବଲ ଖେଳାଳି ଅବଦୁଲ ଦୟାନ ଖାନ ପ୍ରମୁଖ ଅତିଥିଭାବେ ଯୋଗଦେଇ ଚାମ୍ପିୟନ ଟିମ୍‌କୁ ଟ୍ରଫି ସହ ୫ ହଜାର ଟଙ୍କା ପ୍ରଦାନ କରିଥିଲେ। ଏଥିସହ ରନର୍ସ ଟିମ୍‌କୁ ଟ୍ରଫି ସହ ୩ ହଜାର ଟଙ୍କା ପ୍ରଦାନ କରିଥିଲେ। ଫୈଜଲ୍ ଖାଁ ଅତିଥି ପରିଚୟ ଓ ମ୍ୟାଚର ଧାରା ବିବରଣୀ ପ୍ରକାଶ କରିଥିଲେ। ଆୟୋଜକ କ୍ଲବର ସମସ୍ତ ସଦସ୍ୟ ଟୁର୍ନାମେଣ୍ଟରେ ସହାୟତା କରିଥିଲେ।

# ଏକାମ୍ରରେ ବିଭିନ୍ନ ପ୍ରକଳ୍ପର ଶୁଭାରମ୍ଭ

ପୁରୁଣା ଭୁବନେଶ୍ୱର, ୨୧।୧୧(ଡି.ଏନ୍.ଏ.)

ଏକାମ୍ର ନିର୍ବାଚନ ମଣ୍ଡଳୀରେ ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଉଦ୍‌ଘାଟନ ଏବଂ ଶିଳାନ୍ୟାସ କରିଛନ୍ତି। ସେଥିମଧ୍ୟରୁ ଏକାମ୍ର ମହାବିଦ୍ୟାଳୟରେ ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କ ସୁବିଧା ପାଇଁ ଭିନ୍ନକ୍ଷମ ସାମାଜିକ ସୁରକ୍ଷା ବିଭାଗ ପକ୍ଷରୁ ୨.୫୦ ଲକ୍ଷ ଟଙ୍କାରେ ପାର୍କିଂ, ଟଏଲେଟ, ରେମ୍ପ ଓ ଲିଫ୍ଟର ଉଦ୍‌ଘାଟନ, ବିଜ୍ଞାନ ଭବନ ନିର୍ମାଣ ପାଇଁ ୧.୬୦ ଲକ୍ଷ, ଗଣିତ ଭବନ ନିର୍ମାଣ ପାଇଁ ବିଧାୟକ ଆଞ୍ଚଳିକ ଉନ୍ନୟନ ପାଣ୍ଠିରୁ ୫୬ ଲକ୍ଷ ଟଙ୍କା ପ୍ରକଳ୍ପକୁ ଶିଳାନ୍ୟାସ କରିଥିଲେ। ବିନ୍ଦୁସାଗର ଉତ୍ତରେଶ୍ୱର ଘାଟରେ ଶୁଦ୍ଧି ମଣ୍ଡପ ଉଦ୍‌ଘାଟନ ଏବଂ ଅଙ୍ଗନୱାଡ଼ି ଛାତ୍ରୀଛାତ୍ରଙ୍କୁ ପୋଷାକ ବଣ୍ଟନ କରିଥିଲେ। ଶନିବାର ୱାର୍ଡ ନଂ.୬୪ ଡୁମୁଡୁମା ଠାରେ ପ୍ରାୟ ୧.୬୦ ଲକ୍ଷ ଟଙ୍କାରେ ପଞ୍ଚସଖା ନଗର , ନୂଆ ସାହି, ଜଦୁପୁରରେ ଡ୍ରେନ ଏବଂ ଖେଳ ପଡିଆର ଆଲୋକୀକରଣର ଶୁଭାରମ୍ଭ ହୋଇଛି। କାର୍ଯ୍ୟକ୍ରମରେ ଉପଜିଲାପାଳ ଦେବବ୍ରତ ସାହୁ, ଅଧକ୍ଷ ପରୀକ୍ଷିତ ଦାସ, ପୂର୍ବତନ କର୍ପୋରେଟର ରାଜେନ୍ଦ୍ର ସମର୍ଥା, ବୀରଞ୍ଚି ନାରାୟଣ ମହାସୁପକାର, ନୃପେଶ ନାୟକ, ହୃଦୟ ବଲ୍ଲଭ ସାମନ୍ତରାୟ, ମୁଜାହିଦ ହୁସେନ, ଶ୍ରୀଧର ବେହେରା ଉପସ୍ଥିତ ଥିଲେ।

# ସରକାରଙ୍କ ୟୁନିଫର୍ମ ପଲିସିକୁ ବିରୋଧ

ଜଟଣୀ,୨୧।୧୧(ଡି.ଏନ୍.ଏ.)

ଶ୍ରୀଜଗନ୍ନାଥ ମହାପ୍ରଭୁ ବିଜେ ପୁରୀଙ୍କ ଜମି ସମସ୍ୟା ସମାଧାନ ନିମନ୍ତେ ଆଗତ ସରକାରଙ୍କ ୟୁନିଫର୍ମ ପଲିସି ତଥା ଏକକ ନୀତିକୁ ବାପୁଜୀ, ଆମ୍ବେଡକର ରୟତ ସୁରକ୍ଷା ମହାମଞ୍ଚ ପକ୍ଷରୁ ବିରୋଧ କରାଯାଇଛି। ରବିବାର ଜଟଣୀ ବ୍ଲକ ଅଧୀନ କନ୍ତିଆ ଗ୍ରାମରେ ଶତାଧିକ କ୍ଷତିଗ୍ରସ୍ତ ରୟତ ଏକତ୍ରିତ ହୋଇ ସରକାରଙ୍କ ଉକ୍ତ ପଲିସିକୁ ବିରୋଧ କରି ପ୍ରତିବାଦ କରିଥିଲେ। ୨୦୧୨ ମସିହାରୁ ଏପର୍ଯ୍ୟନ୍ତ ଭୋଗଦଖଲ କରିଆସୁଥିବା ସ୍ଥିତିବାନ ପ୍ରଜାଙ୍କ ସମସ୍ତ ଜମିକୁ ବେଆଇନ ଭାବେ ଅମୃତ ମଣୋହି ଦର୍ଶାଇ ଜଗନ୍ନାଥ ମହାପ୍ରଭୁ ବିଜେ ପୁରୀଙ୍କ ନାମରେ ନାମିତ ହୋଇଛି। ଫଳରେ ଦୀର୍ଘବର୍ଷ ଧରି ୩୬ଟି ମୌଜାର ହଜାର ହଜାର ସ୍ଥିତିବାନ ପ୍ରଜା(ରୟତ) ନିଜ ବାସଗୃହ, ଚାଷଜମି, ଶ୍ମଶାନ ଆଦି ମହାପ୍ରଭୁଙ୍କ ନାମରେ ନାମିତ ହୋଇଯାଇଥିବାରୁ ହଇରାଣ ହେଉଥିବା ଅଭିଯୋଗ କରିଛନ୍ତି। ବର୍ତ୍ତମାନ ସରକାରଙ୍କ ୟୁନିଫର୍ମ ପଲିସି ଜରିଆରେ ସ୍ଥିତିବାନ ପ୍ରଜା ପୁନଃ ଶ୍ରୀମନ୍ଦିର ପ୍ରଶାସନ ନିକଟରୁ ଜମି ଖରିଦ କରିବା ଏକ ହାସ୍ୟାସ୍ପଦ ଘଟଣା। ନିଜ ସ୍ଥିତିବାନ ଜମିକୁ ପୁଣି କାହିଁକି ଖରିଦ କରିବେ ବୋଲି ସମସ୍ତ ପ୍ରଜା ବିରୋଧକରି ଏକତ୍ରିତ ହୋଇଥିଲେ। ଏହି କାର୍ଯ୍ୟକ୍ରମରେ କହିଲି ସୁବୁଦ୍ଧି, ନିକୁଞ୍ଜ ରାଉତରାୟ, ସୁନୀଲ ରାଉତରାୟ, ଭୀମସେନ ଭୁଜବଳ, ବାବୁ ଖାଁ, ନିବାସ ପାଇକରାୟ, ଦୁର୍ଗାଚରଣ ସାହୁ, ବିବେକନନ୍ଦ ବଡ଼ଜେନା, ଶଶାଙ୍କ ସାମନ୍ତସିଂହାର, ସମରେଶ ଛୋଟରାୟ, ପ୍ରତାପ ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ରଶ୍ମି ରଞ୍ଜନ



@ ଆଲୋକ



@ ନିଲୁ



@ ଦେବସ୍ମିତା



@ ସୁଶାନ୍ତ



@ ଅସିଥ

# ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ମାରପିଟ୍, ଜଣେ ଗୁରୁତର

ଡେଲାଙ୍ଗ,୨୧।୧୧(ଡି.ଏନ୍.ଏ.)

ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ହାଟ ଡେଲାଙ୍ଗ ଫାଣ୍ଡି ନିକଟରେ ୨ଜଣଙ୍କ ମଧ୍ୟରେ ମାରପିଟ୍ ହୋଇଛି। ଏଥିରେ ମୋହନପୁର ଗ୍ରାମର ଲଛମନ ଦଳାଇ ଗୁରୁତର ହୋଇଥିବା ବେଳେ ଚିକିତ୍ସା ପାଇଁ ତାଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଛି। ଉଭୟ ପକ୍ଷଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ପୃଥକ ଭାବେ ଦୁଇଟି ମାମଲା ରୁଜୁକରି ତଦନ୍ତ ଚଳାଇଛି।



ରାଜ୍ୟସ୍ତରୀୟ ପ୍ରତିଯୋଗିତା ପାଇଁ ରବିବାର ପୁରୀସ୍ଥିତ ସଦାଶିବ ସଂସ୍କୃତ ମହାବିଦ୍ୟାଳୟ ପରିସରରେ ପୁରୀ ଜିଲା କବାଡ଼ି ସିନିୟର ପୁରୁଷ ଓ ମହିଳା ଖେଳାଳି ଚୟନ ଶିବିରରେ ଯୋଗ ଦେଇଥିବା ଖେଳାଳିମାନେ।



ଶ୍ରୀମନ୍ଦିର ନିକଟରେ ମହାଯଜ୍ଞ ପାଇଁ ରବିବାର ଶ୍ରୀନଅରରେ ଗଜପତି ମହାରାଜାଙ୍କ ଦ୍ୱାରା ଗୁଆଟେକା ନୀତି ସମ୍ପନ୍ନ କରାଯାଉଛି।



ପୁରୀ ବିଜେଡି ପକ୍ଷରୁ ପୂର୍ବତନ ବିଧାୟକ ମହେଶ୍ୱର ମହାନ୍ତିଙ୍କ ବାସଭବନରେ ରବିବାର ଆୟୋଜିତ ମିଶ୍ରଣ ପର୍ବ।

## ସଂକ୍ଷେପରେ

### କାର୍ ଧକ୍କାରେ ବୃଦ୍ଧା ମୃତ

**ସାକ୍ଷୀଗୋପାଳ,୨୧।୧୧(ସ୍ୱ.ପ୍ର.):** ସତ୍ୟବାଦୀ ଥାନା ଅନ୍ତର୍ଗତ ବୀର ଗୋବିନ୍ଦପୁର ଦାଣ୍ଡସାହି ଗ୍ରାମ ନିକଟରେ ରବିବାର ସକାଳେ କାର୍ ଧକ୍କାରେ ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଛି। ମୃତା ହେଲେ ଉକ୍ତ ଗ୍ରାମର ସୁକୁମାରୀ ବେହେରା। ସୂଚନା ମୁତାବକ, ପୁରୀରୁ ଭୁବନେଶ୍ୱର ଅଭିମୁଖେ ଯାଉଥିବା ଏକ କାର୍ ସୁକୁମାରୀଙ୍କୁ ରାଜପଥରେ ଧକ୍କା ଦେଇଥିଲା। ଫଳରେ ସେ ରାସ୍ତା ଉପରେ ଛିଟିକି ପଡ଼ି ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ସାକ୍ଷୀଗୋପାଳ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା।

### ରୋଗୀଙ୍କୁ ଖାଦ୍ୟ ବଣ୍ଟନ

**ଖୋର୍ଦ୍ଧା ଅଫିସ,୨୧।୧୧ :** ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ସାମାଜିକ ଅନୁଷ୍ଠାନ ୟୋର୍ସ ଫାଉଣ୍ଡେଶନ ପକ୍ଷରୁ ରବିବାର ରନ୍ଧାଖାଦ୍ୟ ବଣ୍ଟନ କରାଯାଇଛି। ରୋଗୀ ଏବଂ ସମ୍ପର୍କୀୟଙ୍କୁ ରନ୍ଧାଖାଦ୍ୟ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସାମାଜିକ କର୍ମୀ ଶୁଭଲକ୍ଷ୍ମୀ ସାମନ୍ତରା, ଖବରଦାତା ସୟଦ ଅନସର ଅଲ୍ଲୀ, ଲଳିତ ମହାପାତ୍ର, ଅନୁଷ୍ଠାନର ଅଧକ୍ଷା ରିନାରାଣୀ ନାୟକଙ୍କ ସମେତ ପ୍ରଜ୍ଞା ପାରମିତା, ତ୍ରିନାଥ ବିଶ୍ୱାଳ, ଗୋପାଳ ଭଞ୍ଜ, କାମଦେବ କାଣ୍ଡି ପ୍ରମୁଖ ସହଯୋଗ କରିଥିଲେ।

### ଛାଡ଼ଖାଇ ଆସର ଜମିଲା

**ଖୋର୍ଦ୍ଧା ଅଫିସ,୨୧।୧୧:** କାର୍ତ୍ତିକ ମାସକୁ ଧାର୍ମିକ ମାସ କୁହାଯାଉଥିବାରୁ ମାସ ସାରା ଅନେକ ଲୋକ ଆମିଷ ଠାରୁ ଦୂରେଇ ରହିଥିଲେ। ଏହି ମାସ ସରିଥିବାରୁ ଶନିବାର ଛାଡ଼ଖାଇ ରହିଥିଲା। ଏହି ବାରରେ ଅନେକେ ଆମିଷ ଖାଆନ୍ତି ନାହିଁ। ତେବେ ରବିବାର ସକାଳେ ଖୋର୍ଦ୍ଧା ମାଛ ମାର୍କେଟ, ଟିଏଲ୍‌ସି ସ୍ଥିତ ଅସ୍ଥାୟୀ ମାଛ ବଜାରରେ ଲୋକଙ୍କ ଭିଡ ଜମିଥିଲା। ଏଥିସହିତ ବିଭିନ୍ନ ମାଂସ ଦୋକାନରେ ଲୋକଙ୍କ ଭିଡ ଜମିଥିବା ଦେଖିବାକୁ ମିଳିଛି। ସାଧାରଣ ଦିନ ଅପେକ୍ଷା ରବିବାର ଦର ଅଧିକ ରହିଥିବା ଜଣାପଡିଛି। ଏଥିସହିତ ବିଭିନ୍ନ ପର୍ଯ୍ୟଟନ ସ୍ଥଳ, ପିକ୍‌ନିକ୍ ସ୍ପଟ୍‌ରେ ଛାଡଖାଇ ଆସର ଜମିଥିବା ଦେଖିବାକୁ ମିଳିଛି।

### ୧୨୭ ୟୁନିଟ୍ ରକ୍ତ ସଂଗ୍ରହ



**ଖୋର୍ଦ୍ଧା ଅଫିସ,୨୧।୧୧:** ବେଗୁନିଆ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବେଗୁନିଆ ବ୍ଲକ ବଡ଼ବେରଣା ଏବଂ ବୋଲଗଡ ବ୍ଲକ ଧଳାପଥର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ବିଜୁ ଯୁବ ଜନତା ଦଳ ପକ୍ଷରୁ ଜୀବନବିନ୍ଦୁ ରକ୍ତଦାନ ଶିବିର ରବିବାର ଅନୁଷ୍ଠିତ ହୋଇଯାଇଛି। ଉଭୟ ଶିବିରରେ ଗଞ୍ଜାମ ଭଞ୍ଜନଗରର ରକ୍ତଭଣ୍ଡାର କର୍ମଚାରୀ ଯଥାକ୍ରମେ ୫୮ ଓ ୬୯ ମୋଟ ୧୨୭ ୟୁନିଟ ରକ୍ତ ସଂଗ୍ରହ କରିଥିଲେ। ଉଭୟ ଶିବିରକୁ ବିଧାୟକ ରାଜେନ୍ଦ୍ର ସାହୁ ଉଦ୍‌ଘାଟନ କରି ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଯୁବ ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ଅବ୍ୟକ୍ତ ହରିହର ଖାଡଙ୍ଗା ସଂଯୋଜନା କରିଥିଲେ। ଭଗବାନ ପଣ୍ଡା, ରେଣୁବାଳା ସେଠୀ, ଶାନ୍ତିଲତା ସୁବୁଦ୍ଧି, ବନଲତା କରଣ, ସନ୍ତୋଷ ମହାପାତ୍ର, ପୁରୁଷୋତ୍ତମ ମହାପାତ୍ର, ଭିକାରୀ ଚରଣ ପଣ୍ଡା, ରବୀନ୍ଦ୍ର ପଣ୍ଡା, ଦୀପ୍ତିରଞ୍ଜନ ସାହୁ, ଶୁଭକାନ୍ତ ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ। ଏହି ଅବସରରେ ସେବା କାର୍ଯ୍ୟକ୍ରମରେ ବିଦ୍ୟାଳୟ ସଫେଇ ଏବଂ ଚାରାରୋପଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମିଶନ ଶକ୍ତି ମହିଳା, ସ୍ଥାନୀୟ ବୁଦ୍ଧିଜୀବୀ, ଗ୍ରାମବାସୀ, ସାମାଜିକ କର୍ମୀ ଉପସ୍ଥିତ ଥିଲେ।

# ସ୍ଥିତି ହରାଉଛି 'ହାବସ୍‌ପୁରୀ' ହସ୍ତତନ୍ତ

## ଜିଆଇ ମାନ୍ୟତା ପରେ ବି ଅବହେଳା







**ଭୁବନେଶ୍ୱର, ୨୧।୧୧**
**ବନ୍ଦନା ସେଠୀ**

ଓଡ଼ିଶାର କଳା, ସଂସ୍କୃତି ଓ ପରମ୍ପରା ସହିତ ସମୃଦ୍ଧ ହସ୍ତତନ୍ତ ବିଶ୍ୱ ବଜାରରେ ରାଜ୍ୟର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ସମ୍ବଲପୁରୀ, ମାଣିଆବନ୍ଧ ହସ୍ତତନ୍ତ ସ୍ୱତନ୍ତ୍ର ବ୍ରାଣ୍ଡ୍‌ରେ ପରିଣତ ହୋଇଥିବାବେଳେ ୨୦୧୨ରେ ଜିଆଇ ମାନ୍ୟତା ପାଇଥିବା କଳାହାଣ୍ଡିର ପ୍ରସିଦ୍ଧ ହସ୍ତତନ୍ତ 'ହାବସ୍‌ପୁରୀ' ମଧ୍ୟ ଆଉଏକ ସୁଯୋଗ ସୃଷ୍ଟି କରିବାର ସମ୍ଭାବନା ଦେଖାଇଛି। ଏହାର ସ୍ୱତନ୍ତ୍ର ଡିଜାଇନ୍ ବେଶ୍ ଆକର୍ଷଣୀୟ ରହିଥିବାବେଳେ ମାନ ମଧ୍ୟ ସବୁଠୁ ଭିନ୍ନ ରହିଛି। ବୁଣାକାରଙ୍କ ହାତର ନିଖୁଣତା ଏଥିରେ ବାରି ହୋଇପଡୁଛି। ମାଛ, ଫୁଲ, କୁମ୍ଭ, କଇଁଛ ଆଦି ଚିତ୍ରକୁ ଅତି ସୂକ୍ଷ୍ମ ଭାବେ ଶାଢ଼ିରେ ବୁଣା ଯାଇଥାଏ। ଏଥିରେ ଉଭୟ କଟନ ଓ ପାଟ ଶାଢ଼ି ପ୍ରସ୍ତୁତ ହୋଇଥାଏ। କଟନ୍ ଶାଢ଼ିର ଦାମ୍ ୪ହଜାରରୁ ଆରମ୍ଭ ହେଉଥିବାବେଳେ ପାଟଗୁଡିକ ୮ରୁ ୧୦ ହଜାରରୁ ଆରମ୍ଭ ହେଉଛି। ବର୍ତ୍ତମାନ ବିଶ୍ୱ ଦରବାରରେ ଓଡ଼ିଶା ବାନ୍ଧକଳାର ଚାହିଦା ଅଧିକ ରହୁଛି। ତେଣୁ ଏହି କାରିଗରଙ୍କୁ ପ୍ରଶିକ୍ଷଣ ଓ ଉପଯୁକ୍ତ ବଜାର ମିଳିପାରିଲେ ହାବସ୍‌ପୁରୀ ଶାଢ଼ି ମଧ୍ୟ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ପାରିବ। ହେଲେ ପ୍ରଚାର, ପ୍ରସାର, ବଜାର ତଥା ପ୍ରୋତ୍ସାହନ ନ ଥିବାରୁ ଧୀରେ ଧୀରେ 'ହାବସ୍‌ପୁରୀ' ନିଜର ସ୍ଥିତି ହରାଇବାକୁ ବସିଛି। ୨୦୧୬-୧୭ ଆର୍ଥିକ ବର୍ଷରେ ହାବସପୁରୀ ଶାଢ଼ି ଓ କପଡ଼ା ଉତ୍ପାଦନର ଉତ୍ପାଦନ ମୂଲ୍ୟ ୨୮.୫୪ଲକ୍ଷ ଟଙ୍କା ଥିବାବେଳେ ୨୦୧୮-୧୯ ବେଳକୁ ଏହା ୧୮.୮୯ ଲକ୍ଷ ଟଙ୍କାକୁ ଖସି ଆସିଥିଲା। ଏବେ ଯେଉଁ ଅନୁପାତରେ ବିକ୍ରି ହେବା କଥା ତାହା ହେଉ ନ ଥିବାରୁ ବୁଣାକାରଙ୍କ ମନ ମଧ୍ୟ ଭାଙ୍ଗିଯାଉଛି। ଗୋଟେ ପଟେ ବୁଣାକାରମାନେ ସରକାରଙ୍କୁ ଦୋଷାରୋପ କରୁଥିବାବେଳେ ଅନ୍ୟପଟେ ଏଥିପାଇଁ ବୁଣାକାରମାନେ ନିଜେ ଦାୟୀ ବୋଲି ହସ୍ତତନ୍ତ ବିଭାଗ ପକ୍ଷରୁ କୁହାଯାଉଛି।

### ବଞ୍ଚାଇ ରଖିବାକୁ ପ୍ରଚେଷ୍ଟା

କଳାହାଣ୍ଡି ଜିଲାର ହାବସ୍‌ପୁରୀ ଗ୍ରାମରେ କନ୍ଧ ସମ୍ପ୍ରଦାୟର ବୁଣାକାରଙ୍କ ଦ୍ୱାରା ପ୍ରଥମକରି ଏହି ଶାଢ଼ି ବୁଣାଯାଇଥିଲା। ଗାଁର ନାମ ଅନୁଯାୟୀ ଶାଢ଼ିର ନାମକରଣ ହାବସପୁରୀ ହୋଇଥିଲା। ତେବେ ଏବେ ସେହି ଗାଁରେ ଆଉ ଏହି ଶାଢ଼ି ବୁଣା ହେଉନାହିଁ। ସମୟ ବଦଳିବା ସହିତ ବୁଣାକାରଙ୍କ ମନରେ ଆଉ ଏଥିପ୍ରତି ଆଗ୍ରହ ନାହିଁ। ଏହାକୁ ଜୀବିକା କରିବା ଅପେକ୍ଷା ଚାଷ, ନିର୍ମାଣ କାର୍ଯ୍ୟ, କ୍ଷୁଦ୍ର ବ୍ୟବସାୟ ଓ ଦାଦନ ଖଟିବାକୁ ବାହାରକୁ ଯିବାକୁ ଯୁବପିଢ଼ି ଅଧିକ ପସନ୍ଦ କରୁଛନ୍ତି। ଜିଲାର ଚିଚେଇଗୁଡା ଓ ଅନ୍ୟ ତେତେକ ଗ୍ରାମରେ କେତେଜଣ ବୁଣାକାର ଏବେ ଏହି ହସ୍ତତନ୍ତକୁ ବଞ୍ଚାଇ ରଖିବାକୁ ପ୍ରଚେଷ୍ଟା କରୁଛନ୍ତି। ସେମାନଙ୍କ ପରେ ଏହି କଳା ସମ୍ପୂର୍ଣ୍ଣ ବୁଡ଼ିଯିବ ବୋଲି ଆଶଙ୍କା କରାଯାଉଛି।

### ସରକାରୀ ପ୍ରୋତ୍ସାହନ ମିଳୁନି



ରାଜ୍ୟ ତଥା ବାହାରେ ହାବସପୁରୀ ଶାଢ଼ିର ଚାହିଦା ରହିଛି। ବଜାର, ସରକାରୀ ପ୍ରୋତ୍ସାହନ ନ ଥିବାରୁ ଉଚିତ ପ୍ରାପ୍ୟ ମିଳିପାରୁନି। ଯୁବପିଢ଼ିମଧ୍ୟ ଏଥିପ୍ରତି ମନ ବଳାଉ ନାହାନ୍ତି। ଗାଁରେ ପ୍ରାୟ ୬ରୁ ୭ଟି ପରିବାର ଏବେ ଶାଢ଼ି ବୁଣୁଛନ୍ତି। ଗୋଟିଏ ଶାଢ଼ି ବୁଣିବାକୁ ପ୍ରାୟ ୪ରୁ ୫ଦିନ ଲାଗୁଛି। ସରକାରୀ ସ୍ତରରେ ବିକ୍ରିବଟା ପାଇଁ ବ୍ୟବସ୍ଥା ନ ଥିବାରୁ ନିଜ ଚେଷ୍ଟାରେ ମୁଁ ଶାଢ଼ି ବିକ୍ରି କରୁଛି।

-ଜଳନ୍ଧର ମେହେର, ବୁଣାକାର

### ପ୍ରଶିକ୍ଷଣ ପାଇଁ କଳାହାଣ୍ଡିରେ ୱାର୍କଶପ୍ କରିବି



କଳାହାଣ୍ଡିର ଏହା ବହୁ ପୁରାତନ କଳା। ସମ୍ବଲପୁରୀ ବସ୍ତ୍ରକୁ ଯେପରି ମଡର୍ନ ଲୁକ୍ ଦେଇ ବିଭିନ୍ନ ଫ୍ୟାଶନ ଶୋ'ରେ ପ୍ରଦର୍ଶନ କରାଯାଉଛି, ହାବସ୍‌ପୁରୀକୁ ମଧ ସେପରି ବିଶ୍ୱ ବଜାରରେ ବ୍ରାଣ୍ଡିଂ କରାଯାଇପାରିବ। ଏହାଦ୍ୱାରା ଓଡ଼ିଶାର ଗୌରବରେ ଆଉ ଏକ ଫର୍ଦ୍ଦ ଯୋଡ଼ିହେବ। ଏ ନେଇ ପ୍ରଶିକ୍ଷିତ ବୁଣାକାରଙ୍କୁ ଡାକି ନୂତନ ବୁଣାକାରଙ୍କୁ ପ୍ରଶିକ୍ଷଣ ଦେବାପାଇଁ ଯୋଜନା କରିଛି। ଖୁବ୍‌ଶୀଘ୍ର ୨/୩ଟି ସଂସ୍ଥା ସହିତ ମିଶି ସରକାରଙ୍କ ନିକଟରେ ଏ ନେଇ ପ୍ରସ୍ତାବ ରଖିବି। କଳାହାଣ୍ଡିରେ ଏକ ୱାର୍କଶପ୍ ମଧ କରିବାକୁ ଚେଷ୍ଟା କରୁଛି। ହାବସ୍‌ପୁରୀକୁ କିପରି ଅନ୍ତର୍ଜାତୀୟସ୍ତରରେପହଞ୍ଚାଯାଇପାରିବଓଏହାରସ୍ୱତନ୍ତ୍ରତାବଢ଼ିବସେଥିପାଇଁକାମକରିବି।

**-ସୁଜିତ୍ ମେହେର, ଫ୍ୟାଶନ ଡିଜାଇନର**

### ବୟନିକା ଶାଢ଼ି ଖୋଜୁଛି, ମାର୍କେଟରେ ନାହିଁ



ହାବସ୍‌ପୁରୀର ମାର୍କେଟିଂ ଭଲ ଅଛି। ମାତ୍ର ନୂଆ ବୁଣାକାରମାନେ ଏଥିପାଇଁ ଆଗ୍ରହ ଦେଖାଉ ନାହାନ୍ତି। ଯେତିକି ବୁଣା ହେଉଛି ତାହା ବିକ୍ରି ହେଉଛି। ବୟନଶିଳ୍ପ ଏବଂ ହସ୍ତତନ୍ତ ବିଭାଗ ପକ୍ଷରୁ ଚିଚେଇଗୁଡା, ଜୁନାଗଡ, ନେହେରୁନଗର ଆଦି ଅଞ୍ଚଳରେ ବହୁବାର ପ୍ରଶିକ୍ଷଣ ଶିବିର ହୋଇଥିଲେ ମଧ ଲୋକେ ଆସୁ ନାହାନ୍ତି। ଷ୍ଟାଇପେଣ୍ଡ୍ ନେଇ ଘରେ ବସୁଛନ୍ତି। ରାଜ୍ୟ ସରକାରଙ୍କ ସଂସ୍ଥା ବୟନିକା ଏହି ଶାଢ଼ି ନେବାକୁ ଆଗ୍ରହୀ। ମାତ୍ର ମାର୍କେଟରେ ଶାଢ଼ି ନାହିଁ। ସେହିପରି ଅନ୍‌ଲାଇନ ମାଧମରେ ମଧ ଜଣେ ଏହି ଶାଢ଼ି କିଣି ପାରିବ। ତେବେ ଲୋକମାନେ ନିଜର କୌଳିକ ବୃତ୍ତିକୁ ଛାଡି ଦାଦନ ଖଟିବାକୁ ଯାଉଛନ୍ତି। ଲୋକମାନେ କେବଳ ଅଭିଯୋଗ କଲେ ହେବ ନାହିଁ।

**-ଇନ୍ଦ୍ରମଣି କାଣ୍ଡି, ଡେପୁଟି ଡାଇରେକ୍ଟର,**
**ବୟନଶିଳ୍ପ ନିର୍ଦ୍ଦେଶାଳୟ, ଓଡ଼ିଶା**

## ମଦମୁକ୍ତ ଓଡ଼ିଶା ପାଇଁ ସଙ୍କଳ୍ପ

**ଖୋର୍ଦ୍ଧା ଅଫିସ,୨୧।୧୧**

ସବୁଠି ନିଶା କାରବାର ବଢ଼ି ଚାଲିଛି। ଯୁବପିଢ଼ି ନିଶା କବଳରେ ବିପଥଗାମୀ ହେଉଛନ୍ତି। ବିଭିନ୍ନ ଆପରାଧିକ କାର୍ଯ୍ୟକଳାପରେ ସମ୍ପୃକ୍ତି ରହି ଲକ୍ଷ୍ୟଭ୍ରଷ୍ଟ ହେଉଛନ୍ତି। ଯୁବ ସମାଜ ପଥଭ୍ରଷ୍ଟ ହେଲେ ସମାଜର ବିକାଶରେ ବାଧକ ସାଜିବ ବୋଲି ପୂର୍ବତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀଙ୍କ ଜନ୍ମତିଥି ଉପଲକ୍ଷେ ମଦମୁକ୍ତି ଯୁବ ବାହିନୀ ଓଡ଼ିଶା ରବିବାର ନଗର ପରିକ୍ରମା ସହ ପଞ୍ଚ ପାଇକଙ୍କ ପୀଠରେ ସଚେତନତାର ବାର୍ତ୍ତା ଦେଇଥିଲେ। ନବକୃଷ୍ଣ ଚୌଧୁରୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟାର୍ପଣ ପୂର୍ବକ ନିଶା ନିବାରଣ ଆଇନକୁ କାର୍ଯ୍ୟକାରୀ ପାଇଁ ଦାବି କରିଥିଲେ। ମଦମୁକ୍ତ ଓଡ଼ିଶା ଗଠନ ପାଇଁ ସଙ୍କଳ୍ପ ନେଇଥିଲେ। ଅନୁଷ୍ଠାନର ଜିଲା ପ୍ରଭାରୀ ସମାସ ଷଡ଼ଙ୍ଗୀ, ହିମାଂଶୁ ନାୟକ, ଝରଣା ସାହୁ, ପ୍ରଭାତ ରାଉତରାୟ, ଅକ୍ଷୟ ରାଉତରାୟଙ୍କ ସମେତ ଏକାଧିକ ଯୁବକ, ଯୁବତୀ ସାମିଲ ହୋଇଥିଲେ।

## ଚମ୍ପାବତୀ ପାଇକରାୟଙ୍କ ସ୍ମୃତିସଭା

**ଭୁବନେଶ୍ୱର, ୨୧।୧୧(ବ୍ୟୁରୋ)**

ସ୍ୱାଧୀନତା ସଂଗ୍ରାମୀ ତଥା ପୂର୍ବତନ ବିଧାୟକ ଗଙ୍ଗାଧର ପାଇକରାୟଙ୍କ ସହଧର୍ମିଣୀ ଚମ୍ପାବତୀ ପାଇକରାୟଙ୍କ ୨୨ତମ ସ୍ମୃତିସଭା ୟୁନିଟ୍-୩ସ୍ଥିତ ଗଙ୍ଗାଧର ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଅତିମାନେ ପ୍ରଥମେ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ସ୍ମୃତିଚାରଣ କରିବା ସହ ଚମ୍ପାବତୀ ଭାଗଚାଷୀ ଆନ୍ଦୋଳନରେ ସକ୍ରିୟ ଭୂମିକା ନିର୍ବାହ କରିବା ସହ ମହିଳାମାନଙ୍କୁ ସଙ୍ଗଠିତ କରୁଥିଲେ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ପ୍ରଫୁଲ୍ଲ ତ୍ରିପାଠୀ, ଅଶୋକ ସାହୁ, ପ୍ରତାପ ସାମନ୍ତ, ସମାଜସେବୀ ଶ୍ରୀକାନ୍ତ ମିଶ୍ର, ଚିନ୍ତାମଣୀ ବାରିକ, ପ୍ରଶାନ୍ତ ମଲ୍ଲ ପ୍ରମୁଖ ଉପସ୍ଥିତ ଥିଲେ। ଡ. ଶରତ ପାଇକରାୟ ଧନ୍ୟବାଦ ଦେଇଥିଲେ।

## 'ଓଡ଼ିଶାରେ ମତ୍ସ୍ୟ ଉତ୍ପାଦନ ବଢ଼ିଛି'

**ଖୋର୍ଦ୍ଧା ଅଫିସ,୨୧।୧୧**

- ଚାଷୀ, ବ୍ୟବସାୟୀଙ୍କୁ ପ୍ରୋତ୍ସାହନ ମିଳୁଛି
- ରୋଜଗାରକ୍ଷମ ହୋଇପାରୁଛନ୍ତି ମହିଳା

ଖୋର୍ଦ୍ଧା ଜିଲା ଗ୍ରାମ୍ୟ ଉନ୍ନୟନ ସମ୍ମିଳନୀ କକ୍ଷରେ ରବିବାର ଜିଲାସ୍ତରୀୟ ବିଶ୍ୱ ମତ୍ସ୍ୟ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଜିଲାର ବିଭିନ୍ନ ଅଞ୍ଚଳରୁ ମତ୍ସ୍ୟଚାଷୀ, ଉଦ୍ୟୋଗୀ ଓ ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟାଙ୍କୁ ନେଇ ଏକ ସମାବେଶ ଆୟୋଜିତ ହୋଇଥିଲା। ମତ୍ସ୍ୟ ଉପନିର୍ଦ୍ଦେଶକ ଜଗଦୀଶ ଚନ୍ଦ୍ର ପଣ୍ଡାଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ମନୋଜ ପାତ୍ରୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ବୈଜ୍ଞାନିକ ଅମ୍ବିକା ପ୍ରସାଦ ନାୟକ, ଜିଲା ମୁଖ୍ୟ କୃଷି ଅଧିକାରୀ ପ୍ରଫୁଲ୍ଲ ମହାରଣା, ସହକାରୀ ଉଦ୍ୟାନ କୃଷି ନିର୍ଦ୍ଦେଶକ ସ୍ମିତା ମହାନ୍ତି, ମୃତ୍ତିକା ସଂରକ୍ଷଣ ଅଧିକାରୀ କଡାଇ ମାଝି ଉପସ୍ଥିତ ଥିଲେ।

ଜିଲା ମତ୍ସ୍ୟ ଅଧିକାରୀ ପଣ୍ଡା ମତ୍ସ୍ୟ ଚାଷ କ୍ଷେତ୍ରରେ ଜିଲାର ସ୍ଥିତି ସମ୍ପର୍କରେ ସୂଚନା ଦେଇଥିଲେ। ମତ୍ସ୍ୟଚାଷୀଙ୍କ ବିକାଶ ପାଇଁ ରାଜ୍ୟ ସରକାର ବିଭିନ୍ନ ଯୋଜନା କରିଛନ୍ତି। ଉନ୍ନତ ଜାଆଁଳା ଉତ୍ପାଦନ, ନୂତନ ମାଛ ପୋଖରୀ ଖନନ ପାଇଁ ରାଜ୍ୟ ସରକାରଙ୍କ ମତ୍ସ୍ୟ ପୋଖରୀ ଯୋଜନା, ଗ୍ରାମପଞ୍ଚାୟତ ପୋଖରୀକୁ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ଦୀର୍ଘ ମିଆଦି ସୂତ୍ରରେ ଲିଜ୍ ଦିଆଯାଇ ମାଛଚାଷ ପାଇଁ ପ୍ରୋତ୍ସାହନ ଯୋଗାଇ ଦିଆଯାଉଛି। ପ୍ରାଥମିକ ମତ୍ସ୍ୟ ସମବାୟ ସମିତିଗୁଡ଼ିକୁ ପୁନଃକ୍ଷମ ତଥା ଏହାର ସଭ୍ୟଙ୍କ ଆର୍ଥିକ ବିକାଶ ଲକ୍ଷ୍ୟରେ ୨ଲକ୍ଷ ଟଙ୍କାର ପାଣ୍ଠି ପ୍ରଦାନ କରାଯାଉଛି। ପ୍ରଧାନମନ୍ତ୍ରୀ ମତ୍ସ୍ୟ ସମ୍ପଦ ଯୋଜନା ତଥା ରାଜ୍ୟର ବିଭିନ୍ନ ଜନକଲ୍ୟାଣମୂଳକ ଯୋଜନା ମାଧ୍ୟମରେ ନୂତନ ପୋଖରୀ ଖନନ, ଭିତ୍ତିଭୂମିର ବିକାଶ, ଉନ୍ନତ ଜ୍ଞାନକୌଶଳରେ ମାଛଚାଷ ପାଇଁ ପ୍ରୋତ୍ସାହନ ଓ ତାଲିମ, ମତ୍ସ୍ୟଜୀବୀ ପରିବାରକୁ ବୀମାଭୁକ୍ତ, ପିଲାଙ୍କ ପାଠପଢା ପାଇଁ ମେଧାବୃତ୍ତି ପ୍ରଦାନ ଆଦି କାର୍ଯ୍ୟକ୍ରମ ମାଛଚାଷ ପ୍ରତି ସାଧାରଣରେ ଆଗ୍ରହ ବୃଦ୍ଧି କରୁଛି।

ଅତିରିକ୍ତ ଜିଲାପାଳ ପାତ୍ରୀ ମତ୍ସ୍ୟଚାଷୀଙ୍କ ଅର୍ଥନୈତିକ ଅଭିବୃଦ୍ଧି ଉପରେ ଗୁରୁତ୍ୱ ଦେଇଥିଲେ। ସେ କହିଲେ, ଅର୍ଥନୀତି, ପୁଷ୍ଟିକର ଖାଦ୍ୟ, ନିଯୁକ୍ତି ଓ ସର୍ବୋପରି ପରିବେଶ ପ୍ରତି ମତ୍ସ୍ୟ ସମ୍ପଦର ଅବଦାନ ଏବଂ ଏହାର ଗୁରୁତ୍ୱ ହିଁ ଏହି ଦିବସ ପାଳନର ଉଦ୍ଦେଶ୍ୟକୁ ପ୍ରତିପାଦନ କରେ। ବୈଜ୍ଞାନିକ ପଦ୍ଧତିରେ ମତ୍ସ୍ୟ ଚାଷ, ରୋଗ ଏବଂ ଏହାର ନିରାକରଣ ସମ୍ପର୍କରେ କହିଥିଲେ। ମାଛ ବ୍ୟବସାୟୀମାନେ ଆଉ ମାଛ ପାଇଁ ଆନ୍ଧ୍ର ଉପରେ ନିର୍ଭର କରୁନାହାନ୍ତି। ମାଛଚାଷ ଓ ବ୍ୟବସାୟ ଉପରେ ରାଜ୍ୟ ସରକାର ଗୁରୁତ୍ୱ ଦେଉଛନ୍ତି। ଫଳରେ ଓଡ଼ିଶାରେ ଗତ ୧୦ବର୍ଷ ମଧ୍ୟରେ ମାଛ ଉତ୍ପାଦନ ଦୁଇ ଗୁଣା ବଢ଼ିଛି। ଗ୍ରାମାଞ୍ଚଳରେ ମୋ ପୋଖରୀ ଯୋଜନା କାର୍ଯ୍ୟକାରୀ ହୋଇଛି। ରାଜ୍ୟ ମତ୍ସ୍ୟ ସମ୍ପଦ ବିଭାଗ ତଥ୍ୟ ଅନୁସାରେ ସାମୁଦ୍ରିକ ମାଛ ଉତ୍ପାଦନଠାରୁ ମାଛଚାଷ ଉତ୍ପାଦନ ହାର ଅଧିକ ରହିଛି। କାର୍ଯ୍ୟକ୍ରମରେ କେତେକ ସ୍ୱୟଂ ସହାୟିକା ଗୋଷ୍ଠୀ ମାଛଚାଷ କରି କିପରି ସ୍ୱାବଲମ୍ବୀ ହୋଇପାରିଛନ୍ତି ସେ ସମ୍ପର୍କରେ କହିଥିଲେ। ବିଭିନ୍ନ ବ୍ଲକରୁ ଆସିଥିବା ମତ୍ସ୍ୟଚାଷୀ, ଏସ୍‌ଏଚ୍‌ଜି ସଦସ୍ୟାଙ୍କୁ ବିଭିନ୍ନ ଯୋଜନାରେ ସରକାରୀ ରିହାତି ପ୍ରଦାନ କରାଯାଇଥିଲା।



କଟକ ରାଣୀହାଟସ୍ଥିତ ପୁରାତନ ହିନ୍ଦ୍ ସିନେମା ହଲ ଭଙ୍ଗାଯିବା ପାଇଁ ଘୋଷଣା ହେବା ପରେ ଆସବାବପତ୍ର ଓ ବିଭିନ୍ନ ସାମଗ୍ରୀ କାଢି ନିଆଯାଉଛି।

## ସାବରମତି ପୁନଃ ନିର୍ମାଣକୁ ବିରୋଧ

**ଭୁବନେଶ୍ୱର,୨୧।୧୧ (ବ୍ୟୁରୋ)**

ଗାନ୍ଧିଜୀଙ୍କ ସାବରମତୀ ଆଶ୍ରମକୁ ଦିଆଯିବ ଏକ ନୂଆ ରୂପ। ୭ ତାରକା ପର୍ଯ୍ୟଟନସ୍ଥଳୀରେ ପରିଣତ କରିବାକୁ ୧୨୪୬ କୋଟି ଖର୍ଚ୍ଚ କରିବେ ଭାରତ ଓ ଗୁଜରାଟ ସରକାର। ଏହି ପ୍ରକଳ୍ପକୁ ଗାନ୍ଧିବାଦୀମାନେ, ବିଭିନ୍ନ ରାଜନୈତିକ ଦଳ ଓ ଗାନ୍ଧିଜୀଙ୍କ ବିଚାରଧାରାରେ ବିଶ୍ୱାସ ରଖୁଥିବା ଯୁବ, ଛାତ୍ର, ମହିଳା ସଂଗଠନଗୁଡ଼ିକ ଏହି ପ୍ରକଳ୍ପକୁ ବିରୋଧ କରୁଛନ୍ତି। ଏ ନେଇ ଗତ ୧୭ରୁ ୨୪ ତାରିଖ ଯାଏ ସଭା, ଶୋଭାଯାତ୍ରା ମାଧ୍ୟମରେ ପ୍ରତିବାଦ କରାଯାଉଛି। ଓଡ଼ିଶାରେ ମଧ ତୀବ୍ର ବିରୋଧ ଆରମ୍ଭ ହୋଇଛି। ପ୍ରକଳ୍ପ ବନ୍ଦ ପାଇଁ ଗାନ୍ଧିବାଦୀ ପ୍ରଫେସର ଡ. ଭଗବାନ ପ୍ରକାଶଙ୍କ ନେତୃତ୍ୱରେ ଗୌରାଙ୍ଗ ମହାପାତ୍ର ଓ ରବି ବେହେରା ପ୍ରମୁଖ ଗତ ୩୦ ତାରିଖରେ ରାଜ୍ୟପାଳ, ପ୍ରଧାନମନ୍ତ୍ରୀ ଏବଂ ରାଷ୍ଟ୍ରପତିଙ୍କୁ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ସାବରମତି ପୁନଃନିର୍ମାଣ ପ୍ରକଳ୍ପକୁ ବନ୍ଦ କରି ଏହି ଟଙ୍କାରେ ବେକାର ଯୁବକ ଯୁବତୀଙ୍କ ପାଇଁ କର୍ମନିଯୁକ୍ତି ସୃଷ୍ଟି କରାଯାଉ, ଦେଶର ୭୫ବର୍ଷ ସ୍ୱାଧୀନତା ପୂର୍ତ୍ତି ପାଳନ ଅବସରରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରସ୍ତାବିତ 'ଅହିଂସା'କୁ ସମ୍ବିଧାନର ମୁଖବନ୍ଧରେ ସ୍ଥାନିତ କରିବା ପାଇଁ ପାର୍ଲାମେଣ୍ଟରେ ସମ୍ବିଧାନ ସଂଶୋଧନ କରିବା ପାଇଁ ପଦକ୍ଷେପ ଗ୍ରହଣ କରାଯାଉ ଆଦି ଦାବି ରହିଛି। ଆଗାମୀ ୨୯ ତାରିଖରୁ ପାର୍ଲାମେଣ୍ଟ ଅଧିବେଶନ ଥିବାରୁ ରାଜ୍ୟର ସମସ୍ତ ଏମ୍‌ପି ଓ ବିଭିନ୍ନ ରାଜନୈତିକ ଦଳର ନେତୃବୃନ୍ଦ ଏହି ବିଷୟରେ ସ୍ୱର ଉତ୍ତୋଳନ କରିବାକୁ ସେମାନେ ଅନୁରୋଧ କରିଛନ୍ତି।

## ମତ୍ସ୍ୟ ଉତ୍ପାଦନର ଅଭିବୃଦ୍ଧିକୁ ଗୁରୁତ୍ୱ

### ବିଶ୍ୱ ମତ୍ସ୍ୟ ଦିବସ

**ବାଲୁଗାଁ,୨୧।୧୧(ଡି.ଏନ୍.ଏ.)**

ଖୋର୍ଦ୍ଧା ଜିଲା ମତ୍ସ୍ୟ ବିଭାଗ ଆନୁକୂଲ୍ୟରେ ରବିବାର ଚିଲିକା କୂଳସ୍ଥିତ ଯାତ୍ରୀ ନିବାସ କକ୍ଷରେ 'ବିଶ୍ୱ ମତ୍ସ୍ୟ ଦିବସ' ପାଳିତ ହୋଇଯାଇଛି। ଏଥିରେ ଜିଲା ମତ୍ସ୍ୟ ଅଧିକାରୀ ଶଶାଙ୍କ ଶେଖର ସାହୁ, ଅତିରିକ୍ତ ଅଧିକାରୀ ପ୍ରକାଶ ଚନ୍ଦ୍ର ନାୟକ, ମତ୍ସ୍ୟ ଏବଂ ଜୈବ ପ୍ରଯୁକ୍ତି ପ୍ରଶିକ୍ଷଣ କେନ୍ଦ୍ରର ଅଧକ୍ଷ ମୁରଲୀଧର ଜେନା, ଅତିରିକ୍ତ ପ୍ରଶିକ୍ଷକ ଦୀପ୍ତିମୟୀ ନାୟକ ପ୍ରମୁଖ ଯୋଗଦେଇ ସମ୍ପ୍ରତି ଚିଲିକାରେ ମତ୍ସ୍ୟ ଉତ୍ପାଦନର ଅଭିବୃଦ୍ଧି କିପରି ଘଟିବ ଏବଂ ମତ୍ସ୍ୟଜୀବୀ କିପରି ଆତ୍ମନିର୍ଭରଶୀଳ ହୋଇ ସ୍ୱାବଲମ୍ବୀ ଜୀବନଯାପନ କରିବେ ସେ ଦିଗରେ ଆଲୋକପାତ କରିଥିଲେ। ମତ୍ସ୍ୟଜୀବୀଙ୍କୁ ପ୍ରୋତ୍ସାହନ ପାଇଁ ସରକାରଙ୍କ ପକ୍ଷରୁ ମିଳୁଥିବା ବିଭିନ୍ନ ଯୋଜନାର ଉପକାରିତା ସମ୍ପର୍କରେ ଉପସ୍ଥିତ ମତ୍ସ୍ୟଜୀବୀ ସଦସ୍ୟଙ୍କୁ ଅବଗତ କରାଇଥିଲେ। ଖୋର୍ଦ୍ଧା, ପୁରୀ ଓ ଗଞ୍ଜାମ ଜିଲା ଅଧୀନ ଚିଲିକା ଉପକୂଳବର୍ତ୍ତୀର ବିଭିନ୍ନ ମତ୍ସ୍ୟ ସମବାୟ ସମିତିର ସଭ୍ୟ ଏଥିରେ ଯୋଗଦେଇ ମତ୍ସ୍ୟ ଉତ୍ପାଦନ କ୍ଷେତ୍ରରେ ଉପୁଜୁଥିବା ବିଭିନ୍ନ ସମସ୍ୟା ଉପରେ ମତ ରଖିଥିଲେ। ଚିଲିକାରୁ ବେଆଇନ୍ ଚିଙ୍ଗୁଡ଼ି ଘେରି ଏବଂ ସରୁ ଆଲିମ ଜାଲର ବ୍ୟବହାରକୁ ନିଷିଦ୍ଧ ସହ ସ୍ୱତନ୍ତ୍ର ଚିଲିକା ବିଲ୍ ପାରିତ ପାଇଁ ଦାବି କରିଥିଲେ। ମତ୍ସ୍ୟଜୀବୀଙ୍କ ସମସ୍ୟା ଏବଂ ଏହାର ନିରାକରଣ ପାଇଁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି କର୍ତ୍ତୃପକ୍ଷଙ୍କ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଥିଲା।




ପୁରୀ ନାମ ପରିବର୍ତ୍ତନ ପ୍ରସ୍ତାବକୁ ବିରୋଧ କରି ରବିବାର ପୁରୀ ନାମ ସୁରକ୍ଷା କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ବାହାରି ଥିବା ଶୋଭାଯାତ୍ରା।



ଡ. ହରେକୃଷ୍ଣ ମହତାବଙ୍କ ଜୟନ୍ତୀ ଅବସରରେ ରବିବାର ବିଧାନସଭା ପରିସର ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ ଉପସ୍ଥିତ ଉପବାଚସ୍ପତି ରଜନୀକାନ୍ତ ସିଂ ଓ ଅନ୍ୟମାନେ।



ସାହିତ୍ୟିକ ବିଦ୍ୟାଧର ବାରିକଙ୍କ ସ୍ମୃତି ଉଦ୍ଦେଶ୍ୟରେ ଭୁବନେଶ୍ୱରସ୍ଥିତ ଜାତୀୟ ଅଭିଲେଖାଗାରରେ ରବିବାର ଅନୁଷ୍ଠିତ କବିତା ପାଠୋତ୍ସବ ଓ ଆଲୋଚନାଚକ୍ରରେ ଯୋଗ ଦେଇଥିବା ଅତିଥିମାନେ।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨୧।୧୧।୨୦୨୧

| ୨,୦୩,୪୨୭ ଟଙ୍କା | |
|---|---|
| ସୁନା | ୪୫୦ ମିଲିଗ୍ରାମ |
| ରୁପା | ୯.୮୦୦ ଗ୍ରାମ |

# ‘ସ୍ୱାଧୀନତା ସଂଗ୍ରାମୀଙ୍କୁ ଉପଯୁକ୍ତ ସମ୍ମାନ ମିଳିନାହିଁ’

**ଆଲୋଚନାଚକ୍ରରେ ମତ ରଖିଲେ ଅତିଥି**
- ଜୟୀ ରାଜଗୁରୁ ହେଉଛନ୍ତି ପ୍ରଥମ ଶହୀଦ
- ଇତିହାସ ଉପରେ ଅଧିକ ଗବେଷଣା ଆବଶ୍ୟକ

**ଖୋର୍ଦ୍ଧା ଅଫିସ,୨୧।୧୧**

ଭାରତୀୟ ମୁକ୍ତିସଂଗ୍ରାମରେ ସ୍ୱାଧୀନତା ସଂଗ୍ରାମୀମାନଙ୍କ ତ୍ୟାଗ ଅତୁଳନୀୟ। ସ୍ୱାଧୀନତାର ୭୫ବର୍ଷରେ ଦେଶ ଏବେ ଅମୃତ ମହୋତ୍ସବ ପାଳନ କରୁଛି। ମାତ୍ର ସ୍ୱାଧୀନ ଭାରତରେ ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ଉପଯୁକ୍ତ ସମ୍ମାନ ମିଳିନାହିଁ। ଆଜି ବି ବହୁ ସ୍ୱାଧୀନତା ସଂଗ୍ରାମୀଙ୍କ ଇତିହାସ ଅନାଲୋଚିତ ହୋଇରହିଛି। ଏମାନଙ୍କ ଉପରେ ଅଧିକ ଗବେଷଣା ହେବା ଆବଶ୍ୟକ। ଏଥିସହ ଓଡ଼ିଶାର ଐତିହ୍ୟ, ଗୌରବମୟ ଇତିହାସ, ପ୍ରାଚୀନ କୀର୍ତ୍ତିରାଜି, ଶିଳାଲେଖ ଉପରେ ଅନୁସନ୍ଧାନ କରାଯାଇ ଆଗକୁ ଅଣାଯାଇପାରିଲେ, ଓଡ଼ିଆ ଜାତି ସମୃଦ୍ଧ ହେବ। ଜାତୀୟ ସ୍ତରରେ ଗୌରବ ବୃଦ୍ଧି ଘଟିବ। ଆଜାଦି କା ଅମୃତ ମହୋତ୍ସବ ଅବସରରେ ରବିବାର ଭାରତୀୟ ଇତିହାସ ଗବେଷଣା ପରିଷଦ ସହଭାଗିତାରେ ଭାରତୀୟ ଇତିହାସ ସଙ୍କଳନ ସମିତି ଖୋର୍ଦ୍ଧା ଶାଖା ଆନୁକୂଲ୍ୟରେ ସ୍ଥାନୀୟ ଗୀତାଭବନରେ ଆୟୋଜିତ ‘ସ୍ୱାଧୀନତା ସଂଗ୍ରାମର ଅନାଲୋଚିତ ପ୍ରସଙ୍ଗ’ ଶୀର୍ଷକ ଆଲୋଚନାଚକ୍ରରେ ସମ୍ମାନିତ ବକ୍ତା ଭାବେ ଭାରତୀୟ ଗବେଷଣା ପ୍ରତିଷ୍ଠାନ ସଦସ୍ୟ ତଥା ଐତିହାସିକ ପ୍ରଫେସର ନାରାୟଣ ରାଓ ଯୋଗଦେଇ ଏହା କହିଛନ୍ତି।

ପ୍ରଫେସର ରାଓ ଆହୁରି କହିଛନ୍ତି ଯେ, ଇଂରେଜମାନେ ଓଡ଼ିଶା ଅଧିକାର କରିବାର ବର୍ଷଟିଏ ପରେ ଖୋର୍ଦ୍ଧା ରାଜ୍ୟ ସହିତ ସେମାନଙ୍କ ମତାନ୍ତର ଯୋଗୁ ୧୮୦୪ରେ ଏକ ସଂଗ୍ରାମ ସଂଘଟିତ ହୋଇଥିଲା। ଏହି ସଂଗ୍ରାମର ମୁଖ୍ୟ ଥିଲେ ଜୟୀ ରାଜଗୁରୁ। ଇଂରେଜ ସୈନ୍ୟମାନେ ଖୋର୍ଦ୍ଧା ଦୁର୍ଗକୁ ଅକ୍ତିଆର କରିନେଇଥିଲେ। ତେବେ ସେମାନଙ୍କ ବିରୋଧରେ ଜୟୀଙ୍କ ନେତୃତ୍ୱାଧୀନ ପାଇକମାନେ ସଶସ୍ତ୍ର ସଂଗ୍ରାମ କରିଥିଲେ। ୧୮୫୭ ସିପାହୀ ବିଦ୍ରୋହୀ ପୂର୍ବରୁ ଓଡ଼ିଶାରେ ମୁକ୍ତି ସଂଗ୍ରାମ ବା ପାଇକ ବିଦ୍ରୋହ ହୋଇଥିଲା। ଖୋର୍ଦ୍ଧା ସମେତ ଓଡ଼ିଶାକୁ ଇଂରେଜ ଶାସନରୁ ମୁକ୍ତ କରିବା ଥିଲା ଏହାର ଆଭିମୁଖ୍ୟ। ଜୟୀ ଜାତୀୟତାବୋଧ ଜାଗରଣ ସୃଷ୍ଟି କରିଥିଲେ। ତେବେ ଆଜି ପର୍ଯ୍ୟନ୍ତ ତାଙ୍କୁ ପ୍ରଥମ ଶହୀଦ ଭାବେ କେନ୍ଦ୍ର ସ୍ତରରେ ଘୋଷଣା କରାଯାଇନାହିଁ। ମଙ୍ଗଳ ପାଣ୍ଡେ ସିପାହୀ ବସ୍ତ୍ର ପରିଧାନ କରି ଇଂରେଜଙ୍କୁ ବିରୋଧ କରିଥିଲେ। କିନ୍ତୁ ଜୟୀ ରାଜଗୁରୁ ଦେଶମାତୃକା ପାଇଁ ଲଢି ଶହୀଦ ହୋଇଥିଲେ। ଇଂରେଜମାନେ ଅତି ନିଷ୍ଠୁର ଭାବେ ତାଙ୍କୁ ବରଗଛରେ ବାନ୍ଧି ହତ୍ୟା କରିଥିଲେ। ତେଣୁ ମଙ୍ଗଳ ପାଣ୍ଡେ ନୁହେଁ, ଜୟୀ ରାଜଗୁରୁ ହେଉଛନ୍ତି ଭାରତୀୟ ସ୍ୱାଧୀନତା ସଂଗ୍ରାମର ପ୍ରଥମ ଶହୀଦ। ଏହାକୁ ସମସ୍ତେ ସ୍ୱୀକାର କରିବା ଆବଶ୍ୟକ। ଏହି ଆଲୋଚନା ଚକ୍ରରେ ସମିତିର ପୂର୍ବ ପ୍ରାନ୍ତ ଅଧ୍ୟକ୍ଷ ବିକ୍ରମ କେଶରୀ ମହାପାତ୍ର ପୌରୋହିତ୍ୟ କରିଥିଲେ। ମୁଖ୍ୟ ଅତିଥି ଭାବେ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ବ୍ୟୋମକେଶ ତ୍ରିପାଠୀ, ମୁଖ୍ୟବକ୍ତା ଭାବେ ପ୍ରଫେସର ପ୍ରସନ୍ନ କୁମାର ଜେନା ଏବଂ ସମ୍ମାନିତ ଅତିଥି ଭାବେ ନାଇଜର କୁଳସଚିବ ଡ. ଅଭୟ କୁମାର ନାୟକ ଯୋଗଦେଇ ସ୍ୱାଧିନତା ସଂଗ୍ରାମର ଅନାଲୋଚିତ ପ୍ରସଙ୍ଗ ଉପରେ ଆଲୋକପାତ କରିଥିଲେ। ନୂତନ ଇତିହାସ ପୁନଃଲିଖନର ସମୟ ଆସିଛି ବୋଲି ଅତିଥିମାନେ କହିଥିଲେ। ଆଲୋଚନା ଚକ୍ରରେ ୧୮ଟି ସନ୍ଦର୍ଭ ପାଠ କରାଯାଇଥିଲା। ଇତିହାସ ସଙ୍କଳନ ସମିତି ଜିଲା ସଂଯୋଜକ ପ୍ରାଧ୍ୟାପକ ଗଙ୍ଗାଧର ଦାଶ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଶିକ୍ଷାବିତ୍ ଡ. ଧିରେନ୍ଦ୍ର ନନ୍ଦ ଧନ୍ୟବାଦ ଦେଇଥିଲେ।

## ସଂକ୍ଷେପରେ

### ୫ ମତ୍ସ୍ୟ ଚାଷୀ ସମ୍ବର୍ଦ୍ଧିତ

**ପୁରୀ ଅଫିସ,୨୧।୧୧:** ପୁରୀ ଜିଲା ମତ୍ସ୍ୟ ବିଭାଗ ଆନୁକୁଲ୍ୟରେ ରବିବାର ସଦର ଆତ୍ମା କାର୍ଯ୍ୟାଳୟରେ ବିଶ୍ୱ ମତ୍ସ୍ୟ ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପୁରୀ ଜୋନ୍‌ର ଉପମତ୍ସ୍ୟ ନିର୍ଦ୍ଦେଶକ ସୁବଳ ଚନ୍ଦ୍ର ମହାନ୍ତି ଏବଂ ସମ୍ମାନିତ ଅତିଥି ଭାବେ ଜିଲା ମତ୍ସ୍ୟ ଅଧିକାରୀ କୁଅଁର ମାରଣ୍ଡି ଯୋଗଦେଇଥିଲେ। ଜିଲାର ବିଭିନ୍ନ ବ୍ଲକ୍‌ରୁ ମତ୍ସ୍ୟଚାଷୀ ଓ ମତ୍ସ୍ୟଜୀବୀ ଯୋଗଦେଇଥିଲେ। କିଭଳି ମତ୍ସ୍ୟଚାଷ କରି ଲାଭବାନ ହୋଇପାରିବା ଓ ସାମୁଦ୍ରିକ ମତ୍ସ୍ୟଚାଷ କ୍ଷେତ୍ରରେ କେଉଁ କେଉଁ ସତର୍କତା ଅବଲମ୍ବନ କରିବାକୁ ପଡ଼ିଥାଏ ସେ ସମ୍ପର୍କରେ ଅତିଥିମାନେ ଆଲୋଚନା କରିଥିଲେ। ଏହି ଅବସରରେ ୫ଜଣ ସଫଳ ମତ୍ସ୍ୟଚାଷୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

### କାର୍ ଧକ୍କାରେ ବୃଦ୍ଧା ମୃତ

**ସାକ୍ଷୀଗୋପାଳ,୨୧।୧୧(ସ୍ୱ.ପ୍ର.):** ସତ୍ୟବାଦୀ ଥାନା ଅନ୍ତର୍ଗତ ବୀର ଗୋବିନ୍ଦପୁର ଦାଣ୍ଡସାହି ଗ୍ରାମ ନିକଟରେ ରବିବାର ସକାଳେ କାର୍ ଧକ୍କାରେ ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଛି। ମୃତା ହେଲେ ଉକ୍ତ ଗ୍ରାମର ସୁକୁମାରୀ ବେହେରା(୬୪)। ସୂଚନା ମୁତାବକ, ପୁରୀରୁ ଭୁବନେଶ୍ୱର ଅଭିମୁଖେ ଯାଉଥିବା ଏକ କାର୍(ଓଡି ୧୯ପି ୭୧୭୨) ସୁକୁମାରୀଙ୍କୁ ରାଜପଥରେ ଧକ୍କା ଦେଇଥିଲା। ଫଳରେ ସେ ରାସ୍ତା ଉପରେ ଛିଟିକି ପଡ଼ି ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ସାକ୍ଷୀଗୋପାଳ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ସନ୍ଧ୍ୟାରେ ତାଙ୍କର ମୃତ୍ୟୁ ଘଟିଛି। ଖବରପାଇ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏଥିସହ ପୋଲିସ ଦୁର୍ଘଟଣା ଘଟାଇଥିବା କାରକୁ ଜବତ କରି ତଦନ୍ତ ଚଳାଇଛି।

### ରାଜ୍ୟସ୍ତରୀୟ କବାଡ଼ି ଖେଳାଳି ଚୟନ

**ପୁରୀ ଅଫିସ,୨୧।୧୧:** ପୁରୀସ୍ଥିତ ସଦାଶିବ ସଂସ୍କୃତ ମହାବିଦ୍ୟାଳୟ ପରିସରରେ ରବିବାର ପୁରୀ ଜିଲା କବାଡ଼ି ସିନିୟର ପୁରୁଷ ଓ ମହିଳା ଖେଳାଳି ଚୟନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୁରୀ, କଣାସ, ପିପିଲି, ନିମାପଡ଼ା, ଡେଲାଙ୍ଗ, ମଙ୍ଗଳପୁର, ମୁକନ୍ଦପୁର ଓ ପୁରୀ ସ୍ପୋର୍ଟ୍ସ ହଷ୍ଟେଲର ଶହେରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଭଗବାନ ଦାସ, ସଦାଶିବ ସାହୁ, ନୀଳକଣ୍ଠ ମିଶ୍ର, ସହିଂତା ଦାସ ପ୍ରମୁଖ ଖେଳ ପରିଚାଳନା କରିଥିଲେ। ସାଧାରଣ ସମ୍ପାଦକ ରବିଶଙ୍କର ପ୍ରତିହାରୀଙ୍କ ତତ୍ତ୍ୱାବଧାନରେ ଚୟନ କାର୍ଯ୍ୟକ୍ରମ ହୋଇଥିଲା। ଉଭୟ ପୁରୁଷ ଓ ମହିଳା ବିଭାଗରୁ ୧୨ଜଣ ଲେଖାଏ ଖେଳାଳି ଚୟନ ହୋଇଛନ୍ତି। ୨୫ରୁ ୨୮ ତାରିଖ ପର୍ଯ୍ୟନ୍ତ ସୁନ୍ଦରଗଡ଼ଠାରେ ହେବାକୁ ଥିବା ଓଡ଼ିଶା କବାଡ଼ି ପ୍ରତିଯୋଗିତାରେ ଏହି ମନୋନୀତ ପ୍ରତିଯୋଗୀମାନେ ଅଂଶଗ୍ରହଣ କରିବେ।



ଭୁବନେଶ୍ୱର ପାତ୍ରପଡ଼ାରେ ରହୁଥିବା ୧୬ବର୍ଷୀୟ ସୁମିତ କୁମାର ଦାଶ ଅଦରକାରୀ ସାମଗ୍ରୀକୁ ବ୍ୟବହାର କରି ଅଯୋଧ୍ୟା ରାମ ମନ୍ଦିର ଆକୃତିର କଳାକୃତି ନିର୍ମାଣ କରିଛନ୍ତି।

# ଅଦରକାରୀ ସାମଗ୍ରୀରେ ସୁନ୍ଦର କଳାକୃତି

**ଭୁବନେଶ୍ୱର,୨୧।୧୧ (ବ୍ୟୁରୋ)**

ଯେଉଁସବୁ ଜିନିଷ ଅନ୍ୟମାନଙ୍କ ପାଇଁ ଅଦରକାରୀ ମନେହୁଏ, ସେଇଥିରୁ ହିଁ ତାଙ୍କ ହାତର ଯାଦୁରୁ ସୃଷ୍ଟି ହୁଏ ସୁନ୍ଦର କଳାକୃତି। ଆଜିକାଲିର ପିଲା ମୋବାଇଲରେ ଅଯଥା ସମୟ ନଷ୍ଟ କରୁଥିବାବେଳେ ସେ କିନ୍ତୁ ଅଦରକାରୀ ଜିନିଷରୁ କିଛି ନୂଆ କରିବାକୁ ଦିନ ରାତି ଭାବି ବସନ୍ତି। କ’ଣ କରିବ ଭାବୁ ଭାବୁ ତିଆରି କରିପକାନ୍ତି କାହିଁ କେତେ ରଙ୍ଗୀନ, ଚିତ୍ତାକର୍ଷକ, ମନେଲୋଭା କଳାକୃତି। ଏଭଳି ଜଣେ ପ୍ରତିଭା ହେଉଛନ୍ତି ଭୁବନେଶ୍ୱରର ୧୬ବର୍ଷୀୟ ସୁମିତ୍ କୁମାର ଦାଶ। ବାପା ସରୋଜ କୁମାର ଦାଶ ଓ ମା’ ସଙ୍ଗୀତାଙ୍କ ସହ ସୁମିତ୍ ପାତ୍ରପଡ଼ାରେ ରହୁଛନ୍ତି। ପିଲାବେଳୁ ତାଙ୍କର ଚିତ୍ରକଳା ସହ ଏଭଳି ପ୍ରତିଭା ବିଷୟରେ ଜଣାପଡିଥିଲା। ଘରର ବିଭିନ୍ନ ଅଦରକାରୀ ଓ ନଷ୍ଟ ହେଉଥିବା ଜିନିଷରେ ଖେଳୁଖେଳୁ କିଛିଗୋଟେ ତିଆରି କରିପକାନ୍ତି। ପଡୋଶୀ ଘରର ଜଣେ ଭାଇଙ୍କ ସହଯୋଗରେ ଅଧିକ କିଛି ଶିଖିବା ଆରମ୍ଭ କରିଥିଲେ। ମା’ ସଙ୍ଗୀତା ତାଙ୍କୁ ଏ ଦିଗରେ ପ୍ରୋତ୍ସାହିତ କରିଥିଲେ। ପୁରୁଣା କାଗଜ, ଖବରକାଗଜ, ଅବ୍ୟବହୃତ ବୋତଲ, ବିଭିନ୍ନ ପ୍ଲାଷ୍ଟିକ ଡବାକୁ ନେଇ ସେ ବିଭିନ୍ନ ଘରୋପକରଣ ତିଆରି କରିଛନ୍ତି। ଏଥିସହ ଅଯୋଦ୍ଦ୍ୟା ରାମ ମନ୍ଦିର, ପୁରୀ ଶ୍ରୀ ଜଗନ୍ନାଥ ମନ୍ଦିର, କୋଣାର୍କର ସୂର୍ଯ୍ୟ ମନ୍ଦିର, ତାଜମହଲ ସହ ପଶୁ, ପକ୍ଷୀ ଓ ସୌଖୀନ ଜିନିଷ ତିଆରି କରିଛନ୍ତି। ସେ ଏହାକୁ ବିକ୍ରି ନ କରି ସାଙ୍ଗ ସାଥିଙ୍କୁ ଦେଇ ଉତ୍ସାହିତ କରିବା ସହ ନିଜେ ଖୁସି ହୁଅନ୍ତି। ଏଥିସହ ପଡ଼ୋଶୀମାନେ ଗିଫ୍ଟ ଓ ଘର ସଜାଇବାକୁ ତାଙ୍କଠାରୁ ଏସବୁ କଳାକୃତି ନେଇଥାନ୍ତି। ଏହାହିଁ ତାଙ୍କୁ ଆହୁରି ପ୍ରରଣା ଦେଇଥାଏ। ଏସବୁ ତିଆରି ସମୟରେ ଥର୍ମୋକୁଲ୍ ବା ସୋଲ ବ୍ୟବହାରକୁ ସେ ସମ୍ପୂର୍ଣ୍ଣ ବାରଣ କରିଥାନ୍ତି। ସେ କୁହନ୍ତି, ସୋଲ ହଜରେ ମାଟିରେ ମିଶି ନ ଥାଏ। ନଷ୍ଟ ହୋଇପାରୁଥିବା ଅଦରକାରୀ ଜିନିଷକୁ ବ୍ୟବହାର କରିଥାନ୍ତି। ଲୋକମାନେ ଦେଖି ପ୍ରଶଂସା କରିବା ହିଁ ଖୁସି ଦେଇଥାଏ ବୋଲି ସେ କହିଛନ୍ତି।

# ଚାଷୀଙ୍କ ଉନ୍ନତିରେ ଦେଶର ଅଗ୍ରଗତି ହେବ

**ସାକ୍ଷୀଗୋପଳ,୨୧।୧୧(ସ୍ୱ.ପ୍ର.)**

ତିନି ବିବାଦୀୟ କୃଷି ଆଇନ ପ୍ରତ୍ୟାହାର ନିଷ୍ପତ୍ତି ପରେ ନୀଳାଚଳ କୃଷକ ମହାସଂଘ ପକ୍ଷରୁ ସତ୍ୟବାଦୀ ବ୍ଲକ ଅନ୍ତର୍ଗତ ଗେଣ୍ଡାମାଳି ଗ୍ରାମସ୍ଥିତ ମା’ତାରିଣୀଙ୍କ ପ୍ରାଙ୍ଗଣରେ ରାମଚନ୍ଦ୍ର ସ୍ୱାଇଁଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଯାଇଛି। ଭାଗୀରଥି ବରାଳଙ୍କ ପ୍ରସ୍ତାବ ଅନୁଯାୟୀ କୃଷକ ଆନ୍ଦୋଳନରେ ମୃତ୍ୟୁବରଣ କରିଥିବା ଚାଷୀଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ନୀରବ ପ୍ରାର୍ଥନା କରାଯାଇଥିଲା। ଚାଷୀଙ୍କ ଅଂହିସାତ୍ମକ ଆନ୍ଦୋଳନ ଆଗରେ କେନ୍ଦ୍ର ସରକାର ମୁଣ୍ଡ ନୁଆଁଇଲେ ବୋଲି ବୈଠକରେ ମତପ୍ରକାଶ ପାଇଥିଲା। ଚାଷୀମାନେ ଏକତ୍ରିତ ହେଲେ ଚାଷ ଓ ଚାଷୀଙ୍କର ଉନ୍ନତି ହେବା ସହିତ ରାଜ୍ୟ ଓ ଦେଶର ଅଗ୍ରଗତି ହେବ ବୋଲି ମହାସଂଘ ସଭାପତି ଗୋପୀନାଥ ମିଶ୍ର କହିଛନ୍ତି। ଆଗାମୀ ପଞ୍ଚାୟତ ନିର୍ବାଚନରେ ପ୍ରତ୍ୟେକ ପଞ୍ଚାୟତରେ ୱାର୍ଡମେମ୍ବର, ସମିତି ସଭ୍ୟ ଓ ଜିଲାପରିଷଦ ପ୍ରାର୍ଥୀଙ୍କୁ ମହାସଂଘ ଦାୟିତ୍ୱ ନେଇ ବିଜୟୀ କରିବା ପାଇଁ ଉପଦେଷ୍ଟା ମଣ୍ଡଳୀର ଅଧ୍ୟକ୍ଷ ନିରଞ୍ଜନ ମହାପାତ୍ର କହିଥିଲେ। ଏହି ଅବସରରେ ନିମାପଡା ବ୍ଲକ ସଭାପତି ମାଧବ ମଲ୍ଲିକ, ସମନ୍ୱୟ କମିଟି ଅଧ୍ୟକ୍ଷ ଗୁଣନିଧି ପାତ୍ର, ସୁଦାମ ଚରଣ ବାରିକ, ସତ୍ୟବାଦୀ ବ୍ଲକ ସସଭାପତି ସୁଶାନ୍ତ ଶତପଥୀ, ପ୍ରଦୀପ୍ତ ରାଉତ, ବସନ୍ତ କୁମାର ମହାପାତ୍ର ଲାକ୍ଷ୍ମୀଧର ପାତ୍ରଙ୍କ ସମେତ ଶତାଧିକ ଚାଷୀ ଉପସ୍ଥିତ ଥିଲେ। ରାଜକିଶୋର ସାହୁ ଧନ୍ୟବାଦ ଦେଇଥିଲେ।

# ସରକାରଙ୍କ ୟୁନିଫର୍ମ ପଲିସିକୁ ବିରୋଧ

**ଜଟଣୀ,୨୧।୧୧(ଡି.ଏନ୍.ଏ.)**

ଶ୍ରୀଜଗନ୍ନାଥ ମହାପ୍ରଭୁ ବିଜେ ପୁରୀଙ୍କ ଜମି ସମସ୍ୟା ସମାଧାନ ନିମନ୍ତେ ଆଗତ ସରକାରଙ୍କ ୟୁନିଫର୍ମ ପଲିସି ତଥା ଏକକ ନୀତିକୁ ବାପୁଜୀ, ଆମ୍ବେଡକର ରୟତ ସୁରକ୍ଷା ମହାମଞ୍ଚ ପକ୍ଷରୁ ବିରୋଧ କରାଯାଇଛି। ରବିବାର ଜଟଣୀ ବ୍ଲକ ଅଧୀନ କନ୍ଟିଆ ଗ୍ରାମରେ ଶତାଧିକ କ୍ଷତିଗ୍ରସ୍ତ ରୟତ ଏକତ୍ରିତ ହୋଇ ସରକାରଙ୍କ ଉକ୍ତ ପଲିସିକୁ ବିରୋଧ କରି ପ୍ରତିବାଦ କରିଥିଲେ। ୨୦୧୨ ମସିହାରୁ ଏପର୍ଯ୍ୟନ୍ତ ଭୋଗଦଖଲ କରିଆସୁଥିବା ସ୍ଥିତିବାନ ପ୍ରଜାଙ୍କ ସମସ୍ତ ଜମିକୁ ବେଆଇନ ଭାବେ ଅମୃତ ମଣୋହି ଦର୍ଶାଇ ଜଗନ୍ନାଥ ମହାପ୍ରଭୁ ବିଜେ ପୁରୀଙ୍କ ନାମରେ ନାମିତ ହୋଇଛି। ଫଳରେ ଦୀର୍ଘବର୍ଷ ଧରି ୩୬ଟି ମୌଜାର ହଜାର ହଜାର ସ୍ଥିତିବାନ ପ୍ରଜା (ରୟତ) ନିଜ ବାସଗୃହ, ଚାଷଜମି, ଶ୍ମଶାନ ଆଦି ମହାପ୍ରଭୁଙ୍କ ନାମରେ ନାମିତ ହୋଇଯାଇଥିବାରୁ ହଇରାଣ ହେଉଥିବା ଅଭିଯୋଗ କରିଛନ୍ତି। ବର୍ତ୍ତମାନ ସରକାରଙ୍କ ୟୁନିଫର୍ମ ପଲିସି ଜରିଆରେ ସ୍ଥିତିବାନ ପ୍ରଜା ପୁନଃ ଶ୍ରୀମନ୍ଦିର ପ୍ରଶାସନ ନିକଟରୁ ଜମି ଖରିଦ କରିବା ଏକ ହାସ୍ୟାସ୍ପଦ ଘଟଣା। ନିଜ ସ୍ଥିତିବାନ ଜମିକୁ ପୁଣି କାହିଁକି ଖରିଦ କରିବେ ବୋଲି ସମସ୍ତ ପ୍ରଜା ବିରୋଧକରି ଏକତ୍ରିତ ହୋଇଥିଲେ। ଏହି କାର୍ଯ୍ୟକ୍ରମରେ କହିଲି ସୁବୁଦ୍ଧି, ନିକୁଞ୍ଜ ରାଉତରାୟ, ସୁନୀଲ ରାଉତରାୟ, ଭୀମସେନ ଭୁଜବଳ, ବାବୁ ଖାଁ, ନିବାସ ପାଇକରାୟ, ଦୁର୍ଗାଚରଣ ସାହୁ, ବିବେକନନ୍ଦ ବଡ଼ଜେନା, ଶଶାଙ୍କ ସାମନ୍ତସିଂହାର, ସମରେଶ ଛୋଟରାୟ, ପ୍ରତାପ ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ।

# ଆମିଷମୁକ୍ତ ବଡ଼ଦାଣ୍ଡ, ଅବରୋଧମୁକ୍ତ ଶରଧାବାଲି ପାଇଁ ଦାବି

**ପୁରୀ ଅଫିସ,୨୧।୧୧**

ପୁରୀର ବିକାଶ ତଥା ସମସ୍ୟାର ସମାଧାନ ପାଇଁ ଜିଲାପାଳ ତୁରନ୍ତ ନାଗରିକ ମଞ୍ଚ ସହ ଆଲୋଚନା କରି ପଦକ୍ଷେପ ନେବାକୁ ସଚେତନ ନାଗରିକ ମଞ୍ଚ ଦାବି କରିଛି। ମଞ୍ଚ ସଭାପତି ପ୍ରସନ୍ନ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏକ ସଭାରେ ଆମିଷମୁକ୍ତ ବଡ଼ଦାଣ୍ଡ, ଅବରୋଧମୁକ୍ତ ଶରଧାବାଲି, ମାଟିଆପଡ଼ା ରେଳବ୍ରିଜ୍ ନିର୍ମାଣ, ପୁରୀ ସହରରେ ଅନୁନ୍ୟ ୫୦ଟି ପରିସ୍ରାଗାର ନିର୍ମାଣ ସହ ଶ୍ରୀମନ୍ଦିର ପାଇଁ ସ୍ଥାୟୀ ପ୍ରଶାସକ ନିଯୁକ୍ତି ଦାବି ରଖାଯାଇଛି। ଏହି ସଭାରେ ଉପଦେଷ୍ଟା ବଦ୍ରି ମିଶ୍ର, ହରିଶଙ୍କର ମିଶ୍ର, ଅଶୋକ ଆଢ୍ୟ ପ୍ରମୁଖ ଉପସ୍ଥିତ ରହି ପୁରୀ ସହରର ମୌଳିକ ସମସ୍ୟା ଉପରେ ଆଲୋଚନା କରିଥିଲେ। ଖୁବଶୀଘ୍ର ଜିଲାପାଳଙ୍କୁ ଭେଟି ମଞ୍ଚର କର୍ମକର୍ତ୍ତାମାନେ ଏସମ୍ପର୍କରେ ଜିଲାପାଳ ସମର୍ଥ ବର୍ମାଙ୍କ ସହ ଆଲୋଚନା କରିବେ। ସେହିଭଳି ସଭାପତି ଦାସ ଶ୍ରୀଜଗନ୍ନାଥ ସଂସ୍କୃତିର ପ୍ରଚାର ପ୍ରସାର, ନାଟକ ସଙ୍ଗୀତର ବିକାଶ ପାଇଁ ଅନ୍ନପୂର୍ଣ୍ଣା ଥିଏଟର ପୁନରୁଦ୍ଧାର ଓ ନବନିର୍ମାଣ ଉପରେ ଗୁରୁତ୍ୱ ଦେଇଛନ୍ତି।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com



@ ରଶ୍ମି ରଞ୍ଜନ



@ ଆଲୋକ



@ ନିଲୁ



@ ଦେବସ୍ମିତା



@ ସୁଶାନ୍ତ



@ ଅସିଥ

# ବିଜେଡିରେ ଯୋଗଦେଲେ ୪୦

**ପୁରୀ ଅଫିସ,୨୧।୧୧**

ପୁରୀ ଜିଲା ବିଜେଡି ଯୁବ ସମ୍ପାଦକ ବାପିନ ଶତପଥୀଙ୍କ ନେତୃତ୍ୱରେ ୪୦ ଜଣ ମହିଳା ଓ ଯୁବତୀ ବିଜେଡିରେ ଯୋଗଦାନ କରିଛନ୍ତି। ପୂର୍ବତନ ବିଧାୟକ ମହେଶ୍ୱର ମହାନ୍ତି, ରାଜ୍ୟ ବିଜେଡି ସାଧାରଣ ସମ୍ପାଦକ ରମେଶ ପ୍ରହରାଜ, ରାଜ୍ୟ ଯୁବ ଉପସଭାପତି ସୁନିଲ ମହାନ୍ତି ଓ ବାପିନ ଶତପଥୀ ଉପସ୍ଥିତ ଥିଲେ।



ରାଜ୍ୟସ୍ତରୀୟ ପ୍ରତିଯୋଗିତା ପାଇଁ ରବିବାର ପୁରୀସ୍ଥିତ ସଦାଶିବ ସଂସ୍କୃତ ମହାବିଦ୍ୟାଳୟ ପରିସରରେ ପୁରୀ ଜିଲା କବାଡ଼ି ସିନିୟର ପୁରୁଷ ଓ ମହିଳା ଖେଳାଳି ଚୟନ ଶିବିରରେ ଯୋଗ ଦେଇଥିବା ଖେଳାଳିମାନେ।



ଶ୍ରୀମନ୍ଦିର ନିକଟରେ ମହାଯଜ୍ଞ ପାଇଁ ରବିବାର ଶ୍ରୀନଅରରେ ଗଜପତି ମହାରାଜାଙ୍କ ଦ୍ୱାରା ଗୁଆଟେକା ନୀତି ସମ୍ପନ୍ନ କରାଯାଉଛି।



ପୁରୀ ବିଜେଡି ପକ୍ଷରୁ ପୂର୍ବତନ ବିଧାୟକ ମହେଶ୍ୱର ମହାନ୍ତିଙ୍କ ବାସଭବନରେ ରବିବାର ଆୟୋଜିତ ମିଶ୍ରଣ ପର୍ବ।

# ସ୍ଥିତି ହରାଉଛି 'ହାବସ୍‌ପୁରୀ' ହସ୍ତତନ୍ତ

## ଜିଆଇ ମାନ୍ୟତା ପରେ ବି ଅବହେଳା







ଭୁବନେଶ୍ୱର, ୨୧।୧୧
ବନ୍ଦନା ସେଠୀ

ଓଡ଼ିଶାର କଳା, ସଂସ୍କୃତି ଓ ପରମ୍ପରା ସହିତ ସମୃଦ୍ଧ ହସ୍ତତନ୍ତ ବିଶ୍ୱ ବଜାରରେ ରାଜ୍ୟର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ସମ୍ବଲପୁରୀ, ମାଣିଆବନ୍ଧ ହସ୍ତତନ୍ତ ସ୍ୱତନ୍ତ୍ର ବ୍ରାଣ୍ଡରେ ପରିଣତ ହୋଇଥିବାବେଳେ ୨୦୧୨ରେ ଜିଆଇ ମାନ୍ୟତା ପାଇଥିବା କଳାହାଣ୍ଡିର ପ୍ରସିଦ୍ଧ ହସ୍ତତନ୍ତ 'ହାବସ୍‌ପୁରୀ' ମଧ ଆଉଏକ ସୁଯୋଗ ସୃଷ୍ଟି କରିବାର ସମ୍ଭାବନା ଦେଖାଇଛି। ଏହାର ସ୍ୱତନ୍ତ୍ର ଡିଜାଇନ୍ ବେଶ୍ ଆକର୍ଷଣୀୟ ରହିଥିବାବେଳେ ମାନ ମଧ ସବୁଠୁ ଭିନ୍ନ ରହିଛି। ବୁଣାକାରଙ୍କ ହାତର ନିଖୁଣତା ଏଥିରେ ବାରି ହୋଇପଡୁଛି। ମାଛ, ଫୁଲ, କୁମ୍ଭ, କଇଁଛ ଆଦି ଚିତ୍ରକୁ ଅତି ସୂକ୍ଷ୍ମ ଭାବେ ଶାଢ଼ିରେ ବୁଣା ଯାଇଥାଏ। ଏଥିରେ ଉଭୟ କଟନ ଓ ପାଟ ଶାଢ଼ି ପ୍ରସ୍ତୁତ ହୋଇଥାଏ। କଟନ୍ ଶାଢ଼ିର ଦାମ୍ ୪ହଜାରରୁ ଆରମ୍ଭ ହେଉଥିବାବେଳେ ପାଟଗୁଡ଼ିକ ୮ରୁ ୧୦ ହଜାରରୁ ଆରମ୍ଭ ହେଉଛି। ବର୍ତ୍ତମାନ ବିଶ୍ୱ ଦରବାରରେ ଓଡ଼ିଶା ବାନ୍ଧକଳାର ଚାହିଦା ଅଧିକ ରହୁଛି। ତେଣୁ ଏହି କାରିଗରଙ୍କୁ ପ୍ରଶିକ୍ଷଣ ଓ ଉପଯୁକ୍ତ ବଜାର ମିଳିପାରିଲେ ହାବସ୍‌ପୁରୀ ଶାଢ଼ି ମଧ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ପାରିବ। ହେଲେ ପ୍ରଚାର, ପ୍ରସାର, ବଜାର ତଥା ପ୍ରୋତ୍ସାହନ ନ ଥିବାରୁ ଧୀରେ ଧୀରେ 'ହାବସ୍‌ପୁରୀ' ନିଜର ସ୍ଥିତି ହରାଇବାକୁ ବସିଛି। ୨୦୧୬-୧୭ ଆର୍ଥିକ ବର୍ଷରେ ହାବସପୁରୀ ଶାଢ଼ି ଓ କପଡ଼ା ଉତ୍ପାଦନର ଉତ୍ପାଦନ ମୂଲ୍ୟ ୨୮.୫୫ଲକ୍ଷ ଟଙ୍କା ଥିବାବେଳେ ୨୦୧୮-୧୯ ବେଳକୁ ଏହା ୧୮.୮୯ ଲକ୍ଷ ଟଙ୍କାକୁ ଖସି ଆସିଥିଲା। ଏବେ ଯେଉଁ ଅନୁପାତରେ ବିକ୍ରି ହେବା କଥା ତାହା ହେଉ ନ ଥିବାରୁ ବୁଣାକାରଙ୍କ ମନ ମଧ ଭାଙ୍ଗିଯାଉଛି। ଗୋଟେ ପଟେ ବୁଣାକାରମାନେ ସରକାରଙ୍କୁ ଦୋଷାରୋପ କରୁଥିବାବେଳେ ଅନ୍ୟପଟେ ଏଥିପାଇଁ ବୁଣାକାରମାନେ ନିଜେ ଦାୟୀ ବୋଲି ହସ୍ତତନ୍ତ ବିଭାଗ ପକ୍ଷରୁ କୁହାଯାଉଛି।

### ବଞ୍ଚାଇ ରଖିବାକୁ ପ୍ରଚେଷ୍ଟା

କଳାହାଣ୍ଡି ଜିଲାର ହାବସ୍‌ପୁରୀ ଗ୍ରାମରେ କନ୍ଧ ସମ୍ପ୍ରଦାୟର ବୁଣାକାରଙ୍କ ଦ୍ୱାରା ପ୍ରଥମକରି ଏହି ଶାଢ଼ି ବୁଣାଯାଇଥିଲା। ଗାଁର ନାମ ଅନୁଯାୟୀ ଶାଢ଼ିର ନାମକରଣ ହାବସପୁରୀ ହୋଇଥିଲା। ତେବେ ଏବେ ସେହି ଗାଁରେ ଆଉ ଏହି ଶାଢ଼ି ବୁଣା ହେଉନାହିଁ। ସମୟ ବଦଳିବା ସହିତ ବୁଣାକାରଙ୍କ ମନରେ ଆଉ ଏଥିପ୍ରତି ଆଗ୍ରହ ନାହିଁ। ଏହାକୁ ଜୀବିକା କରିବା ଅପେକ୍ଷା ଚାଷ, ନିର୍ମାଣ କାର୍ଯ୍ୟ, କ୍ଷୁଦ୍ର ବ୍ୟବସାୟ ଓ ଦାଦନ ଖଟିବାକୁ ବାହାରକୁ ଯିବାକୁ ଯୁବପିଢ଼ି ଅଧିକ ପସନ୍ଦ କରୁଛନ୍ତି। ଜିଲାର ଚିଚେଇଗୁଡା ଓ ଅନ୍ୟ କେତେକ ଗ୍ରାମରେ କେତେଜଣ ବୁଣାକାର ଏବେ ଏହି ହସ୍ତତନ୍ତକୁ ବଞ୍ଚାଇ ରଖିବାକୁ ପ୍ରଚେଷ୍ଟା କରୁଛନ୍ତି। ସେମାନଙ୍କ ପରେ ଏହି କଳା ସମ୍ପୂର୍ଣ୍ଣ ବୁଡ଼ିଯିବ ବୋଲି ଆଶଙ୍କା କରାଯାଉଛି।

### ସରକାରୀ ପ୍ରୋତ୍ସାହନ ମିଳୁନି



ରାଜ୍ୟ ତଥା ବାହାରେ ହାବସପୁରୀ ଶାଢ଼ିର ଚାହିଦା ରହିଛି। ବଜାର, ସରକାରୀ ପ୍ରୋତ୍ସାହନ ନ ଥିବାରୁ ଉଚିତ ପ୍ରାପ୍ୟ ମିଳିପାରୁନି। ଯୁବପିଢ଼ିମଧ ଏଥିପ୍ରତି ମନ ବଳାଉ ନାହାନ୍ତି। ଗାଁରେ ପ୍ରାୟ ୬ରୁ ୭ଟି ପରିବାର ଏବେ ଶାଢ଼ି ବୁଣୁଛନ୍ତି। ଗୋଟିଏ ଶାଢ଼ି ବୁଣିବାକୁ ପ୍ରାୟ ୪ରୁ ୫ଦିନ ଲାଗୁଛି। ସରକାରୀ ସ୍ତରରେ ବିକ୍ରିବଟା ପାଇଁ ବ୍ୟବସ୍ଥା ନ ଥିବାରୁ ନିଜ ଚେଷ୍ଟାରେ ମୁଁ ଶାଢ଼ି ବିକ୍ରି କରୁଛି।

-ଜଳନ୍ଧର ମେହେର, ବୁଣାକାର

### ପ୍ରଶିକ୍ଷଣ ପାଇଁ କଳାହାଣ୍ଡିରେ ୱାର୍କଶପ୍ କରିବି



କଳାହାଣ୍ଡିର ଏହା ବହୁ ପୁରାତନ କଳା। ସମ୍ବଲପୁରୀ ବସ୍ତ୍ରକୁ ଯେପରି ମଡର୍ନ ଲୁକ୍ ଦେଇ ବିଭିନ୍ନ ଫ୍ୟାଶନ ଶୋ'ରେ ପ୍ରଦର୍ଶନ କରାଯାଉଛି, ହାବସପୁରୀକୁ ମଧ ସେପରି ବିଶ୍ୱ ବଜାରରେ ବ୍ରାଣ୍ଡିଂ କରାଯାଇପାରିବ। ଏହାଦ୍ୱାରା ଓଡ଼ିଶାର ଗୌରବରେ ଆଉ ଏକ ଫର୍ଦ୍ଦ ଯୋଡ଼ିହେବ। ଏ ନେଇ ପ୍ରଶିକ୍ଷିତ ବୁଣାକାରଙ୍କୁ ଡାକି ନୂତନ ବୁଣାକାରଙ୍କୁ ପ୍ରଶିକ୍ଷଣ ଦେବାପାଇଁ ଯୋଜନା କରିଛି। ଖୁବ୍‌ଶୀଘ୍ର ୨/୩ଟି ସଂସ୍ଥା ସହିତ ମିଶି ସରକାରଙ୍କ ନିକଟରେ ଏ ନେଇ ପ୍ରସ୍ତାବ ରଖିବି। କଳାହାଣ୍ଡିରେ ଏକ ୱାର୍କଶପ୍ ମଧ କରିବାକୁ ଚେଷ୍ଟା କରୁଛି। ହାବସ୍‌ପୁରୀକୁ କିପରି ଅନ୍ତର୍ଜାତୀୟସ୍ତରରେପହଞ୍ଚାଯାଇପାରିବଓଏହାରସ୍ୱତନ୍ତ୍ରତାବଢ଼ିବସେଥିପାଇଁକାମକରିବି।

-ସୁଜିତ୍ ମେହେର, ଫ୍ୟାଶନ ଡିଜାଇନର

### ବୟନିକା ଶାଢ଼ୀ ଖୋଜୁଛି, ମାର୍କେଟରେ ନାହିଁ



ହାବସ୍‌ପୁରୀର ମାର୍କେଟିଂ ଭଲ ଅଛି। ମାତ୍ର ନୂଆ ବୁଣାକାରମାନେ ଏଥିପାଇଁ ଆଗ୍ରହ ଦେଖାଉ ନାହାନ୍ତି। ଯେତିକି ବୁଣା ହେଉଛି ତାହା ବିକ୍ରି ହେଉଛି। ବୟନଶିଳ୍ପ ଏବଂ ହସ୍ତତନ୍ତ ବିଭାଗ ପକ୍ଷରୁ ଚିଚେଇଗୁଡା, ଜୁନାଗଡ, ନେହେରୁନଗର ଆଦି ଅଞ୍ଚଳରେ ବହୁବାର ପ୍ରଶିକ୍ଷଣ ଶିବିର ହୋଇଥିଲେ ମଧ ଲୋକେ ଆସୁ ନାହାନ୍ତି। ଷ୍ଟାଇପେଣ୍ଡ୍ ନେଇ ଘରେ ବସୁଛନ୍ତି। ରାଜ୍ୟ ସରକାରଙ୍କ ସଂସ୍ଥା ବୟନିକା ଏହି ଶାଢ଼ି ନେବାକୁ ଆଗ୍ରହୀ। ମାତ୍ର ମାର୍କେଟରେ ଶାଢ଼ି ନାହିଁ। ସେହିପରି ଅନ୍‌ଲାଇନ ମାଧମରେ ମଧ ଜଣେ ଏହି ଶାଢ଼ି କିଣି ପାରିବ। ତେବେ ଲୋକମାନେ ନିଜର କୌଳିକ ବୃତ୍ତିକୁ ଛାଡି ଦାଦନ ଖଟିବାକୁ ଯାଉଛନ୍ତି। ଲୋକମାନେ କେବଳ ଅଭିଯୋଗ କଲେ ହେବ ନାହିଁ।

-ଇନ୍ଦ୍ରମଣି କାଣ୍ଡି, ଡେପୁଟି ଡାଇରେକ୍ଟର,
ବୟନଶିଳ୍ପ ନିର୍ଦ୍ଦେଶାଳୟ, ଓଡ଼ିଶା

## ସଂକ୍ଷେପରେ

### ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ମାରପିଟ୍, ଜଣେ ଗୁରୁତର

ଡେଲାଙ୍ଗ,୨୧।୧୧(ଡି.ଏନ୍.ଏ.): ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ହାଟ ଡେଲାଙ୍ଗ ଫାଣ୍ଡି ନିକଟରେ ୨ଜଣଙ୍କ ମଧରେ ମାରପିଟ୍ ହୋଇଛି। ଏଥିରେ ଜଣେ ଗୁରୁତର ହୋଇଥିବା ବେଳେ ଚିକିତ୍ସା ପାଇଁ ତାଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଛି। ସୂଚନା ମୁତାବକ, ମୁନିନ୍ଦା ପଞ୍ଚାୟତର ମୋହନପୁର ଗ୍ରାମର ଲଛମନ ଦଳାଇ ଓ ଗୁଆଳିପଦା ପଞ୍ଚାୟତର ଡମ୍ପୁର ଗ୍ରାମର ପବିତ୍ର ପରିଡାଙ୍କ ମଧରେ କୌଣସି କାରଣକୁ ନେଇ ବଚସା ପରେ ମାରପିଟ ହୋଇଥିଲେ। ଉଭୟଙ୍କୁ ଆହତ ଅବସ୍ଥାରେ ଡେଲାଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଲଛମନଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ ଚିକିତ୍ସା ପାଇଁ ଭୁବନେଶ୍ୱରର ଏକ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଉଭୟ ପକ୍ଷଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ତଦନ୍ତ ଚଳାଇଛି।

### ଘରୋଇକରଣ ନୀତିକୁ ସମାଲୋଚନା

ପୁରୀ ଅଫିସ,୨୧।୧୧: ଅଖିଳ ଭାରତୀୟ ଡାକ କର୍ମଚାରୀ ସଂଘ ତୃତୀୟ ଶ୍ରେଣୀର କେନ୍ଦ୍ରୀୟ (ହେଡ୍ କ୍ୱାର୍ଟର୍ସ ନୂଆଦିଲ୍ଲୀ) କାର୍ଯ୍ୟକାରିଣୀ ବୈଠକ ରବିବାର ପୁରୀସ୍ଥିତ ସଂସ୍କୃତ ବିଶ୍ୱବିଦ୍ୟାଳୟ ଶ୍ରୀସଦାଶିବ କ୍ୟାମ୍ପସ ପରିସରରେ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ସଂଘର ସଭାପତି ଏନ୍. ସୁବ୍ରମଣ୍ୟମ ଅଧକ୍ଷତା କରିଥିଲେ। ଆର୍. ଏନ୍. ପରାଶର ବୈଠକର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ସ୍ୱାଗତ କମିଟି ଚେୟାରମ୍ୟାନ ରମେଶ ଚନ୍ଦ୍ର ମିଶ୍ର ଓ ସେକ୍ରେଟାରୀ ରାଜେଶ ବହିଦାର ଏବଂ କନଭେନର ଜଗନ୍ନାଥ ଦେଓ ପ୍ରମୁଖ ଉପସ୍ଥିତ ଥିଲେ। କେନ୍ଦ୍ର ସରକାରଙ୍କ କର୍ମଚାରୀ ଶୋଷଣ ନୀତିକୁ ସମାଲୋଚନା କରାଯାଇଥିଲା। ଡାକ କର୍ମଚାରୀଙ୍କ ଉପରେ ଆକ୍ରମଣ ବନ୍ଦ ଓ କର୍ମଚାରୀ ବିରୋଧୀ ନୀତି ପରିବର୍ତ୍ତନ ନ ହେଲେ ଧର୍ମଘଟ ଡାକରା ଦିଆଯିବ ବୋଲି କହିଥିଲେ।

### ବିଶ୍ୱ ଶିଶୁ ଦିବସ ପାଳିତ

କଣାସ,୨୧।୧୧(ସ୍ୱ.ପ୍ର.): ରେଡିଓ ଅଭିନନ୍ଦନ ପକ୍ଷରୁ ବିଶ୍ୱ ଶିଶୁ ଦିବସ ୟୁନିସେଫ,ଓଡ଼ିଶା ଏବଂ କମ୍ୟୁନିଟ୍ ଆସୋସିଏଶନ ସହଯୋଗରେ ପାଳିତ ହୋଇଯାଇଛି। ଦୁଇଦିନ ଧରି ଚାଲିଥିବା ଏହି କାର୍ଯ୍ୟକ୍ରମ ରେଡିଓ ଅଭିନନ୍ଦନ କେନ୍ଦ୍ରରେ ଶିଶୁଙ୍କ ଅଧିକାର, ଶିଶୁ ଶ୍ରମିକ ଉଚ୍ଛେଦ, ଶିଶୁଙ୍କ ଉତ୍ତମ ଶିକ୍ଷା, ସ୍ୱାସ୍ଥ୍ୟ, ଦକ୍ଷତା ବୃଦ୍ଧି ସହିତ ନୈତିକ ଓ ଶୈକ୍ଷିକ ବିକାଶ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଶିକ୍ଷାବିତ୍ ପ୍ରତାପ କେଶରୀ ଛୋଟରାୟ, ସୁଶାନ୍ତ କୁମାର ନରେନ୍ଦ୍ର, ଅଧାପକ ପ୍ରେମାନନ୍ଦ ଜାଲି, ଅଧାପକ ବିଶ୍ୱରଞ୍ଜନ ପଣ୍ଡା, ମଦର ଇଣ୍ଡିଆ ସ୍କୁଲର ଅଧକ୍ଷା ଜ୍ୟୋତ୍ସ୍ନାରାଣୀ ପାଲଟାସିଂହ, କୃଷ୍ଣାମୟୀ ବଳିୟାରସିଂହ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ପିଲାମାନେ ଅତିଥିଙ୍କୁ ପ୍ରଶ୍ନ ପଚାରିଥିଲେ। ଅତିଥିମାନେ ଉତ୍ତର ଦେବା ସହ ଶିଶୁ ଅଧିକାର ସମ୍ବନ୍ଧରେ ସୂଚନା ଦେଇଥିଲେ। ଉପେନ୍ଦ୍ର ପରିଡା, ରଜନୀକାନ୍ତ ପାଢ଼ୀ, ସଞ୍ଜୁକ୍ତା ପ୍ରଧାନ, ଶାଶ୍ୱତ କେଶରୀ ବଳିୟାରସିଂହ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଇକୋ ରିଟ୍ରିଟ୍ କ୍ଷେତ୍ର ପରିଦର୍ଶନ କଲେ ପର୍ଯ୍ୟଟନ ନିର୍ଦ୍ଦେଶକ

କୋଣାର୍କ,୨୧।୧୧(ଡି.ଏନ୍.ଏ.):

କୋଣାର୍କ-ପୁରୀ ବେଳାମାର୍ଗ ରାମଚଣ୍ଡୀ ମୁହାଣ ନିକଟରେ ଡିସେମ୍ବର ଦ୍ୱିତୀୟ ସପ୍ତାହରୁ ୩ମାସ ପର୍ଯ୍ୟନ୍ତ ଚାଲିବ ଇକୋ ରିଟ୍ରିଟ। ପର୍ଯ୍ୟଟନ ବିଭାଗ ପକ୍ଷରୁ ଆୟୋଜିତ ଏହି ଇକୋ ରିଟ୍ରିଟର ପ୍ରସ୍ତୁତି ଆରମ୍ଭ ହୋଇଛି। ରବିବାରଠାରୁ ଅନଲାଇନ ବୁକିଂ ଆରମ୍ଭ ହୋଇଥିବା ଜଣାପଡିଛି। ଏଥିସହ ଅପରାହ୍ନରେ ପର୍ଯ୍ୟଟନ ନିର୍ଦ୍ଦେଶକ ସଚିନ ରାମଚନ୍ଦ୍ର ଯାଦବ, ଜିଲାପାଳ ସମର୍ଥ ବର୍ମା, ଅତିରିକ୍ତ ଜିଲାପାଳ ବିନୟ କୁମାର ଦାଶ କ୍ଷେତ୍ର ପରିଦର୍ଶନ କରିଥିଲେ। ରାମଚଣ୍ଡୀ ମୁହାଣ ନିକଟ ବେଳାଭୂମିରେ ରାସ୍ତା ନିର୍ମାଣ କାର୍ଯ୍ୟ ଜାରି ରହିଛି। ଖୁବଶୀଘ୍ର କାର୍ଯ୍ୟାଦେଶ ପାଇଥିବା ଏଜେନ୍ସି ବେଳାଭୂମିରେ ତମ୍ବୁ ଘର କାର୍ଯ୍ୟ ଆରମ୍ଭ କରିବେ। ବିଦ୍ୟୁତ୍ ସଂଯୋଗ ଓ ପାନୀୟଜଳ ବ୍ୟବସ୍ଥା ହେଲା ପରେ ସମୁଦ୍ର କୂଳରୁ ବେଳାଭୂମିରେ ୭୦ ତମ୍ବୁ ଘର ନିର୍ମାଣ କରାଯିବ। ଏଥିରେ ସମସ୍ତ ସୁବିଧା ସହ ସୁରକ୍ଷା ପ୍ରତି ଦୃଷ୍ଟି ଦିଆଯିବ। ରାତ୍ରି ଯାପନରେ ଆସୁଥିବା ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ପାଇଁ ମୁଖ୍ୟ ପ୍ରବେଶ ପଥରେ ବଡ ତୋରଣ, ସେଲଫି ପଏଣ୍ଟ, କନଫରେନ୍ସ ଓ ରିସେପସନ ହଲ ନିର୍ମାଣ ହେବ। ଏଥିସହ ସର୍ଫିଙ୍ଗ ଫେଷ୍ଟିଭାଲ, ପାରାସେଲିଂ, ଯୋଗ ମ୍ୟୁଜିକ ଆଦି କାର୍ଯ୍ୟକ୍ରମ ଆୟୋଜିତ ହେବ। ପର୍ଯ୍ୟଟକମାନେ ବ୍ୟାଟେରି ଚାଳିତ ଗାଡିରେ ଇକୋ ରିଟ୍ରିଟ ସ୍ଥଳକୁ ଆସିବେ। ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଆକୃତି ଗୋଏଙ୍କା, ଜିଲା ପର୍ଯ୍ୟଟନ ଅଧିକାରୀ ସରୋଜକାନ୍ତ ପ୍ରଧାନ, କୋଣାର୍କ ପର୍ଯ୍ୟଟନ ଅଧିକାରୀ ଅମୀୟ କୁମାର ସେଠୀଙ୍କ ସମେତ ବିଭାଗୀୟ ଅଧିକାରୀମାନେ କ୍ଷେତ୍ର ପରିଦର୍ଶନ ବେଳେ ଉପସ୍ଥିତ ଥିଲେ।



କଟକ ରାଣୀହାଟସ୍ଥିତ ପୁରାତନ ହିନ୍ଦ୍ ସିନେମା ହଲ ଭଙ୍ଗାଯିବା ପାଇଁ ଘୋଷଣା ହେବା ପରେ ଆସବାବପତ୍ର ଓ ବିଭିନ୍ନ ସାମଗ୍ରୀ କାଢି ନିଆଯାଉଛି।

## ବେଳାଭୂମି ପଦଯାତ୍ରା ନିମନ୍ତେ ପ୍ରସ୍ତୁତି ବୈଠକ

କୋଣାର୍କ, ୨୧।୧୧(ଡି.ଏନ୍.ଏ.):

ଚଳିତ ବର୍ଷ କୋଣାର୍କ ଉତ୍ସବ ଅବସରରେ ଆସନ୍ତା ଡିସେମ୍ବର ୩ତାରିଖରେ ସ୍ୱଚ୍ଛ ଓ ସବୁଜ କୋଣାର୍କର ବାର୍ତ୍ତା ନେଇ ଚନ୍ଦ୍ରଭାଗା ବେଳାଭୂମିଠାରୁ ରାମଚଣ୍ଡୀ ମୁହାଣ ପର୍ଯ୍ୟନ୍ତ ବେଳାଭୂମି ପଦଯାତ୍ରା ଆୟୋଜନ ହେବ। ରାଜ୍ୟ ପର୍ଯ୍ୟଟନ ବିଭାଗ ସହାୟତାରେ କୋଣାର୍କ ସାମ୍ବାଦିକ ସଂଘ ପକ୍ଷରୁ ଏହି ପଦଯାତ୍ରା ଆୟୋଜନ କରାଯିବ। ଏ ନେଇ ରବିବାର କୋଣାର୍କ ସାମ୍ବାଦିକ ସଂଘ କାର୍ଯ୍ୟାଳୟରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂଘର ସଭାପତି ଜ୍ୟୋତିରାଜ ମହାନ୍ତି ସଭାପତିତ୍ୱ କରିଥିଲେ। କୋଭିଡ୍ କଟକଣା ଅନୁଯାୟୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ସହ ୫୦ ଛାତ୍ରୀଛାତ୍ରଙ୍କୁ ନେଇ ପଦଯାତ୍ରା କାର୍ଯ୍ୟକ୍ରମ ଆୟୋଜନ ହେବ ବୋଲି ସ୍ଥିର ହୋଇଛି। ଚଳିତ ବର୍ଷ ସ୍ୱଚ୍ଛ ଓ ସବୁଜ କୋଣାର୍କର ବାର୍ତ୍ତା ନେଇ ପର୍ଯ୍ୟଟନ ଶିଳ୍ପର ବିକାଶ ସମ୍ପର୍କରେ ଏହି ପଦଯାତ୍ରା ଆୟୋଜନ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ବୈଠକରେ ସଂଘର ମୁଖ୍ୟ ଉପଦେଷ୍ଟା ମାନସ ରଞ୍ଜନ ପାତ୍ର, ଉପଦେଷ୍ଟା ଅକ୍ଷୟ କୁମାର ନାୟକ, ସମ୍ପାଦକ ମନୋରଞ୍ଜନ ପଣ୍ଡା, ଉପସଭାପତି ଭାଗୀରଥୀ ସ୍ୱାଇଁ, କୋଷାଧକ୍ଷ ଅଜିତ କୁମାର ମଲ୍ଲିକ, ଖବରଦାତା ସନ୍ତୋଷ ରଞ୍ଜନ ରାୟ, ପ୍ରତାପ କୁମାର କାଣ୍ଡି, ପ୍ରଦୀପ କୁମାର ଛାଟୋଇ, ସୁକାନ୍ତ କୁମାର ବିଶ୍ୱାଳ, ଗଣେଶ ଚନ୍ଦ୍ର ବେହେରା, ପ୍ରମୋଦ ଗୋଛାୟତଙ୍କ ସମେତ ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

## ହାଇମାଷ୍ଟ ଲାଇଟ ସଂଯୋଗ ପାଇଁ ଏମ୍‌ପିଙ୍କୁ ଦାବିପତ୍ର

ପୁରୀ ଅଫିସ, ୨୧।୧୧:

ପୁରୀ-କୋଣାର୍କ ମେରାଇନ୍ ଡ୍ରାଇଭ୍ ରାସ୍ତାର ହାଇମାଷ୍ଟ ଲାଇଟ ଦୀର୍ଘବର୍ଷ ହେବ ଖରାପ ହୋଇଯାଇଛି। ଫଳରେ ଉକ୍ତ ରାସ୍ତା ଅନ୍ଧକାରମୟ ହେବା ସହ ଦୁର୍ଘଟଣା ଘଟୁଛି। ରାସ୍ତାର ଆଲୋକୀକରଣ କରିବାକୁ ଅନୁରୋଧ ଜଣାଇ ଆସୋସିଏଶନ୍ ଅଫ ଟୁଇଟର ପକ୍ଷରୁ ପୁରୀ ଏମ୍‌ପି ପିନାକୀ ମିଶ୍ରଙ୍କୁ ଏକ ଦାବିପତ୍ର ଦିଆଯାଇଛି। ଆସୋସିଏଶନ କର୍ମକର୍ତ୍ତା କହିଛନ୍ତି, ପ୍ରଳୟଙ୍କରୀ ବାତ୍ୟା ଫନୀରେ ଉକ୍ତ ହାଇମାଷ୍ଟ ଲାଇଟ ଭାଙ୍ଗିଯାଇଥିଲା। ସେବେ ଠାରୁ ନୂତନ ଲାଇଟ୍ ସଂଯୋଗ ହୋଇନାହିଁ। ଅନ୍ଧକାରରେ ଏହି ରାସ୍ତା ରହିଛି। ଏ ନେଇ ବିଗତ ଦିନରେ ଆସୋସିଏଶନ୍ ପକ୍ଷରୁ ଅନେକ ଥର ବିଭିନ୍ନ ସମୟରେ ଜିଲା ପ୍ରଶାସନକୁ ଅବଗତ କରାଯାଇଛି, କିନ୍ତୁ ପଦକ୍ଷେପ ନିଆଯାଇନାହିଁ। ତେଣୁ ଏମ୍‌ପିଙ୍କୁ ଏ ନେଇ ପତ୍ର ଦିଆଯାଇଛି। ଏମ୍‌ପି ମିଶ୍ର ଏ ନେଇ ମୁଖ୍ୟମନ୍ତ୍ରୀଙ୍କୁ ଜଣାଇ ଖୁବ୍‌ଶୀଘ୍ର ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଉକ୍ତ ପ୍ରତିନିଧି ଦଳରେ ଅନୁଷ୍ଠାନର ସଦସ୍ୟ ସତ୍ୟନାରାୟଣ ସାହୁ, ଦେବରାଜ ଦାସ, ଶୁଭଶ୍ରୀ ବେହେରା ଏବଂ ଦେବେନ୍ଦ୍ର ସୁବୁଦ୍ଧି ପ୍ରମୁଖ ସାମିଲ ଥିଲେ।

## ବିରୋଧରେ ଜନସମ୍ପର୍କ ପଦଯାତ୍ରା

**ପୁରୀ ନାମ ପରିବର୍ତ୍ତନ ପ୍ରସଙ୍ଗ**

ପୁରୀ ଅଫିସ,୨୧।୧୧:

ପୁରୀ ନାମ ପରିବର୍ତ୍ତନ ପ୍ରସ୍ତାବକୁ ବିରୋଧ କରି ରବିବାର ପୁରୀ ନାମ ସୁରକ୍ଷା କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଜନସମ୍ପର୍କ ପଦଯାତ୍ରା ଆୟୋଜିତ ହୋଇଛି। ଶ୍ରୀଗୁଣ୍ଡିଚା ମନ୍ଦିରଠାରୁ ପଦଯାତ୍ରା ବାହାରି ଶ୍ରୀମନ୍ଦିର ନିକଟରେ ପହଞ୍ଚିଥିଲା। କମିଟିର ସଦସ୍ୟମାନେ ପୁରୀ ସହରବାସୀଙ୍କୁ ନାମ ପରିବର୍ତ୍ତନ ପରବର୍ତ୍ତୀ ସମସ୍ୟା ବିଷୟରେ ବୁଝାଇଥିଲେ। ସେହିଭଳି ପୁରୀର ମୌଳିକ ସମସ୍ୟା ପ୍ରତି ଧ୍ୟାନ ନ ଦେଇ କିପରି କେତେକ ଅନୁଷ୍ଠାନ ଓ ବ୍ୟକ୍ତି ଅଯଥା ନାମ ପରିବର୍ତ୍ତନରେ ସମୟ ଦେଉଛନ୍ତି ତାହା କୁହାଯାଇଥିଲା। କମିଟି ସଦସ୍ୟ ତଥା ଆଇନଜୀବୀ ଅନିଲ କୁମାର ସାହୁ କହିଛନ୍ତି, କେତେକ ବ୍ୟକ୍ତି ରାଜନୈତିକ ଉଦ୍ଦେଶ୍ୟ ସାଧନ ପାଇଁ ପୁରୀ ନାମ ପରିବର୍ତ୍ତନ ଲାଗି ଦାବି କରୁଛନ୍ତି। ତେଣୁ ପୁରୀ ସହରବାସୀ ଏଭଳି ପ୍ରସ୍ତାବକୁ ଖାରଜ କରିବା ଦରକାର। ଏହି ପଦଯାତ୍ରାରେ ଶ୍ରୀଜଗନ୍ନାଥ ଭକ୍ତ ପରିଷଦର ସୂର୍ଯ୍ୟ ନାରାୟଣ ରଥ, ଆଇନଜୀବୀ ଚିନ୍ମୟ ଦାସ,, ବିଶ୍ୱଜିତ ପ୍ରଧାନ, ସୁଧାଂଶୁ ଜେନା, ସମୀର କୁମାର ସାମନ୍ତରାୟ, ଅନିଲ ସାହୁ ଓ କିନ୍ନର ସଂଘ ସଭାପତି ଦେବକୀ ମା ପ୍ରମୁଖ ସାମିଲ ଥିଲେ।

## ସ୍ୱଚ୍ଛ ସହର ମାନ୍ୟତା ପାଇଁ ଅଣ୍ଟା ଭିଡ଼ୁଛି ପୁରୀ

ପୁରୀ ଅଫିସ,୨୧।୧୧:

'ପବିତ୍ର ପୁରୀ ଗର୍ବ ଆମରି' ସ୍ଲୋଗାନ ଦିଆଯାଇ ପୁରୀ ଜିଲା ପ୍ରଶାସନ ଓ ପୌରସଂସ୍ଥାର ମିଳିତ ଉଦ୍ୟମରେ ସ୍ୱଚ୍ଛତା ଅଭିଯାନ ଆରମ୍ଭ ହୋଇଥିଲା। ସହରକୁ ସ୍ୱଚ୍ଛ ରଖିବା ଦିଗରେ ପୌରସଂସ୍ଥା ଅନେକ ନୂତନ ବ୍ୟବସ୍ଥା ଲାଗୁ କରିଥିଲା। ଭୋର୍‌ରୁ ସହରର ସବୁ ଘର ଆଗରେ ଗାଡ଼ି ଲଗାଇ ଆବର୍ଜନା ସଂଗ୍ରହ ଏବଂ ଅତିରିକ୍ତ ସଫେଇ କର୍ମଚାରୀଙ୍କୁ ନିଯୁକ୍ତି କରି ପୁରୀକୁ ଏକ ସ୍ୱଚ୍ଛ ସହରର ମାନ୍ୟତା ହାସଲ ଲକ୍ଷ୍ୟରେ ଆଗେଇଥିଲା। ମାତ୍ର ସଦ୍ୟ ପ୍ରକାଶିତ ସ୍ୱଚ୍ଛ ସର୍ବେକ୍ଷଣ ୨୦୨୧ରେ ପୁରୀ ସହରକୁ ୧୨୫ ନମ୍ବର ସ୍ଥାନରେ ଦେଖିବାକୁ ମିଳିଛି। ପୁରୀ ସହର ପୁଣି ଆବର୍ଜନାପୂର୍ଣ୍ଣ ହେବାର ଚିତ୍ର ଗତ କିଛି ମାସ ହେବ ଦେଖିବାକୁ ମିଳୁଥିଲେ ମଧ ପ୍ରଶାସନ ଏଥିପ୍ରତି ଗୁରୁତ୍ୱ ଦେଉ ନ ଥିବା ସାଧାରଣରେ ଅଭିଯୋଗ ହେଉଛି। ପୁରୀ ସହରରେ ଆବର୍ଜନା ଏଣେତେଣେ ପଡ଼ିଥିବା ଚିତ୍ର ସାମାଜିକ ଗଣମାଧମରେ ଦେଖିବାକୁ ମିଳୁଛି। ସେହିଭଳି ଶ୍ରୀମନ୍ଦିର ଚାରିପାଖରେ ବିପର୍ଯ୍ୟସ୍ତ ଡ୍ରେନ୍ ବ୍ୟବସ୍ଥା ଓ ରେଡକ୍ରସ ରୋଡ୍ ସଂଲଗ୍ନ ଗଳିରେ ସ୍ୱରେଜରେ ପାଣି ନ ଯିବା ଭଳି ସମସ୍ୟା ଉଭା ହୋଇଛି। ସଚେତନତା ସୃଷ୍ଟି ସହ ଅଭିଯୋଗ ଉପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ, ବ୍ୟବସ୍ଥାରେ ପରିବର୍ତ୍ତନ ଆଣି ପୁରୀକୁ ସ୍ୱଚ୍ଛ କରାଯାଇପାରିବ ବୋଲି ପୁରୀ ବାସିନ୍ଦା ଶାଶ୍ୱତ ରଞ୍ଜନ ସାହୁ ମତ ରଖିଛନ୍ତି। ସେହିଭଳି ଟୁଇଟରରେ ପୁରୀ ସହରବାସୀ ଜିଲା ପ୍ରଶାସନ ଓ ପୌରସଂସ୍ଥାକୁ ଟ୍ୟାଗ କରି ଫଟୋ ଅପଲୋଡ୍ କରିବାରେ ଲାଗିଛନ୍ତି। ଅନ୍ୟପକ୍ଷରେ ସ୍ୱଚ୍ଛତା କ୍ରମରେ ପୁରୀ ତଳକୁ ଖସିବା ପରେ ପୌରସଂସ୍ଥା ପକ୍ଷରୁ ତତ୍ପରତା ଦେଖିବାକୁ ମିଳିଛି। ପୌରସଂସ୍ଥା ପକ୍ଷରୁ ତେଲୁଗୁଭାଷୀ ଲୋକଙ୍କୁ ସଚେତନ କରାଯିବା କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଓଦା ଓ ଶୁଖିଲା ଅଳିଆକୁ କିଭଳି ପୃଥକ ଭାବେ ଚୟନ କରି ରଖାଯିବ ସେସମ୍ପର୍କରେ ବୁଝାଇ ଦିଆଯାଉଛି। ସହରରେ ପୁଣି ସ୍ୱଚ୍ଛତା ଅଭିଯାନ ଚାଲୁ କରାଯିବ ନେଇ ଯୋଜନା ଚାଲିଛି। ଜିଲାପାଳ ସମର୍ଥ ବର୍ମା ହ୍ୱାଟ୍ସଆପ୍ ଗ୍ରୁପ୍ ଜରିଆରେ ପୁରୀ ସହରର ସାମାଜିକ କର୍ମୀମାନଙ୍କୁ ଲେଖିଛନ୍ତି, ଆମେ ପୁରୀ ସହରବାସୀଙ୍କ ସହଯୋଗ କାମନା କରୁଛୁ, ଯାହାଫଳରେ ସ୍ୱଚ୍ଛତା ଦିଗରେ ଆଗକୁ ବଢ଼ିବା ସମ୍ଭବପର ହୋଇପାରିବ। ସ୍ୱଚ୍ଛତା ଦିଗରେ କ'ଣ କ'ଣ ନୂଆ ପଦକ୍ଷେପ ନେଇହେବ ସେ ସମ୍ପର୍କରେ ମତ ପ୍ରକାଶ କରିବା ଓ ଅଭିଯୋଗ ଦାଖଲ କରିବାକୁ ସେ ଲୋକଙ୍କୁ ଅନୁରୋଧ କରିଛନ୍ତି। ସେ ଆହୁରି ଉଲ୍ଲେଖ କରିଛନ୍ତି, ଗତବର୍ଷ ପୁରୀ ୨୫୦ତମ ର୍ୟାଙ୍କରେ ଥିବାବେଳେ ଚଳିତ ବର୍ଷ ୧୨୫ତମ ର୍ୟାଙ୍କରେ ପହଞ୍ଚିଛି। ଅର୍ଥାତ୍ ଆମେ ଭଲ ପ୍ରଦର୍ଶନ କରୁଛେ ଓ ଆଗାମୀ ଦିନରେ ଆହୁରି ଭଲ ପ୍ରଦର୍ଶନ ପାଇଁ ଟିମ୍ ୱାର୍କ ଆବଶ୍ୟକତା ରହିଛି।




ପୁରୀ ନାମ ପରିବର୍ତ୍ତନ ପ୍ରସ୍ତାବକୁ ବିରୋଧ କରି ରବିବାର ପୁରୀ ନାମ ସୁରକ୍ଷା କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ବାହାରି ଥିବା ଶୋଭାଯାତ୍ରା।



ଡ. ହରେକୃଷ୍ଣ ମହତାବଙ୍କ ଜୟନ୍ତୀ ଅବସରରେ ରବିବାର ବିଧାନସଭା ପରିସର ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ ଉପସ୍ଥିତ ଉପବାଚସ୍ପତି ରଜନୀକାନ୍ତ ସିଂ ଓ ଅନ୍ୟମାନେ।



କୋଣାର୍କ ଅଭିମୁଖେ ବାହାରିଥିବା ମୋଟର ସାଇକେଲ ରାଲିକୁ ଭୁବନେଶ୍ୱର ସ୍ୱସ୍ତିପ୍ଲାଜାଠାରେ ଅତିଥିମାନେ ପତାକା ଦେଖାଇ ଶୁଭାରମ୍ଭ କରୁଛନ୍ତି।

## ସଂକ୍ଷେପରେ

### କାର୍ତ୍ତିକେଶ୍ୱରଙ୍କ ଭସାଣି ଉତ୍ସବ

ଫୁଲନଖରା,୨୧।୧୧(ଡି.ଏନ.ଏ.)- କଟକ ସଦର ଥାନା ଅନ୍ତର୍ଗତ ଫୁଲନଖରା ଅଞ୍ଚଳରେ କାର୍ତ୍ତିକେଶ୍ୱରଙ୍କ ଭସାଣି ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ଠାକୁରଙ୍କୁ ମଣ୍ଡପରୁ ନିଆଯାଇ ନିକଟସ୍ଥ ପୁରୀ କେନାଲରେ ବିସର୍ଜନ କରାଯାଇଥିଲା। ଏହି ଅବସରରେ ଫୁଲନଖରା ଛକ ବ୍ୟବସାୟୀ ସଂଘ ପକ୍ଷରୁ ଏକ ସଭା ଆୟୋଜିତ ହୋଇଥିଲା। ସାମାଜିକ କର୍ମୀ କାନନ ବିହାରୀ ନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ଗଣମାଧମ ପ୍ରତିନିଧିଙ୍କ ସମେତ କେତେଜଣ ସାମାଜିକ କର୍ମୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଫୁଲନଖରା ବଜାର ବ୍ୟବସାୟୀ ସଂଘର କିଶୋର ପଟ୍ଟନାୟକ, ସମ୍ପାଦକ ଶିବପ୍ରସାଦ ପଟ୍ଟନାୟକ, ରମଣୀ ରଞ୍ଜନ ପଟ୍ଟନାୟକ, ସୁକାନ୍ତ ପଲେଇ, ରଞ୍ଜନ ସାହୁ, ରଞ୍ଜିତ ପଟ୍ଟନାୟକ, ପ୍ରକାଶ ନାୟକ ପ୍ରମୁଖ ଯୋଗଦେଇଥିଲେ।

### ଭାଜପା କର୍ମୀ ସମ୍ମିଳନୀ

ନିଆଳି,୨୧।୧୧(ଡି.ଏନ.ଏ.)- ପୋଖରୀଗାଁ ପଞ୍ଚାୟତରେ ଭାଜପା କର୍ମୀ ସମ୍ମିଳନୀ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ବିଧାୟକ ପ୍ରକାଶ ଚନ୍ଦ୍ର ବେହେରା, ଅନ୍ୟ ଅତିଥି ଭାବେ ରାଜ୍ୟପ୍ରବକ୍ତା ରାଜେନ୍ଦ୍ର ପଣ୍ଡା, ଦଳୀୟ ନେତା ଛବି ମଲ୍ଲିକ, କସର୍ଦ୍ଦା ମଣ୍ଡଳ ସଭାପତି ପ୍ରଭାତ କୁମାର ଜେନା, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ତୁଷାରକାନ୍ତ ବିଶ୍ୱାଳ, ସେକ୍ ହସନ, ଜିଲା ଉପସଭାପତି ପ୍ରଶାନ୍ତ କୁମାର ପ୍ରଧାନ, ମଧୁସ୍ମିତା ମଲ୍ଲିକ ପ୍ରମୁଖ ଯୋଗଦେଇଥିଲେ। ସନ୍ତୋଷ କୁମାର ବିଶ୍ୱାଳ ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ରଶ୍ମିରଞ୍ଜନ ସ୍ୱାଇଁ, କୁଞ୍ଜବିହାରୀ ମଲ୍ଲିକ, ଅତୁଲ ସେଠୀ, ଶିଶିର ରାଉତ, ସୁଶାନ୍ତ ଭୋଇଙ୍କ ସମେତ ଶତାଧିକ କଂଗ୍ରେସ କର୍ମୀ ଭାଜପାରେ ମିଶିଥିଲେ। ମିହିର ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ବନ୍ଧୁ ମିଳନ କାର୍ଯ୍ୟକ୍ରମ

କଟକ ଅଫିସ,୨୧।୧୧: ନରାଜ ଡାକବଙ୍ଗଳାଠାରେ ସାମାଜିକ ସଂଗଠନ ରୟାଲଟି ସୋସିଆଲ ସର୍ଭିସ ପକ୍ଷରୁ ରବିବାର ବନ୍ଧୁ ମିଳନ ଆୟୋଜିତ ହୋଇଯାଇଛି। ଏଥିରେ ସଙ୍ଗଠନର ୫୦ଜଣ କର୍ମକର୍ତ୍ତା ଯୋଗଦେଇ ଆଗାମୀ ଦିନରେ କିପରି ଅଧିକରୁ ଅଧିକ ସାମାଜିକ କାର୍ଯ୍ୟ କରାଯାଇପାରିବ, ସେନେଇ ଆଲୋଚନା କରିଥିଲେ। ଆଗାମୀ ଦିନରେ କୁକୁର ସେବା, ରକ୍ତଦାନ ଶିବିର, ସଫେଇ କାର୍ଯ୍ୟକ୍ରମ ଆଦି କରାଯିବାକୁ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ନିଆଯାଇଥିଲା। ସଂଗଠନର ଅଧକ୍ଷ ସର୍ବେଶ୍ୱର ମହାନ୍ତି, ସଭାପତି ଅଭିଷେକ ଜେନା, ସମ୍ପାଦକ ସୌମ୍ୟରଞ୍ଜନ ସାହୁ, ଉପସଭାପତି ହେମାଙ୍ଗିନୀ ସାହୁ, କମିଟି ସଦସ୍ୟ ଅଭିଜିତ ଜେନା, ସୁବ୍ରତ କୁମାର କାହାଳୀ, ମଧୁସ୍ମିତା ସାହୁ, ମହେନ୍ଦ୍ର ଖୁଣ୍ଟିଆ, ମୋନାଲିସା ବେହେରା, ପରାମର୍ଶଦାତା ତପନ ସାହୁ, ପ୍ରଭଞ୍ଜନ ଜେନା, ପ୍ରଭାତ କୁମାର ସାହୁ ପ୍ରମୁଖ ସଭା ପରିଚାଳନା କରିଥିଲେ।

### ମାନବ ଅଧିକାର ମିଶନର ବୈଠକ

କଟକ ଅଫିସ, ୨୧।୧୧- ଚାଉଳିଆଗଞ୍ଜ କ୍ଲବଠାରେ ମାନବ ଅଧିକାର ମିଶନ କଟକ ଜିଲା ପକ୍ଷରୁ ରବିବାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମାନବ ଅଧିକାର ମିଶନର ରାଜ୍ୟ ଉପସଭାପତି ଦେବାଶିଷ ମହାନ୍ତି ସଭାପତିତ୍ୱ କରିଥିଲେ। ରାଜ୍ୟ ସଭାପତି ଦିଲୀପ ଧଳ, ରାଜ୍ୟ ମହିଳା ସଭାପତି ଆରତି ମଙ୍ଗରାଜ, ରାଜ୍ୟ ମିଡିଆ ସେକ୍ରେଟାରୀ ନିରୋଜ ଆଇଚ, ଭଦ୍ରକ ଜିଲା ସଭାପତି ରାଜୀବ ଲୋଚନ ରାୟ ପ୍ରମୁଖ ଯୋଗଦେଇ ସରକାରୀ ଓ ବେସରକାରୀସ୍ତରରେ ଲୋକଙ୍କ ମୌଳିକ ସମସ୍ୟା ସମାଧାନ ଉପରେ ଆଲୋକପାତ କରିଥିଲେ।

## ଆଗେଇପାରୁନି ବିକାଶମୂଳକ କାର୍ଯ୍ୟ

**ମାହାଙ୍ଗା, ୨୧।୧୧(ସ୍ୱ.ପ୍ର.)**

- ଅନୁଦାନ ମିଳିଛି, ଟଙ୍କା ଆସିନି
- ୨ୟ ପର୍ଯ୍ୟାୟ କାମ ଅଟକିଯାଇଛି

ରାଜ୍ୟ ଓ କେନ୍ଦ୍ର ସରକାର ଗ୍ରାମରେ ବିକାଶମୂଳକ କାର୍ଯ୍ୟପାଇଁ ବିଭିନ୍ନ ଯୋଜନାରେ କୋଟିକୋଟି ଟଙ୍କାର ପାଣ୍ଠି ଯୋଗାଇ ଦେଉଥିଲେ ମଧ୍ୟ ପ୍ରଶାସନର ଅବହେଳା ପାଇଁ ଉନ୍ନୟନମୂଳକ କାର୍ଯ୍ୟଗୁଡ଼ିକ ଆଗେଇ ପାରୁନାହିଁ। ମାହାଙ୍ଗା ବ୍ଲକରେ ପଞ୍ଚମ ରାଜ୍ୟ ଅର୍ଥ କମିଶନ(ଏସ୍‌ଏଫ୍‌ସି) ଓ ୧୫ ତମ କେନ୍ଦ୍ର ଅର୍ଥ କମିଶନ(ସିଏଫ୍‌ସି)ରେ ବିକାଶମୂଳକ କାର୍ଯ୍ୟପାଇଁ ଅନୁଦାନ ମିଳିଥିଲା। ଏହାପରେ ପ୍ରଥମ ପର୍ଯ୍ୟାୟରେ ଏମ୍‌ଜିଏନ୍‌ଆରଇଜିଏସ୍‌ରେ ଗୁହାଳ ଓ ରାସ୍ତାଘାଟର ନିର୍ମାଣ ଏବଂ ନବୀକରଣ କରାଯାଇଥିଲା। ମାତ୍ର ପ୍ରଶାସନ ପକ୍ଷରୁ ବିଲ ପୈଠ ହୋଇ ନ ଥିବାରୁ ୨ୟ ପର୍ଯ୍ୟାୟ କାମ ଅଟକିଯାଇଛି। ହିତାଧିକାରୀମାନେ ସେମାନଙ୍କ ପ୍ରାପ୍ୟ ପାଇନାହାନ୍ତି। ଏସବୁ ଫାଇଲ ମାସ ମାସ ଧରି ବ୍ଲକ କାର୍ଯ୍ୟାଳୟରେ ସହକାରୀ ଯନ୍ତ୍ରୀଙ୍କ ଟେବୁଲରେ ପଡ଼ିରହିଛି। ଏନେଇ ଜଳେଶ୍ୱରପୁର ପଞ୍ଚାୟତ ସମେତ ଅନେକ ପଞ୍ଚାୟତରେ ହିତାଧିକାରୀମାନେ ହଇରାଣ ହେଉଛନ୍ତି। ଏ ସମ୍ପର୍କରେ ସରପଞ୍ଚ ବିଜୟ କୁମାର ରାଉତ କହିଛନ୍ତି, ବ୍ଲକ ପ୍ରଶାସନ ଅର୍ଥ ପ୍ରଦାନରେ ବିଳମ୍ବ କରୁଥିବାରୁ ପଞ୍ଚାୟତବାସୀ ଅସୁବିଧା ଭୋଗୁଛନ୍ତି। ଦାୟିତ୍ୱରେ ଥିବା ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ବିଜୟ କୁମାର ମଲ୍ଲିକଙ୍କ କହିବାନୁଯାୟୀ, ଏମ୍‌ଜିଏନ୍‌ଆରଇଜିଏସ୍‌ରେ କାମ ପାଇ ଅନୁଦାନ ମିଳିଥିଲେ ମଧ୍ୟ ଏପର୍ଯ୍ୟନ୍ତ ଅର୍ଥ ମିଳିନାହିଁ। ଫଳରେ ଟଙ୍କା ଦେବାରେ ବିଳମ୍ବ ହେଉଛି। ଏବିଷୟରେ ସହକାରୀ ଯନ୍ତ୍ରୀ ସଂଗ୍ରାମ ପରିଡାଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ କୌଣସି ଉତ୍ତର ମିଳି ନ ଥିଲା। ପରେ ବିଡିଓ ନୀହାର ରଞ୍ଜନ ମଲ୍ଲିକଙ୍କୁ ମୋବାଇଲ୍‌ରେ ଯୋଗାଯୋଗ କରାଯାଇଥିଲା। ମାତ୍ର ସେ ଫୋନ ଉଠାଇ ନ ଥିଲେ। ବ୍ଲକ ପ୍ରଶାସନ ତୁରନ୍ତ ଅସମ୍ପୂର୍ଣ୍ଣ କାର୍ଯ୍ୟ ଶେଷ କରି ପ୍ରଥମ ପର୍ଯ୍ୟାୟ କାମର ଟଙ୍କା ହିତାଧିକାରୀମାନଙ୍କୁ ଯୋଗାଇଦେବାକୁ ସାଧାରଣରେ ଦାବି ହୋଇଛି।

## ଛାତ୍ରଙ୍କ ସ୍କୁଟି , ମୋବାଇଲ ଲୁଟ ଘଟଣା: ଯୁବକ ଗିରଫ

**ସାଲେପୁର,୨୧।୧୧(ଡି.ଏନ୍.ଏ.)**

ସାଲେପୁର ଥାନାର ମାଛୁଆତିଠାରେ ଶୁକ୍ରବାର ରାତିରେ ଯୁକ୍ତ ୩ ବିଜ୍ଞାନ ବିଭାଗର ଜଣେ ଛାତ୍ରଙ୍କଠାରୁ ୩ ଜଣ ଦୁର୍ବୃତ୍ତ ସ୍କୁଟି, ମୋବାଇଲ୍ ଓ ୨ ହଜାର ଟଙ୍କା ଲୁଟି ନେଇଥିଲେ। ଏହି ଘଟଣାରେ ରବିବାର ଜଣେ ଯୁବକଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ସେ ହେଲେ ମାଛୁଆତି ଗ୍ରାମର ସୂର୍ଯ୍ୟକାନ୍ତ ଆଚାର୍ଯ୍ୟ (୨୨)। ତାଙ୍କ ନିକଟରୁ ସ୍କୁଟି ଓ ମୋବାଇଲ ଫୋନ ଜବତ କରାଯାଇଛି। ସୂଚନାମୁତାବକ, ମାହାଙ୍ଗା ଥାନା ଭଉଁରିଆ ଅଞ୍ଚଳର କ୍ଷୀତିଶ୍ୱର ଦାସ ନାମକ ଛାତ୍ର ମାଛୁଆତିରେ ସାଙ୍ଗମାନଙ୍କ ସହ ଭଡ଼ା ଘରେ ରହୁଥିଲେ। ଘଟଣା ଦିନ ସେ କୋଚିଂ କ୍ଲାସ ସାରି ରାତି ପ୍ରାୟ ୯ଟାରେ ସ୍କୁଟି ଯୋଗେ ଭଡ଼ା ଘରକୁ ଯାଉଥିଲେ। ଏହି ସମୟରେ ଦୁର୍ବୃତ୍ତମାନେ ତାଙ୍କୁ ଅଟକାଇ ଲୁଟ୍ କରି ଫେରାର ହୋଇଯାଇଥିଲେ। ଏନେଇ କ୍ଷୀତିଶ୍ୱର ଥାନାରେ ଅଭିଯୋଗ କରିବା ପରେ ପୋଲିସ ମାମଲା (ନଂ. ୩୨୦/୨୧) ରୁଜୁ କରି ତଦନ୍ତ ଜାରି ରଖିଛି।


ଭୁବନେଶ୍ୱର ପାତ୍ରପଡ଼ାରେ ରହୁଥିବା ୧୬ବର୍ଷୀୟ ସୁମିତ କୁମାର ଦାଶ ଅଦରକାରୀ ସାମଗ୍ରୀକୁ ବ୍ୟବହାର କରି ଅଯୋଧ୍ୟା ରାମ ମନ୍ଦିର ଆକୃତିର କଳାକୃତି ନିର୍ମାଣ କରିଛନ୍ତି।

## ଅଦରକାରୀ ସାମଗ୍ରୀରେ ସୁନ୍ଦର କଳାକୃତି

**ଭୁବନେଶ୍ୱର,୨୧।୧୧ (ବ୍ୟୁରୋ)**

ଯେଉଁସବୁ ଜିନିଷ ଅନ୍ୟମାନଙ୍କ ପାଇଁ ଅଦରକାରୀ ମନେହୁଏ, ସେଇଥିରୁ ହିଁ ତାଙ୍କ ହାତର ଯାଦୁରୁ ସୃଷ୍ଟି ହୁଏ ସୁନ୍ଦର କଳାକୃତି। ଆଜିକାଲିର ପିଲା ମୋବାଇଲରେ ଅଯଥା ସମୟ ନଷ୍ଟ କରୁଥିବାବେଳେ ସେ କିନ୍ତୁ ଅଦରକାରୀ ଜିନିଷରୁ କିଛି ନୂଆ କରିବାକୁ ଦିନ ରାତି ଭାବି ବସନ୍ତି। କ'ଣ କରିବ ଭାବୁ ଭାବୁ ତିଆରି କରିପକାନ୍ତି କାହିଁ କେତେ ରଙ୍ଗୀନ, ଚିତ୍ତାକର୍ଷକ, ମନେଲୋଭା କଳାକୃତି। ଏଭଳି ଜଣେ ପ୍ରତିଭା ହେଉଛନ୍ତି ଭୁବନେଶ୍ୱରର ୧୬ବର୍ଷୀୟ ସୁମିତ୍ କୁମାର ଦାଶ। ବାପା ସରୋଜ କୁମାର ଦାଶ ଓ ମା' ସଙ୍ଗୀତାଙ୍କ ସହ ସୁମିତ୍ ପାତ୍ରପଡ଼ାରେ ରହୁଛନ୍ତି। ପିଲାବେଳୁ ତାଙ୍କର ଚିତ୍ରକଳା ସହ ଏଭଳି ପ୍ରତିଭା ବିଷୟରେ ଜଣାପଡିଥିଲା। ଘରର ବିଭିନ୍ନ ଅଦରକାରୀ ଓ ନଷ୍ଟ ହେଉଥିବା ଜିନିଷରେ ଖେଳୁଖେଳୁ କିଛିଗୋଟେ ତିଆରି କରିପକାନ୍ତି। ପଡୋଶୀ ଘରର ଜଣେ ଭାଇଙ୍କ ସହଯୋଗରେ ଅଧିକ କିଛି ଶିଖିବା ଆରମ୍ଭ କରିଥିଲେ। ମା' ସଙ୍ଗୀତା ତାଙ୍କୁ ଏ ଦିଗରେ ପ୍ରୋତ୍ସାହିତ କରିଥିଲେ। ପୁରୁଣା କାଗଜ, ଖବରକାଗଜ, ଅବ୍ୟବହୃତ ବୋତଲ, ବିଭିନ୍ନ ପ୍ଲାଷ୍ଟିକ ଡବାକୁ ନେଇ ସେ ବିଭିନ୍ନ ଘରୋପକରଣ ତିଆରି କରିଛନ୍ତି। ଏଥିସହ ଅଯୋଦ୍‌ଧ୍ୟା ରାମ ମନ୍ଦିର, ପୁରୀ ଶ୍ରୀ ଜଗନ୍ନାଥ ମନ୍ଦିର, କୋଣାର୍କର ସୂର୍ଯ୍ୟ ମନ୍ଦିର, ତାଜମହଲ ସହ ପଶୁ, ପକ୍ଷୀ ଓ ସୌଖୀନ ଜିନିଷ ତିଆରି କରିଛନ୍ତି। ସେ ଏହାକୁ ବିକ୍ରି ନ କରି ସାଙ୍ଗ ସାଥିଙ୍କୁ ଦେଇ ଉତ୍ସାହିତ କରିବା ସହ ନିଜେ ଖୁସି ହୁଅନ୍ତି। ଏଥିସହ ପଡ଼ୋଶୀମାନେ ଗିଫ୍ଟ ଓ ଘର ସଜାଇବାକୁ ତାଙ୍କଠାରୁ ଏସବୁ କଳାକୃତି ନେଇଥାନ୍ତି। ଏହାହିଁ ତାଙ୍କୁ ଆହୁରି ପ୍ରେରଣା ଦେଇଥାଏ। ଏସବୁ ତିଆରି ସମୟରେ ଥର୍ମୋକୁଲ୍ ବା ସୋଲ ବ୍ୟବହାରକୁ ସେ ସମ୍ପୂର୍ଣ୍ଣ ବାରଣ କରିଥାନ୍ତି। ସେ କୁହନ୍ତି, ସୋଲ ହଜରେ ମାଟିରେ ମିଶି ନ ଥାଏ। ନଷ୍ଟ ହୋଇପାରୁଥିବା ଅଦରକାରୀ ଜିନିଷକୁ ବ୍ୟବହାର କରିଥାନ୍ତି। ଲୋକମାନେ ଦେଖି ପ୍ରଶଂସା କରିବା ହିଁ ଖୁସି ଦେଇଥାଏ ବୋଲି ସେ କହିଛନ୍ତି।

## ଲୋଭ ଯୋଗୁ ଡାକ୍ତରୀ, ଆଇନ ପେସା ବଦନାମ ହେବାକୁ ବସିଛି

**କଟକ ଅଫିସ, ୨୧।୧୧**

ଏସ୍‌ସିବି ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲର ପ୍ଲାଟିନମ୍ ଜୁବୁଲି ତିନୋଟି ପର୍ଯ୍ୟାୟରେ ପାଳନ କରାଯାଉଛି। ଏହି ଅବସରରେ ଏସ୍‌ସିବି ମେଡିକାଲ କଲେଜର ପୁରୁଣା ଅଡିଟୋରିୟମରେ ରବିବାର ଅନୁଷ୍ଠିତ କାର୍ଯ୍ୟକ୍ରମରେ ସୁପ୍ରିମକୋର୍ଟର ଅବସରପ୍ରାପ୍ତ ବିଚାରପତି ଅରିଜିତ ପଶାୟତ ଯୋଗଦେଇ ଆଇନର ସଫଳ କାର୍ଯ୍ୟାନ୍ୱୟନ ପାଇଁ କିଭଳି ଡାକ୍ତରଙ୍କ ସହଯୋଗ ଅନିବାର୍ଯ୍ୟ ସେ ବିଷୟରେ ଆଲୋକପାତ କରିଥିଲେ। ମଣିପୁର ହାଇକୋର୍ଟର ଅବସରପ୍ରାପ୍ତ ମୁଖ୍ୟ ବିଚାରପତି ଲକ୍ଷ୍ମୀକାନ୍ତ ମହାପାତ୍ର ଯୋଗଦେଇ ଡାକ୍ତରୀ ଓ ଆଇନ ପେସା ମଧ୍ୟରେ ତୁଳନା କରିଥିଲେ। ଅତ୍ୟଧିକ ଲୋଭ ଯୋଗୁ ଏବେ ଡାକ୍ତରୀ ଓ ଆଇନ ପେସା ବଦନାମ ହେବା ପରିସ୍ଥିତି ସୃଷ୍ଟି ହୋଇଛି। ସେହିପରି ହାଇକୋର୍ଟ ବିଚାରପତି ଚିତ୍ତରଞ୍ଜନ ଦାସ କହିଥିଲେ, ଗରିବ ଲୋକଙ୍କୁ ମାଗଣାରେ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାରେ ଏସ୍‌ସିବି ମେଡିକାଲର ଅବଦାନ ଅତୁଳନୀୟ। ଆଡ୍‌ଭୋକେଟ ଜେନେରାଲ ଅଶୋକ ପରିଜା ଯୋଗଦେଇ ଏହି ଅନୁଷ୍ଠାନର ଗୌରବମୟ ଇତିହାସରେ ପ୍ଲାଟିନମ ଜୁବୁଲି ସ୍ମରଣୀୟ ମୁହୂର୍ତ୍ତ ହୋଇ ରହିବ ବୋଲି କହିଥିଲେ। ଭଲ ମଣିଷ ହେବା ଓ ପ୍ରତ୍ୟେକ ରୋଗୀ ପ୍ରତି ସମବେଦନା ରଖିବା ପାଇଁ ଡାକ୍ତରୀ ଛାତ୍ରୀଛାତ୍ରମାନଙ୍କୁ ସେ ପରାମର୍ଶ ଦେଇଥିଲେ। ପ୍ରଫେସର ସତ୍ୟନାରାୟଣ ରାଉତରାୟ, ଜ୍ୟୋତି ପଟ୍ଟନାୟକ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଡା. ପ୍ରଣତୀ ମହାନ୍ତି ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବହୁ ପ୍ରଫେସର, ଡାକ୍ତର, ଡାକ୍ତରୀ ଛାତ୍ରୀଛାତ୍ର ଓ ବୁଦ୍ଧିଜୀବୀ ଯୋଗଦେଇଥିଲେ।

## ଆନ୍ତଃ କ୍ରୀଡ଼ା ପ୍ରତିଯୋଗିତା

**କଟକ ଅଫିସ, ୨୧।୧୧**

ସ୍ଥାନୀୟ ଗୋରାକବର ପଡିଆଠାରେ ଉଡାନ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ରବିବାର ଆନ୍ତଃ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ୨୦୦ ଓ ୧୦୦ ମିଟର ଦୌଡ, ହାଇଜମ୍ପ, ଲଙ୍ଗ୍‌ଜମ୍ପ, ସାଇକେଲ ଚାଳନା, ଶଟ୍‌ପୁଟ୍ ଓ ସ୍କିପିଂ ଆଦି କ୍ରୀଡା ପ୍ରତିଯୋଗିତାର ଜୁନିୟର ଓ ସିନିୟର ବର୍ଗରେ ବସ୍ତି ଅଞ୍ଚଳର ୨୫୦ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କ୍ରାଇମବ୍ରାଞ୍ଚ ଆଇଜି ଅମିତେନ୍ଦ୍ର ନାଥ ସିହ୍ନା ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ସେହିପରି ସମ୍ମାନିତ ଅତିଥି ଭାବେ ଷଷ୍ଠ ବାଟାଲିୟନର କମାଣ୍ଡର ବିଜୟ କୁମାର ପ୍ରଧାନ ଓ ଜିଲା କ୍ରୀଡା ଅଧିକାରୀ ରଶ୍ମିରଞ୍ଜନ ସାମନ୍ତରାୟ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ବସ୍ତି ଅଞ୍ଚଳରେ ବାସ କରୁଥିବା ପିଲାଙ୍କ ସ୍ୱାସ୍ଥ୍ୟ ଓ ପ୍ରତିଭାର ବିକାଶ ହୋଇପାରିବ ବୋଲି ଟ୍ରଷ୍ଟର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଗୀତା ପାଣିଗ୍ରାହୀ କହିଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ଲଲାଟେନ୍ଦୁ ମିଶ୍ର, ଡ. ସୁଧୀର ଦାସ, ଡ. ନିରଜା ସାହୁଙ୍କ ସମେତ ଟ୍ରଷ୍ଟର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

## ପୋଲରୁ ବାଲି ସଫା କଲେ ସାମାଜିକ କର୍ମୀ

**କଣ୍ଟାପଡା,୨୧।୧୧ (ଡି.ଏନ୍.ଏ.)**



### ପ୍ରଶାସନ ଦୃଷ୍ଟିଦେଲାନି

କନ୍ଦଳ ନଦୀର କୂଳ ବ୍ରାହ୍ମଣସାଇଲୋରୁ ସାଧୁଛକକୁ ସଂଯୋଗ କରୁଥିବା ସେତୁ ଉପରେ ଜମି ରହିଥିବା ବାଲିକୁ ରବିବାର କେତେଜଣ ସାମାଜିକ କର୍ମୀ ସଫା କରିଥିଲେ। ମିଳିଥିବା ସୂଚନା ଅନୁଯାୟୀ, କନ୍ଦଳନଦୀରେ ଥିବା ବାଲିଘାଟରୁ ପ୍ରତିଦିନ ବହୁସଂଖ୍ୟକ ଟ୍ରକରେ ବାଲି ଚାଲାଣ ହେଉଛି। ଫଳରେ ଟ୍ରକରୁ ବାଲିଖସି ଉକ୍ତ ପୋଲ ଉପରେ ଜମି ରହିଥିଲା। ଉକ୍ତ ପୋଲ ଉପରେ ଦ୍ରୁତଗତିରେ ଗାଡି ଯାତାୟାତ କରିବାବେଳେ ଧୂଳି ଉଡିବାରୁ ପଥଚାରୀମାନେ ଅସୁବିଧାର ସମ୍ମୁଖୀନ ହେଉଥିଲେ। ହେଲେ ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେଇ ନ ଥିଲା। ଫଳରେ ପ୍ରତିଦିନ ମର୍ନିଂୱାକ କରୁଥିବା ବ୍ୟକ୍ତିଙ୍କ ସମେତ ସାମାଜିକ କର୍ମୀ ହେମନ୍ତ ବେହେରା, ସୁଧାଂଶୁ ମହାପାତ୍ର, ରଣଜିତ ରାଉତ, ପ୍ରମୋଦ ନାୟକ ପ୍ରମୁଖ ରବିବାର ଉକ୍ତ ପୋଲରୁ ବାଲି ସଫା କରିଥିଲେ। ପ୍ରଶାସନ ଉପରେ ନିର୍ଭର ନ କରି ପ୍ରତ୍ୟେକ ନାଗରିକ ଏଥିପ୍ରତି ଦୃଷ୍ଟି ଦେଲେ ସମସ୍ୟାର ସମାଧାନ ହୋଇପାରିବ ବୋଲି ବରିଷ୍ଠ ନାଗରିକ ବିନୋଦ କୁମାର ଆଚାର୍ଯ୍ୟ କହିଛନ୍ତି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ରଶ୍ମି ରଞ୍ଜନ


@ ଆଲୋକ


@ ନିଲୁ


@ ଦେବସ୍ମିତା


@ ସୁଶାନ୍ତ


@ ଅସିଥ

## ୱେଲ୍ଡିଂବେଳେ ବାଇକ ଜଳିଗଲା

**ନିଆଳି,୨୧।୧୧(ଡି.ଏନ.ଏ.):** ନିଆଳି ଥାନା ଅଧୀନ ବାହାରଣା ଗଳିରେ ଥିବା ଏକ ଦୋକାନରେ ରବିବାର ବାଇକ ୱେଲ୍ଡିଂବେଳେ ଜଳିଯାଇଛି। ସ୍ଥାନୀୟ ଓଳାଂସ ଗ୍ରାମର ବାପି ଭୋଇଙ୍କ ବାଇକକୁ ଉକ୍ତ ଦୋକାନର ଜଣେ ମେକାନିକ ୱେଲ୍ଡିଂ କରୁଥିବାବେଳେ ହଠାତ୍ ନିଆଁ ଲାଗିଯାଇଥିଲା। ଖବରପାଇ ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିବା ପାଇଁ ଉଦ୍ୟମ କରିବାବେଳେ ବାଇକ୍‌ଟି ସମ୍ପୂର୍ଣ୍ଣ ଜଳିଯାଇଥିଲା।


ରାଜ୍ୟସ୍ତରୀୟ ପ୍ରତିଯୋଗିତା ପାଇଁ ରବିବାର ପୁରୀସ୍ଥିତ ସଦାଶିବ ସଂସ୍କୃତ ମହାବିଦ୍ୟାଳୟ ପରିସରରେ ପୁରୀ ଜିଲା କବାଡ଼ି ସିନିୟର ପୁରୁଷ ଓ ମହିଳା ଖେଳାଳି ଚୟନ ଶିବିରରେ ଯୋଗ ଦେଇଥିବା ଖେଳାଳିମାନେ।


ଶ୍ରୀମନ୍ଦିର ନିକଟରେ ମହାଯଜ୍ଞ ପାଇଁ ରବିବାର ଶ୍ରୀନଅରରେ ଗଜପତି ମହାରାଜାଙ୍କ ଦ୍ୱାରା ଗୁଆଟେକା ନୀତି ସମ୍ପନ୍ନ କରାଯାଉଛି।


ପୁରୀ ବିଜେଡି ପକ୍ଷରୁ ପୂର୍ବତନ ବିଧାୟକ ମହେଶ୍ୱର ମହାନ୍ତିଙ୍କ ବାସଭବନରେ ରବିବାର ଆୟୋଜିତ ମିଶ୍ରଣ ପର୍ବ।

## ସଂକ୍ଷେପରେ

### ୨୪ରୁ ବାରିଷ୍ଟର ରଣଜିତ ମହାନ୍ତି ଅଲ୍ ଓଡ଼ିଶା ଆଡ୍‌ଭୋକେଟ୍‌ସ କ୍ରିକେଟ ଟୁର୍ନାମେଣ୍ଟ

**କଟକ ଅଫିସ,୨୧।୧୧ :** ବାରିଷ୍ଟର ରଣଜିତ ମହାନ୍ତି ଅଲ୍ ଓଡ଼ିଶା ଆଡ୍‌ଭୋକେଟ୍‌ସ କ୍ରିକେଟ ଟୁର୍ନାମେଣ୍ଟ ଆସନ୍ତା ୨୪ରୁ ଆରମ୍ଭ ହେବ। ସ୍ଥାନୀୟ ସନ୍‌ସାଇନ୍ ଫିଲ୍ଡରେ ୨୮ତାରିଖ ପର୍ଯ୍ୟନ୍ତ ଏହା ଚାଲିବ। ୨୦-୨୦ ଫର୍ମାଟରେ ଅନୁଷ୍ଠିତ ହେବାକୁ ଥିବା ଏହି ଟୁର୍ନାମେଣ୍ଟରେ ରାଜ୍ୟର ବିଭିନ୍ନ ସ୍ଥାନର ୧୦ଟି ବାର୍ ଆସୋସିଏଶନର ଆଇନଜୀବୀ ଭାଗ ନେବେ। ଏନେଇ କଟକ ବୋର୍ଡ ଅଫ ରେଭିନ୍ୟୁ ବାର୍ ଆସୋସିଏଶନଠାରେ ରବିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଆସୋସିଏଶନର ସଭାପତି ଦେବାଶିଷ ପାଣିଗ୍ରାହୀ ଓ ସମ୍ପାଦକ ଜ୍ଞାନେନ୍ଦ୍ର ପରିଡା ସୂଚନା ଦେଇଛନ୍ତି। ଏହି ଅବସରରେ ସମସ୍ତ ଟିମ୍‌ର ପ୍ରତିନିଧିଙ୍କ ଉପସ୍ଥିତିରେ ବିଭିନ୍ନ ଟିମ୍‌ର ଜର୍ସି ଉନ୍ମୋଚିତ ହୋଇଥିଲା।

### କୂଅରେ ପଡ଼ି ନାବାଳକ ମୃତ

**ଜଟଣୀ,୨୧।୧୧(ଡି.ଏନ୍.ଏ.):** ଜଟଣୀ ପୌରାଞ୍ଚଳ ଗଜପତି ନଗରରେ ରବିବାର ଏକ ଦୁଃଖଦ ଘଟଣା ଘଟିଛି। ଗୁଡ଼ି ଉଡ଼ାଉଥିବା ବେଳେ ଅସାବଧାନତାରୁ ଛାତରୁ ଖସିପଡ଼ି କୂଅରେ ପଡ଼ି ଜଣେ ନାବାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଆର୍ ଲକ୍ଷ୍ମୀନାରାୟଣ ରାଓଙ୍କ ୧୪ବର୍ଷର ପୁଅ ଆର ଇଶ୍ୱର ରାଓ। ଇଶ୍ୱର ସାଙ୍ଗମାନଙ୍କ ସହ ଗୁଡି ଉଡ଼ାଉ ଥିଲେ। ଅସାବଧାନତାରୁ ଛାତରୁ ଇଶ୍ୱରଙ୍କ ଗୋଡ଼ ଖସିଯିବାରୁ ତଳେ ଥିବା କୂଅରେ ପଡ଼ିଯାଇଥିଲେ। ଖବରପାଇ ଅଗ୍ନିଶମ କର୍ମଚାରୀ ଇଶ୍ୱରଙ୍କୁ ଉଦ୍ଧାର କରି ଜଟଣୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ।

### ଆନ୍ଦୋଳନ ଅପେକ୍ଷା ଆଲୋଚନାକୁ ଗୁରୁତ୍ୱ ଦେଲେ ଦୀର୍ଘସୂତ୍ରୀ ପନ୍ଥା ବାହାରିପାରିବ

**ଭୁବନେଶ୍ୱର, ୨୧।୧୧ (ବ୍ୟୁରୋ):** ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଏବଂ ସାମାଜିକ ଅନୁଷ୍ଠାନ ଅନନ୍ୟା ପକ୍ଷରୁ ଓୟୁଏଟିର ସ୍ୱାମୀନାଥନ୍ ସଭାଗୃହରେ 'ସମନ୍ୱିତ କୃଷି ପଦ୍ଧତି ଓ ନିରନ୍ତର ଜୀବିକା ବିକାଶ ମାଧ୍ୟମରେ ଚାଷୀଙ୍କ ଦ୍ୱିଗୁଣିତ ଆୟ' ଶୀର୍ଷକ ଷଷ୍ଠ ଜାତୀୟ ସମ୍ମାନ ରବିବାର ଅନୁଷ୍ଠିତ ହୋଇଥିଲା। କେନ୍ଦ୍ର ସରକାରଙ୍କ ମତ୍ସ୍ୟ, ପଶୁ ସମ୍ପଦ ଓ ଦୁଗ୍ଧ ଉତ୍ପାଦନ ବିକାଶ ମନ୍ତ୍ରୀ ପୁରୁଷୋତ୍ତମ ରୂପାଲା କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି କହିଲେ, କୃଷି ଓ କୃଷକଙ୍କର ସାମ୍ପ୍ରତିକ ସମସ୍ୟା ଓ ଏହାର ସମାଧାନର ସୂତ୍ର ପାଇଁ ସମାଜର ସବୁ ବର୍ଗର ଲୋକଙ୍କ ସହଭାଗିତା ଆବଶ୍ୟକ। ସମାଧାନ ପାଇଁ ଆନ୍ଦୋଳନ ଅପେକ୍ଷା ଆଲୋଚନାକୁ ଅଧିକ ଗୁରୁତ୍ୱ ଦିଆଗଲେ ଦୀର୍ଘସୂତ୍ରୀ ପନ୍ଥା ବାହାରିପାରିବ ବୋଲି ସେ ମତ ଦେଇଥିଲେ। ଅନନ୍ୟାର କାର୍ଯ୍ୟ ନିର୍ବାହୀ ସମ୍ପାଦକ ସୁକାନ୍ତ କୁମାର ପାଣିଗ୍ରାହୀ ବିଗତ ଏକ ଦଶନ୍ଧି ଧରି କୃଷି ଓ କୃଷକଙ୍କ ସମସ୍ୟାକୁ ସରକାରଙ୍କ ନିକଟରେ ପହଞ୍ଚାଇବା ଓ ଏହାର ସମାଧାନ ପାଇଁ କରାଯାଇଥିବା ଉଦ୍ୟମ ସମ୍ପର୍କରେ କହିଥିଲେ। ଓୟୁଏଟି କୁଳପତି ଡ. ପବନ କୁମାର ଅଗ୍ରୱାଲ ସ୍ୱାଗତ ଭାଷଣ ଦେଇ ଦେଶରେ କୃଷି ଓ କୃଷକମାନଙ୍କ ଆୟ ବୃଦ୍ଧିରେ ଓୟୁଏଟିର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିବା କହିଥିଲେ। ଏହି ଅବସରରେ ସମନ୍ୱିତ କୃଷି ପଦ୍ଧତି ମାଧ୍ୟମରେ ଗ୍ରାମୀଣ ଯୁବକ, ମହିଳା ଓ ଚାଷୀମାନଙ୍କୁ ଆର୍ଥିକ ସ୍ୱାବଲମ୍ବୀ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିବା ରାଜ୍ୟର ୬ଜଣ ବ୍ୟକ୍ତିବିଶେଷ, ଅନୁଷ୍ଠାନ ଓ ଚାଷୀ ସଂଗଠନଗୁଡିକର ପ୍ରତିନିଧିଙ୍କୁ ସମ୍ମାନିତ କରାଯାଇଥିଲା। ସଂଗଠନ ଉପଦେଷ୍ଟା ପ୍ରଦୀପ କୁମାର ସାହୁ ଧନ୍ୟବାଦ ଦେଇଥିଲେ।

# ସ୍ଥିତି ହରାଉଛି 'ହାବସ୍‌ପୁରୀ' ହସ୍ତତନ୍ତ

## ଜିଆଇ ମାନ୍ୟତା ପରେ ବି ଅବହେଳା







**ଭୁବନେଶ୍ୱର, ୨୧।୧୧**
**ବନ୍ଦନା ସେଠୀ**

ଓଡ଼ିଶାର କଳା, ସଂସ୍କୃତି ଓ ପରମ୍ପରା ସହିତ ସମୃଦ୍ଧ ହସ୍ତତନ୍ତ ବିଶ୍ୱ ବଜାରରେ ରାଜ୍ୟର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ସମ୍ବଲପୁରୀ, ମାଣିଆବନ୍ଧ ହସ୍ତତନ୍ତ ସ୍ୱତନ୍ତ୍ର ବ୍ରାଣ୍ଡରେ ପରିଣତ ହୋଇଥିବାବେଳେ ୨୦୧୨ରେ ଜିଆଇ ମାନ୍ୟତା ପାଇଥିବା କଳାହାଣ୍ଡିର ପ୍ରସିଦ୍ଧ ହସ୍ତତନ୍ତ 'ହାବସ୍‌ପୁରୀ' ମଧ୍ୟ ଆଉଏକ ସୁଯୋଗ ସୃଷ୍ଟି କରିବାର ସମ୍ଭାବନା ଦେଖାଇଛି। ଏହାର ସ୍ୱତନ୍ତ୍ର ଡିଜାଇନ୍ ବେଶ୍ ଆକର୍ଷଣୀୟ ରହିଥିବାବେଳେ ମାନ ମଧ୍ୟ ସବୁଠୁ ଭିନ୍ନ ରହିଛି। ବୁଣାକାରଙ୍କ ହାତର ନିଖୁଣତା ଏଥିରେ ବାରି ହୋଇପଡୁଛି। ମାଛ, ଫୁଲ, କୁମ୍ଭ, କଇଁଛ ଆଦି ଚିତ୍ରକୁ ଅତି ସୂକ୍ଷ୍ମ ଭାବେ ଶାଢ଼ିରେ ବୁଣା ଯାଇଥାଏ। ଏଥିରେ ଉଭୟ କଟନ ଓ ପାଟ ଶାଢ଼ି ପ୍ରସ୍ତୁତ ହୋଇଥାଏ। କଟନ୍ ଶାଢ଼ିର ଦାମ୍ ୪ହଜାରରୁ ଆରମ୍ଭ ହେଉଥିବାବେଳେ ପାଟଗୁଡିକ ୮ରୁ ୧୦ ହଜାରରୁ ଆରମ୍ଭ ହେଉଛି। ବର୍ତ୍ତମାନ ବିଶ୍ୱ ଦରବାରରେ ଓଡ଼ିଶା ବାନ୍ଧକଳାର ଚାହିଦା ଅଧିକ ରହୁଛି। ତେଣୁ ଏହି କାରିଗରଙ୍କୁ ପ୍ରଶିକ୍ଷଣ ଓ ଉପଯୁକ୍ତ ବଜାର ମିଳିପାରିଲେ ହାବସ୍‌ପୁରୀ ଶାଢ଼ି ମଧ୍ୟ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ପାରିବ। ହେଲେ ପ୍ରଚାର, ପ୍ରସାର, ବଜାର ତଥା ପ୍ରୋତ୍ସାହନ ନ ଥିବାରୁ ଧୀରେ ଧୀରେ 'ହାବସ୍‌ପୁରୀ' ନିଜର ସ୍ଥିତି ହରାଇବାକୁ ବସିଛି। ୨୦୧୬-୧୭ ଆର୍ଥିକ ବର୍ଷରେ ହାବସପୁରୀ ଶାଢ଼ି ଓ କପଡ଼ା ଉତ୍ପାଦନର ଉତ୍ପାଦନ ମୂଲ୍ୟ ୨୮.୫୫ଲକ୍ଷ ଟଙ୍କା ଥିବାବେଳେ ୨୦୧୮-୧୯ ବେଳକୁ ଏହା ୧୮.୮୯ ଲକ୍ଷ ଟଙ୍କାକୁ ଖସି ଆସିଥିଲା। ଏବେ ଯେଉଁ ଅନୁପାତରେ ବିକ୍ରି ହେବା କଥା ତାହା ହେଉ ନ ଥିବାରୁ ବୁଣାକାରଙ୍କ ମନ ମଧ୍ୟ ଭାଙ୍ଗିଯାଉଛି। ଗୋଟେ ପଟେ ବୁଣାକାରମାନେ ସରକାରଙ୍କୁ ଦୋଷାରୋପ କରୁଥିବାବେଳେ ଅନ୍ୟପଟେ ଏଥିପାଇଁ ବୁଣାକାରମାନେ ନିଜେ ଦାୟୀ ବୋଲି ହସ୍ତତନ୍ତ ବିଭାଗ ପକ୍ଷରୁ କୁହାଯାଉଛି।

### ବଞ୍ଚାଇ ରଖିବାକୁ ପ୍ରଚେଷ୍ଟା

କଳାହାଣ୍ଡି ଜିଲାର ହାବସ୍‌ପୁରୀ ଗ୍ରାମରେ କନ୍ଧ ସମ୍ପ୍ରଦାୟର ବୁଣାକାରଙ୍କ ଦ୍ୱାରା ପ୍ରଥମକରି ଏହି ଶାଢ଼ି ବୁଣାଯାଇଥିଲା। ଗାଁର ନାମ ଅନୁଯାୟୀ ଶାଢ଼ିର ନାମକରଣ ହାବସପୁରୀ ହୋଇଥିଲା। ତେବେ ଏବେ ସେହି ଗାଁରେ ଆଉ ଏହି ଶାଢ଼ି ବୁଣା ହେଉନାହିଁ। ସମୟ ବଦଳିବା ସହିତ ବୁଣାକାରଙ୍କ ମନରେ ଆଉ ଏଥିପ୍ରତି ଆଗ୍ରହ ନାହିଁ। ଏହାକୁ ଜୀବିକା କରିବା ଅପେକ୍ଷା ଚାଷ, ନିର୍ମାଣ କାର୍ଯ୍ୟ, କ୍ଷୁଦ୍ର ବ୍ୟବସାୟ ଓ ଦାଦନ ଖଟିବାକୁ ବାହାରକୁ ଯିବାକୁ ଯୁବପିଢ଼ି ଅଧିକ ପସନ୍ଦ କରୁଛନ୍ତି। ଜିଲାର ଚିଚେଇଗୁଡା ଓ ଅନ୍ୟ ତେତେକ ଗ୍ରାମରେ କେତେଜଣ ବୁଣାକାର ଏବେ ଏହି ହସ୍ତତନ୍ତକୁ ବଞ୍ଚାଇ ରଖିବାକୁ ପ୍ରଚେଷ୍ଟା କରୁଛନ୍ତି। ସେମାନଙ୍କ ପରେ ଏହି କଳା ସମ୍ପୂର୍ଣ୍ଣ ବୁଡ଼ିଯିବ ବୋଲି ଆଶଙ୍କା କରାଯାଉଛି।

### ସରକାରୀ ପ୍ରୋତ୍ସାହନ ମିଳୁନି



ରାଜ୍ୟ ତଥା ବାହାରେ ହାବସପୁରୀ ଶାଢ଼ିର ଚାହିଦା ରହିଛି। ବଜାର, ସରକାରୀ ପ୍ରୋତ୍ସାହନ ନ ଥିବାରୁ ଉଚିତ ପ୍ରାପ୍ୟ ମିଳିପାରୁନି। ଯୁବପିଢ଼ିମଧ୍ୟ ଏଥିପ୍ରତି ମନ ବଳାଉ ନାହାନ୍ତି। ଗାଁରେ ପ୍ରାୟ ୬ରୁ ୭ଟି ପରିବାର ଏବେ ଶାଢ଼ି ବୁଣୁଛନ୍ତି। ଗୋଟିଏ ଶାଢ଼ି ବୁଣିବାକୁ ପ୍ରାୟ ୪ରୁ ୫ଦିନ ଲାଗୁଛି। ସରକାରୀ ସ୍ତରରେ ବିକ୍ରିବଟା ପାଇଁ ବ୍ୟବସ୍ଥା ନ ଥିବାରୁ ନିଜ ଚେଷ୍ଟାରେ ମୁଁ ଶାଢ଼ି ବିକ୍ରି କରୁଛି।

-ଜଳନ୍ଧର ମେହେର, ବୁଣାକାର

### ପ୍ରଶିକ୍ଷଣ ପାଇଁ କଳାହାଣ୍ଡିରେ ୱାର୍କଶପ୍ କରିବି



କଳାହାଣ୍ଡିର ଏହା ବହୁ ପୁରାତନ କଳା। ସମ୍ବଲପୁରୀ ବସ୍ତ୍ରକୁ ଯେପରି ମଡର୍ନ ଲୁକ୍ ଦେଇ ବିଭିନ୍ନ ଫ୍ୟାଶନ ଶୋ'ରେ ପ୍ରଦର୍ଶନ କରାଯାଉଛି, ହାବସପୁରୀକୁ ମଧ୍ୟ ସେପରି ବିଶ୍ୱ ବଜାରରେ ବ୍ରାଣ୍ଡିଂ କରାଯାଇପାରିବ। ଏହାଦ୍ୱାରା ଓଡ଼ିଶାର ଗୌରବରେ ଆଉ ଏକ ଫର୍ଦ୍ଦ ଯୋଡ଼ିହେବ। ଏ ନେଇ ପ୍ରଶିକ୍ଷିତ ବୁଣାକାରଙ୍କୁ ଡାକି ନୂତନ ବୁଣାକାରଙ୍କୁ ପ୍ରଶିକ୍ଷଣ ଦେବାପାଇଁ ଯୋଜନା କରିଛି। ଖୁବ୍‌ଶୀଘ୍ର ୨/୩ଟି ସଂସ୍ଥା ସହିତ ମିଶି ସରକାରଙ୍କ ନିକଟରେ ଏ ନେଇ ପ୍ରସ୍ତାବ ରଖିବି। କଳାହାଣ୍ଡିରେ ଏକ ୱାର୍କଶପ୍ ମଧ କରିବାକୁ ଚେଷ୍ଟା କରୁଛି। ହାବସ୍‌ପୁରୀକୁ କିପରି ଅନ୍ତର୍ଜାତୀୟସ୍ତରରେପହଞ୍ଚାଯାଇପାରିବଓଏହାରସ୍ୱତନ୍ତ୍ରତାବଢ଼ିବସେଥିପାଇଁକାମକରିବି।

**-ସୁଜିତ୍ ମେହେର, ଫ୍ୟାଶନ ଡିଜାଇନର**

### ବୟନିକା ଶାଢ଼ୀ ଖୋଜୁଛି, ମାର୍କେଟରେ ନାହିଁ



ହାବସ୍‌ପୁରୀର ମାର୍କେଟିଂ ଭଲ ଅଛି। ମାତ୍ର ନୂଆ ବୁଣାକାରମାନେ ଏଥିପାଇଁ ଆଗ୍ରହ ଦେଖାଉ ନାହାନ୍ତି। ଯେତିକି ବୁଣା ହେଉଛି ତାହା ବିକ୍ରି ହେଉଛି। ବୟନଶିଳ୍ପ ଏବଂ ହସ୍ତତନ୍ତ ବିଭାଗ ପକ୍ଷରୁ ଚିଚେଇଗୁଡା, ଜୁନାଗଡ, ନେହେରୁନଗର ଆଦି ଅଞ୍ଚଳରେ ବହୁବାର ପ୍ରଶିକ୍ଷଣ ଶିବିର ହୋଇଥିଲେ ମଧ ଲୋକେ ଆସୁ ନାହାନ୍ତି। ଷ୍ଟାଇପେଣ୍ଡ୍ ନେଇ ଘରେ ବସୁଛନ୍ତି। ରାଜ୍ୟ ସରକାରଙ୍କ ସଂସ୍ଥା ବୟନିକା ଏହି ଶାଢ଼ି ନେବାକୁ ଆଗ୍ରହୀ। ମାତ୍ର ମାର୍କେଟରେ ଶାଢ଼ି ନାହିଁ। ସେହିପରି ଅନ୍‌ଲାଇନ ମାଧ୍ୟମରେ ମଧ ଜଣେ ଏହି ଶାଢ଼ି କିଣି ପାରିବ। ତେବେ ଲୋକମାନେ ନିଜର କୌଳିକ ବୃତ୍ତିକୁ ଛାଡି ଦାଦନ ଖଟିବାକୁ ଯାଉଛନ୍ତି। ଲୋକମାନେ କେବଳ ଅଭିଯୋଗ କଲେ ହେବ ନାହିଁ।

**-ଇନ୍ଦ୍ରମଣି କାଣ୍ଡି, ଡେପୁଟି ଡାଇରେକ୍ଟର,**
**ବୟନଶିଳ୍ପ ନିର୍ଦ୍ଦେଶାଳୟ, ଓଡ଼ିଶା**

## ସାବରମତି ପୁନଃନିର୍ମାଣକୁ ବିରୋଧ

**ଭୁବନେଶ୍ୱର,୨୧।୧୧(ବ୍ୟୁରୋ)**

ଗାନ୍ଧିଜୀଙ୍କ ସାବରମତି ଆଶ୍ରମକୁ ଦିଆଯିବ ଏକ ନୂଆ ରୂପ। ୭ ତାରକା ପର୍ଯ୍ୟଟନସ୍ଥଳୀରେ ପରିଣତ କରିବାକୁ ୧୨୪୬ କୋଟି ଖର୍ଚ୍ଚ କରିବେ ଭାରତ ଓ ଗୁଜରାଟ ସରକାର। ଏହି ପ୍ରକଳ୍ପକୁ ଗାନ୍ଧିବାଦୀମାନେ, ବିଭିନ୍ନ ରାଜନୈତିକ ଦଳ ଓ ଗାନ୍ଧିଜୀଙ୍କ ବିଚାରଧାରାରେ ବିଶ୍ୱାସ ରଖୁଥିବା ଯୁବ, ଛାତ୍ର, ମହିଳା ସଂଗଠନଗୁଡ଼ିକ ଏହି ପ୍ରକଳ୍ପକୁ ବିରୋଧ କରୁଛନ୍ତି। ଏ ନେଇ ଗତ ୧୭ରୁ ୨୪ ତାରିଖ ଯାଏ ସଭା, ଶୋଭାଯାତ୍ରା ମାଧ୍ୟମରେ ପ୍ରତିବାଦ କରାଯାଉଛି। ଓଡ଼ିଶାରେ ମଧ ତୀବ୍ର ବିରୋଧ ଆରମ୍ଭ ହୋଇଛି। ପ୍ରକଳ୍ପ ବନ୍ଦ ପାଇଁ ଗାନ୍ଧିବାଦୀ ପ୍ରଫେସର ଡ. ଭଗବାନ ପ୍ରକାଶଙ୍କ ନେତୃତ୍ୱରେ ଗୌରାଙ୍ଗ ମହାପାତ୍ର ଓ ରବି ବେହେରା ପ୍ରମୁଖ ଗତ ୩୦ ତାରିଖରେ ରାଜ୍ୟପାଳ, ପ୍ରଧାନମନ୍ତ୍ରୀ ଏବଂ ରାଷ୍ଟ୍ରପତିଙ୍କୁ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ସାବରମତୀ ପୁନଃନିର୍ମାଣ ପ୍ରକଳ୍ପକୁ ବନ୍ଦ କରି ଏହି ଟଙ୍କାରେ ବେକାର ଯୁବକ ଯୁବତୀଙ୍କ ପାଇଁ କର୍ମନିଯୁକ୍ତି ସୃଷ୍ଟି କରାଯାଉ, ଦେଶର ୭୫ବର୍ଷ ସ୍ୱାଧୀନତା ପୂର୍ତ୍ତି ପାଳନ ଅବସରରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରସ୍ତାବିତ 'ଅହିଂସା'କୁ ସମ୍ବିଧାନର ମୁଖବନ୍ଧରେ ସ୍ଥାନିତ କରିବା ପାଇଁ ପାର୍ଲାମେଣ୍ଟରେ ସମ୍ବିଧାନ ସଂଶୋଧନ କରିବା ପାଇଁ ପଦକ୍ଷେପ ଗ୍ରହଣ କରାଯାଉ ଆଦି ଦାବି ରହିଛି। ଆଗାମୀ ୨୯ ତାରିଖରୁ ପାର୍ଲାମେଣ୍ଟ ଅଧିବେଶନ ଥିବାରୁ ରାଜ୍ୟର ସମସ୍ତ ଏମ୍‌ପି ଓ ବିଭିନ୍ନ ରାଜନୈତିକ ଦଳର ନେତୃବୃନ୍ଦ ଏହି ବିଷୟରେ ସ୍ୱର ଉତ୍ତୋଳନ କରିବାକୁ ସେମାନେ ଅନୁରୋଧ କରିଛନ୍ତି।

## ଅନ୍ତର୍ଜାତୀୟ ମଞ୍ଚରେ ପ୍ରିୟାଂଶୀଙ୍କ ସମ୍ବଲପୁରୀ ନୃତ୍ୟ

**ଭୁବନେଶ୍ୱର,୨୧।୧୧(ବ୍ୟୁରୋ)**

ଓଡ଼ିଆ ଝିଅ ପ୍ରିୟାଂଶୀ ରାଜ୍ୟ ପାଇଁ ଆଣିଲେ ଗୌରବ। ଅନ୍ତର୍ଜାତୀୟ ସ୍ତରରେ ସମ୍ବଲପୁରୀ ନୃତ୍ୟ ପରିବେଷଣ କରି




ବେଶ୍ ପ୍ରଶଂସା ସାଉଣ୍ଟିଛନ୍ତି। ନୂଆଦିଲ୍ଲୀ ଆନ୍ଧ୍ର ଆସୋସିଏଶନ ଲୋଧିରୋଡ଼ସ୍ଥିତ ଗୋଦାବରୀ ଅଡିଟୋରିୟମରେ ନଭେମ୍ବର୧୩ରୁ ଅନ୍ତର୍ଜାତୀୟ ଟ୍ୟାଲେଣ୍ଟ ହଣ୍ଟ କାର୍ଯ୍ୟକ୍ରମ 3iii ଇଣ୍ଟରନ୍ୟାଶନାଲ ଇଣ୍ଡିଆନ ଆଇକନ୍ ଅନୁଷ୍ଠିତ ହୋଇଥିଲା। ବିଭିନ୍ନ ରାଜ୍ୟରୁ ପ୍ରାୟ ୬୪୦୦ପିଲା ଭାଗ ନେଇଥିଲେ। ସେଥିମଧ୍ୟରୁ ୧୫ଜଣ ପିଲା ଫାଇନାଲ ରାଉଣ୍ଡକୁ ମନୋନୀତ ହୋଇଥିଲେ। ଓଡ଼ିଶାର ପ୍ରତିଭା ପ୍ରିୟାଂଶୀ ସେମାନଙ୍କ ମଧ୍ୟରେ ସ୍ଥାନ ପାଇଥିଲେ। ସେ ଭୁବନେଶ୍ୱର ଏସ୍.ଜେ ଡ୍ୟାନ୍ସ ଏକାଡେମୀରେ ନୃତ୍ୟ ଶିଖୁଥିଲେ। ଓଡ଼ିଶାର ଲୋକନୃତ୍ୟ ସମ୍ବଲପୁରୀକୁ ସେ ଅତି ନିଖୁଣ ଭାବରେ ମଞ୍ଚରେ ପରିବେଷଣ କରି ସମସ୍ତଙ୍କ ମନ ମୋହିଥିଲେ।



କଟକ ରାଣୀହାଟସ୍ଥିତ ପୁରାତନ ହିନ୍ଦ୍ ସିନେମା ହଲ ଭଙ୍ଗାଯିବା ପାଇଁ ଘୋଷଣା ହେବା ପରେ ଆସବାବପତ୍ର ଓ ବିଭିନ୍ନ ସାମଗ୍ରୀ କାଢି ନିଆଯାଉଛି।

## 'ଘରର ବଡ଼ ଲୋକଙ୍କ ଉପଦେଶ ମାନ'

**ଭୁବନେଶ୍ୱର,୨୧।୧୧ (ବ୍ୟୁରୋ)**

ଓଡିଶା ଅବସରପ୍ରାପ୍ତ ପୋଲିସ ପଦାଧିକାରୀ କଲ୍ୟାଣ ସମିତି ପକ୍ଷରୁ ୭ମ ବାଟାଲିୟନ ହାଇସ୍କୁଲ ପରିସରରେ 'ଜେଜେଙ୍କ ଯତ୍ନ' ଉପରେ ହୋଇଥିବା ପ୍ରତିଯୋଗିତାର ପୁରସ୍କାର ବିତରଣ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମିତି ସଭାପତି ସୂର୍ଯ୍ୟମଣି ତ୍ରିପାଠୀ ସଭାପତିତ୍ୱ କରିଥିଲେ। ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରାଧ୍ୟାପକ ଗୋପାଳ କୃଷ୍ଣ ନନ୍ଦ ଯୋଗଦେଇ ଘରର ବଡ ଲୋକଙ୍କ ଉପଦେଶ ମାନିବାକୁ ପିଲାମାନଙ୍କୁ ପରାମର୍ଶ ଦେଇଥିଲେ। ମୁଖ୍ୟ ଅତିଥି ବିଜୟ କୁମାର ସାହୁ, ସମ୍ମାନିତ ଅତିଥି ଭାବେ ପ୍ରଧାନ ଶିକ୍ଷକ ବୈଦ୍ୟନାଥ ନାୟକ ଛାତ୍ରୀଛାତ୍ରମାନେ ଶୃଙ୍ଖଳିତ ଜୀବନ ଅତିବାହିତ କରିବା ସହ ବରିଷ୍ଠ ନାଗରିକଙ୍କ ସେବା କରିବାକୁ କହିଥିଲେ। ସମିତିର ମୁଖ୍ୟ ପରାମର୍ଶଦାତା ଅବସରପ୍ରାପ୍ତ ବରିଷ୍ଠ ପୋଲିସ ଅଧିକାରୀ ଶରତ ଚନ୍ଦ୍ର ମିଶ୍ରଙ୍କ ଦ୍ୱାରା ଲିଖିତ ଆତ୍ମଜୀବନୀ 'ଅପରାହ୍ନର ମୁହଁ-ପୋଲିସ ଚାକିରିରେ ୩୬ ବର୍ଷ' ପୁସ୍ତକକୁ କୃତି ଛାତ୍ରୀଛାତ୍ରଙ୍କୁ ପୁରସ୍କାର ସ୍ୱରୂପ ପ୍ରଦାନ କରାଯାଇଥିଲା। ସମିତିର ସମ୍ପାଦକ ନୀଳମୋହନ ତ୍ରିପାଠୀ ଧନ୍ୟବାଦ ଦେଇଥିଲେ। ସମିତି ସଭ୍ୟ ସୁରେଶ ସାମଲ, କେଶବ ଚନ୍ଦ୍ର ମହାପାତ୍ର, ନିହାର ଦାଶ, ଶରତ କୁମାର ସାହୁ, ସୁରେଶ ମହାପାତ୍ର ବିମଳ କୁମାର ମହାନ୍ତି, ଗୁରୁ ଚରଣ ମହାନ୍ତି, ବାମନ ଚରଣ ପଣ୍ଡା, ବିଷ୍ଣୁ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ।

## 'ନୂତନ ଓଡ଼ିଶା ଗଠନର ମୁଖ୍ୟ ବିନ୍ଧାଣି ଥିଲେ ମହତାବ'

### ଡ. ହରେକୃଷ୍ଣ ମହତାବଙ୍କ ଜୟନ୍ତୀ

**କଟକ ଅଫିସ/ଚୌଦ୍ୱାର, ୨୧।୧୧(ଡି.ଏନ୍.ଏ.)**

ସ୍ୱାଧୀନତା ସଂଗ୍ରାମୀ ତଥା ଉତ୍କଳ କେଶରୀ ଡ. ହରେକୃଷ୍ଣ ମହତାବଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ମଧୁପାଟଣା ପ୍ରେସ୍‌ଛକଠାରେ ଥିବା ତାଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ପରେ ଜିଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ସେଠାରେ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ପୂର୍ବତନ ବିଧାୟକ ତଥା ଡ. ହରେକୃଷ୍ଣ ମହତାବ ଜୟନ୍ତୀ କମିଟିର କାର୍ଯ୍ୟକାରୀ ଅଧ୍ୟକ୍ଷ ପ୍ରଭାତ କୁମାର ତ୍ରିପାଠୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଏମ୍‌ପି ଭର୍ତ୍ତୃହରି ମହତାବ ଯୋଗଦେଇ କହିଥିଲେ, ଡ. ମହତାବଙ୍କ ଜୀବନ ସମାଜ ପାଇଁ ସମର୍ପିତ ଥିଲା। ସେହିପରି ସମ୍ମାନିତ ଅତିଥି ଭାବେ ବିଧାୟକ ଦେବୀ ପ୍ରସାଦ ମିଶ୍ର ଯୋଗଦେଇ କହିଥିଲେ, ନୂତନ ଓଡ଼ିଶା ଗଠନର ମୁଖ୍ୟ ବିନ୍ଧାଣି ଥିଲେ ଡ. ମହତାବ। ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମାଜର ଉତ୍ଥାନ ପାଇଁ ସେ ସର୍ବଦା ଚେଷ୍ଟା କରୁଥିଲେ। ଅନ୍ୟତମ ସମ୍ମାନିତ ଅତିଥି ବିଧାୟକ ମହମ୍ମଦ ମୋକିମ କହିଥିଲେ, ଡ. ମହତାବଙ୍କ ଦୂରଦୃଷ୍ଟି ଓ ବିଚକ୍ଷଣତା ପ୍ରଗତିର ନୂତନ ଅଧ୍ୟାୟ ସୃଷ୍ଟି କରିପାରିଥିଲା। ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ କହିଥିଲେ, ଡ. ମହତାବଙ୍କ ଆଦର୍ଶରେ ଯୁବପିଢି ଅନୁପ୍ରାଣିତ ହୋଇ ଦେଶ ସେବାରେ ନିୟୋଜିତ ହେଲେ ତାହା ତାଙ୍କ ପାଇଁ ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ହେବ। ସମ୍ମାନିତ ଅତିଥି ଜିଲାପାଳ ଭବାନୀ ଶଙ୍କର ଚୟନୀ କହିଥିଲେ, ମହତାବ ଏକାଧାରରେ ଜଣେ ସ୍ୱାଧୀନତା ସଂଗ୍ରାମୀ, ରାଜନୀତିଜ୍ଞ, ସାହିତ୍ୟିକ, ଦାର୍ଶନିକ ଥିଲେ। ସିଏମ୍‌ସି କମିଶନର ଅନନ୍ୟା ଦାସ କହିଥିଲେ, ଅସହଯୋଗ ଆନ୍ଦୋଳନକୁ ସଫଳ କରିବାରେ ଡ. ମହତାବଙ୍କ ଅବଦାନ ଅତୁଳନୀୟ । ଏହି କାର୍ଯ୍ୟକ୍ରମରେ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲଲାଟେନ୍ଦୁ ମହାପାତ୍ରଙ୍କ ସମେତ ବୁଦ୍ଧିଜୀବୀ, ଅଧିକାରୀ, ଗଣମାଧ୍ୟମ ପ୍ରତିନିଧି ଓ ଛାତ୍ରୀଛାତ୍ର ଯୋଗଦେଇଥିଲେ। ପ୍ରଫୁଲ୍ଲ କୁମାର ସିଂହ ଧନ୍ୟବାଦ ଦେଇଥିଲେ।

ଚୌଦ୍ୱାରସ୍ଥିତ ଶିଶୁସଦନରେ ଡ. ମହତାବଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ହିନ୍ଦ୍ ସେବକ ସଂଘର ରାଷ୍ଟ୍ରୀୟ ଅଧ୍ୟକ୍ଷ ଦାମୋଦର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଖବରଦାତା ରମେଶ ଚନ୍ଦ୍ର ସାମଲ, ପ୍ରକାଶ ନାୟକ, ସୁଧାକର ସାମନ୍ତରାୟ, ଅଶୋକ ଦାସ, ଅଜିତ୍ ସ୍ୱାଇଁ, ଅଧ୍ୟାପକ ସୌରେନ୍ଦ୍ର ପଣ୍ଡା, ଲକ୍ଷ୍ମୀଧର ଦାସ ପ୍ରମୁଖ ଯୋଗଦେଇ ମହତାବଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ଗଙ୍ଗାଧର ସାହୁ ସ୍ୱାଗତ ଭାଷଣ ଦେଇଥିଲେ।




ପୁରୀ ନାମ ପରିବର୍ତ୍ତନ ପ୍ରସ୍ତାବକୁ ବିରୋଧ କରି ରବିବାର ପୁରୀ ନାମ ସୁରକ୍ଷା କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ବାହାରି ଥିବା ଶୋଭାଯାତ୍ରା।



ଡ. ହରେକୃଷ୍ଣ ମହତାବଙ୍କ ଜୟନ୍ତୀ ଅବସରରେ ରବିବାର ବିଧାନସଭା ପରିସର ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ ଉପସ୍ଥିତ ଉପବାଚସ୍ପତି ରଜନୀକାନ୍ତ ସିଂ ଓ ଅନ୍ୟମାନେ।



ସାହିତ୍ୟିକ ବିଦ୍ୟାଧର ବାରିକଙ୍କ ସ୍ମୃତି ଉଦ୍ଦେଶ୍ୟରେ ଭୁବନେଶ୍ୱରସ୍ଥିତ ଜାତୀୟ ଅଭିଲେଖାଗାରରେ ରବିବାର ଅନୁଷ୍ଠିତ କବିତା ପାଠୋତ୍ସବ ଓ ଆଲୋଚନାଚକ୍ରରେ ଯୋଗ ଦେଇଥିବା ଅତିଥିମାନେ।